ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ

ତାଙ୍କର ଜୀବନୀ ଏବଂ ଶିକ୍ଷାମୃତ

କୃଷ୍ଣକୃପା ଶ୍ରୀମୂର୍ତ୍ତି

ଶ୍ରୀ ଶ୍ରୀମଦ୍ ଏ. ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ

ପ୍ରତିଷ୍ଠାତା-ଆଚାର୍ଯ୍ୟ ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାମୃତ ସଂଘ

ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ

ତାଙ୍କର ଜୀବନୀ ଏବଂ ଶିକ୍ଷାମୃତ

ପଞ୍ଚତତ୍ତ୍ୱ - ଭଗବାନ୍ ଶ୍ରୀଚୈତନ୍ୟ ଓ ତାଙ୍କର ପାର୍ଷଦ

ପ୍ରସ୍ତାବନା

ଶ୍ରୀଚୈତନ୍ୟ ମହାପ୍ରଭୁ ଏଠାରେ ଯେଉଁ ଶିକ୍ଷା ଦେଉଛନ୍ତି ଓ *ଶ୍ରୀମଦ୍ ଭଗବଦ୍‌ଗୀତା* ରେ ଭଗବାନ୍ ଶ୍ରୀକୃଷ୍ଣ ଯେଉଁ ଶିକ୍ଷା ଦେଇଛନ୍ତି, ତନ୍ମଧ୍ୟରେ କୌଣସି ପାର୍ଥକ୍ୟ ନାହିଁ । ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଶିକ୍ଷା ଭଗବାନ୍ ଶ୍ରୀକୃଷ୍ଣଙ୍କ ଶିକ୍ଷାର ବାସ୍ତବ ପ୍ରଦର୍ଶନ ଅଟେ । *ଭଗବଦ୍‌ଗୀତା*ରେ ଭଗବାନ୍ ଶ୍ରୀକୃଷ୍ଣଙ୍କ ଶିକ୍ଷାର ଶେଷ କଥା (ସିଦ୍ଧାନ୍ତ) ହେଉଛି, ପ୍ରତ୍ୟେକ ତାଙ୍କର (ଭଗବାନ୍ ଶ୍ରୀକୃଷ୍ଣଙ୍କର) ପଦାରବିନ୍ଦରେ ଶରଣାଗତି ଆଚରଣ କରିବା ଉଚିତ । ଭଗବାନ୍ ଶ୍ରୀକୃଷ୍ଣ ପ୍ରତିଜ୍ଞାକରି କହିଛନ୍ତି, ସେ ଏ ପ୍ରକାର ଏକ ଶରଣାଗତ ଆତ୍ମାର ଦାୟିତ୍ୱ ସ୍ୱୟଂ ତୁରନ୍ତ ବହନ କରନ୍ତି । ଭଗବାନ୍ ତାଙ୍କର ବିସ୍ତୃତାଂଶ କ୍ଷୀରୋଦକଶାୟୀ ବିଷ୍ଣୁ ରୂପରେ ଏ ସୃଷ୍ଟିର ପ୍ରତିପାଳନର ଦାୟିତ୍ୱ ନେଇଛନ୍ତି କିନ୍ତୁ ଏହା ପ୍ରତ୍ୟକ୍ଷ ପ୍ରତିପାଳନ ନୁହେଁ । ଅବଶ୍ୟ ଭଗବାନ୍ ଯେତେବେଳେ କହୁଛନ୍ତି ଯେ ସେ ତାଙ୍କର ଶୁଦ୍ଧ ଭକ୍ତଙ୍କର ସଂପୂର୍ଣ୍ଣ ଦାୟିତ୍ୱ ନିଅନ୍ତି, ସେତେବେଳେ ସେ ବାସ୍ତବରେ ପ୍ରତ୍ୟକ୍ଷ ଭାବରେ ଏ ଦାୟିତ୍ୱ ବହନ କରନ୍ତି । ଏକ ଶୁଦ୍ଧଭକ୍ତ ସର୍ବଦା (ବରାବର) ଭଗବାନଙ୍କଠାରେ ପ୍ରପନ୍ନ ହୋଇଥାଏ । ଯେପରି ଏକ ଶିଶୁ ପିତାମାତାଙ୍କ ଉପରେ ସଂପୂର୍ଣ୍ଣ ରୂପେ ନିର୍ଭରକରିଥାଏ କିମ୍ବା ଏକ ପ୍ରାଣୀ ତା'ର ମୁନିବ ଉପରେ ସଂପୂର୍ଣ୍ଣ ରୂପରେ ନିର୍ଭର କରିଥାଏ, ଠିକ୍ ସେହିପରି ଏକ ଶୁଦ୍ଧଭକ୍ତ ଭଗବାନଙ୍କ ଉପରେ ସଂପୂର୍ଣ୍ଣରୂପେ ନିର୍ଭରଶୀଳ ହୋଇଥାଏ । ଶରଣାଗତି ମାର୍ଗରେ ବ୍ୟକ୍ତି ନିମ୍ନଲିଖିତ ଛ'ପ୍ରକାର ଆଚରଣ କରିଥାଏ । ଯଥା (୧) ଭକ୍ତିଯୋଗ ମାର୍ଗରେ ଯାହା ଅନୁକୂଳ ତାହା ସେ ଗ୍ରହଣ କରେ, (୨) ଭକ୍ତିଯୋଗ ମାର୍ଗରେ ଯାହା ପ୍ରତିକୂଳ ତାହା ସେ ତ୍ୟାଗକରେ, (୩) ଭଗବାନଙ୍କ ସୁରକ୍ଷା ଉପରେ ଦୃଢ଼ବିଶ୍ୱାସ ରଖେ, (୪) ଭଗବାନଙ୍କ କୃପା ଉପରେ ଏକାନ୍ତ ଭାବରେ ନିର୍ଭର କରେ, (୫) ଯାହା ଭଗବତ୍ ଇଚ୍ଛା ତଦ୍‌ବ୍ୟତୀତ ଭକ୍ତର ଅନ୍ୟ କିଛି ନଥାଏ ଏବଂ (୬) ସର୍ବଦା ସେ ବିନୟ ଭାବ ପ୍ରଦର୍ଶନ କରେ ।

ଶରଣାଗତିର ଏଇ ଛ'ଟି କଥା ଅନୁସରଣ କରି ବ୍ୟକ୍ତି ଭଗବାନଙ୍କର ଶରଣାଗତ ହେଉ, ଏହି ଉଦ୍ଦେଶ୍ୟରେ ଭଗବାନ୍ ଅବତୀର୍ଣ୍ଣ ହୁଅନ୍ତି ; କିନ୍ତୁ

ପୃଥିବୀର ବୁଦ୍ଧିହୀନ ତଥାକଥିତ ପଣ୍ଡିତଗଣ ଏହାକୁ ଭୁଲ୍ ବୁଝନ୍ତି ଏବଂ ସାଧାରଣ ଲୋକମାନଙ୍କୁ ଏହାକୁ ପ୍ରତ୍ୟାଖ୍ୟାନ କରିବା ନିମିତ୍ତ ପ୍ରେରଣା ଦିଅନ୍ତି। ଭଗବଦ୍‌ଗୀତାର ନବମ ଅଧ୍ୟାୟର ଶେଷରେ ଭଗବାନ୍ ଶ୍ରୀକୃଷ୍ଣ ସିଧାସଳଖ କହିଛନ୍ତି, "ସର୍ବଦା ତୁମର ମନରେ ମୋତେ ସ୍ମରଣ କର, ମୋତେ ପୂଜାକର ଏବଂ ମୋତେ ପ୍ରଣାମ ଜଣାଅ। ତୁମେ ସଂପୂର୍ଣ୍ଣ ରୂପେ ମୋଠାରେ ଯୁକ୍ତ ହେଲେ, ତୁମେ ନିଶ୍ଚୟ ମୋ ପାଖକୁ ଆସିବ।" (*ଭଗବଦ୍‌ଗୀତା:୯/୩୪*) କିନ୍ତୁ ତଥାକଥିତ ଭୌତିକ ରାକ୍ଷସ-ପଣ୍ଡିତଗଣ ସାଧାରଣ ଲୋକଙ୍କୁ ପରମ ପୁରୁଷ ଭଗବାନଙ୍କ କଥା ନ କହି ନିର୍ବିଶେଷ ଶୂନ୍ୟ ଅବ୍ୟକ୍ତ ସନାତନ ବ୍ରହ୍ମର କଥା କହି ଭ୍ରମିତ କରାନ୍ତି। ନିର୍ବିଶେଷବାଦୀ ବା ମାୟାବାଦୀ ଦାର୍ଶନିକଗଣ ଏକଥା ସ୍ୱୀକାର କରନ୍ତି ନାହିଁ ଯେ, ଅଦ୍ୱୟ ସତ୍ୟଙ୍କର ଅନ୍ତିମ ପ୍ରକାଶ ହେଉଛି ଭଗବାନ୍ ପ୍ରକାଶ। ଯଦି କେହି ସୂର୍ଯ୍ୟଙ୍କୁ ଯଥାନୁରୂପ ବୁଝିବାକୁ ଇଚ୍ଛାକରେ, ତାହାହେଲେ ସେ ପ୍ରଥମେ ସୂର୍ଯ୍ୟ କିରଣ ଆଡ଼କୁ ଦୃଷ୍ଟିପାତ କରିବ। ତତ୍ପରେ ସୂର୍ଯ୍ୟମଣ୍ଡଳ ଆଡ଼କୁ ଯିବ ଏବଂ ସୂର୍ଯ୍ୟ ମଣ୍ଡଳରେ ପ୍ରବେଶ କରିବାପରେ ସେ ପ୍ରତ୍ୟକ୍ଷ ଭାବରେ ସୂର୍ଯ୍ୟଲୋକର ଅଧିଷ୍ଠାତୃ ଦେବତା ସୂର୍ଯ୍ୟଦେବଙ୍କୁ ଦେଖିବ। ଜ୍ଞାନର ସ୍ୱଳ୍ପତା ହେତୁ, ମାୟାବାଦୀ ଦାର୍ଶନିକଗଣ ବ୍ରହ୍ମଜ୍ୟୋତିର ଉର୍ଦ୍ଧ୍ୱକୁ ଯାଇପାରନ୍ତି ନାହିଁ। (ବ୍ରହ୍ମଜ୍ୟୋତିକୁ ସୂର୍ଯ୍ୟକିରଣ ସହିତ ତୁଳନା କରାଯାଇପାରେ)। ଉପନିଷଦମାନଙ୍କରେ କୁହାଯାଇଛି ଯେ, ବ୍ୟକ୍ତି ଭଗବାନଙ୍କର ପ୍ରକୃତ ମୁଖ ଦର୍ଶନ କରିବା ପୂର୍ବରୁ ଅତ୍ୟୁଜ୍ଜ୍ୱଳ ବ୍ରହ୍ମଜ୍ୟୋତିକୁ ଭେଦକରି ଉର୍ଦ୍ଧ୍ୱକୁ ଯିବା ଉଚିତ।

ତେଣୁ ଶ୍ରୀଚୈତନ୍ୟ ମହାପ୍ରଭୁ ସିଧାସଳଖ ଭଗବାନ୍ ଶ୍ରୀକୃଷ୍ଣଙ୍କର ପୂଜା କରିବାକୁ ଶିକ୍ଷା ଦେଇଛନ୍ତି, (ଯେଉଁ ଭଗବାନ୍ ଶ୍ରୀକୃଷ୍ଣ ନନ୍ଦମହାରାଜଙ୍କର ପୁତ୍ରରୂପେ ଅବତୀର୍ଣ୍ଣ ହୋଇଥିଲେ) ଅର୍ଥାତ୍ ଯାହାଙ୍କୁ 'ବ୍ରଜେଶ ତନୟ' କୁହାଯାଏ, ସେ ମଧ୍ୟ କହିଛନ୍ତି ଯେ, ବୃନ୍ଦାବନ ଭଗବାନ୍ କୃଷ୍ଣଙ୍କ ତୁଲ୍ୟ ଆରାଧ୍ୟ ଅଟେ, କାରଣ ଭଗବାନ୍ ଶ୍ରୀକୃଷ୍ଣ ଓ ତାଙ୍କର ନାମ, ଗୁଣ, ଲୀଳା, ରୂପ (ବା ବିଗ୍ରହ) ତଥା ତାଙ୍କର ପାର୍ଷଦ ଓ ଲୀଳା ସ୍ଥାନ ଆଦି ମଧ୍ୟରେ କୌଣସି ପାର୍ଥକ୍ୟ ନଥାଏ। ଏହା ଅଦ୍ୱୟ ସତ୍ୟଙ୍କର ଅଦ୍ୱୟ ପ୍ରକୃତି ଅଟେ।

ଶ୍ରୀଚୈତନ୍ୟ ମହାପ୍ରଭୁ ମଧ୍ୟ ଏହା ଅନୁମୋଦନ କରିଛନ୍ତି ଯେ, ସର୍ବୋଚ୍ଚ ସ୍ତରରେ ସର୍ବୋଚ୍ଚତମ ଆରାଧନା ପଦ୍ଧତି ହେଉଛି, ବ୍ରଜାଙ୍ଗନା ମାନଙ୍କର

କୃଷ୍ଣ ଆରାଧନା ପଦ୍ଧତି। ବ୍ରଜାଙ୍ଗନାମାନେ (ଅର୍ଥାତ୍ ବ୍ରଜର ଗୋପୀମାନେ) କୌଣସି ପ୍ରକାର ଭୌତିକ କିମ୍ବା ଆଧ୍ୟାତ୍ମିକ ଲାଭର ଉଦ୍ଦେଶ୍ୟ ନରଖି କୃଷ୍ଣଙ୍କୁ ଭଲ ପାଉଥିଲେ। ଶ୍ରୀ ଚୈତନ୍ୟ ମହାପ୍ରଭୁ ମଧ୍ୟ ଏହା ଅନୁମୋଦନ କରିଛନ୍ତି ଯେ, ଶ୍ରୀମଦ୍ ଭାଗବତମ୍ ହେଉଛି ବିଶୁଦ୍ଧ ପ୍ରମାଣ ମୂଳକ ଗ୍ରନ୍ଥ। ଏଥିରେ ଯେଉଁ ଦିବ୍ୟ ଜ୍ଞାନର ବ୍ୟାଖ୍ୟା କରାଯାଇଛି, ତାହା ବିଶୁଦ୍ଧ ଅଟେ। ପୁନଶ୍ଚ ସେ ମଧ୍ୟ କହିଛନ୍ତି ଯେ, ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ବିଶୁଦ୍ଧ ପ୍ରେମଭାବ ବର୍ଦ୍ଧନ କରିବା ହିଁ ଜୀବନର ସର୍ବୋଚ୍ଚ ଲକ୍ଷ୍ୟ ଅଟେ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଶିକ୍ଷା, ସାଂଖ୍ୟ ଯୋଗର ମୌଳିକ ପ୍ରବର୍ତ୍ତକ ଶ୍ରୀକପିଳ ଦେବଙ୍କର ଶିକ୍ଷା ସହ ସମାନ। ଭଗବାନଙ୍କର ଦିବ୍ୟ ରୂପକୁ ଧ୍ୟାନ କରିବା ହେଉଛି ଯୋଗର ପ୍ରାମାଣିକ ପଦ୍ଧତି। ଶୂନ୍ୟକୁ ଧ୍ୟାନ କରିବାର କୌଣସି ପ୍ରଶ୍ନନାହିଁ। କୌଣସି ପ୍ରକାର ଆସନ ଅଭ୍ୟାସ ନ କରି ବ୍ୟକ୍ତି ଭଗବାନ୍ ବିଷ୍ଣୁଙ୍କର ଦିବ୍ୟ ରୂପକୁ ଧ୍ୟାନ କରିପାରେ। ଏ ପ୍ରକାର ଧ୍ୟାନକୁ ପୂର୍ଣ୍ଣ ସମାଧି ବୋଲି କୁହାଯାଏ। *ଭଗବଦ୍‌ଗୀତା*ର ଷଷ୍ଠ ଅଧ୍ୟାୟର ଉପସଂହାରରେ ଏହି ପୂର୍ଣ୍ଣ ସମାଧିର କଥା କୁହାଯାଇଛି। ସେଠାରେ ଭଗବାନ୍ ଶ୍ରୀକୃଷ୍ଣ କହିଛନ୍ତି, ସମସ୍ତ ପ୍ରକାର ଯୋଗୀ ମଧ୍ୟରେ ଯେ ସର୍ବଦା ଦିବ୍ୟ ପ୍ରେମ ଭାବରେ ମୋର ଆରାଧନା କରି ଗଭୀର ଶ୍ରଦ୍ଧା ସହକାରେ ମୋ ସହିତ ସହିତ ଯୁକ୍ତ ହୋଇଥାଏ ; ସେ ଘନିଷ୍ଠ ଭାବରେ ମୋ ସହିତ ଯୋଗଯୁକ୍ତ ହୋଇଥାଏ ଏବଂ ସେ ସର୍ବୋତ୍ତମ ଯୋଗୀ ଅଟେ। (*ଭଗବଦ୍‌ଗୀତା:୬/୪୨*)

(ଘ) ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ : ତାଙ୍କର ଜୀବନୀ ଏବଂ ଶିକ୍ଷାମୃତ

ଶ୍ରୀଚୈତନ୍ୟ ମହାପ୍ରଭୁ ଅଚିନ୍ତ୍ୟ ଭେଦାଭେଦ ତତ୍ତ୍ୱ ସାଂଖ୍ୟ ଦର୍ଶନର ଶିକ୍ଷା ସମଗ୍ର ମାନବ ସମାଜକୁ ଦେଇଛନ୍ତି। ଏହାର ତାତ୍ପର୍ଯ୍ୟ ହେଉଛି, ଭଗବାନ୍ ଏକ ସଙ୍ଗରେ ତାଙ୍କର ସୃଷ୍ଟି ସହ ଅଭିନ୍ନ ଏବଂ ଭିନ୍ନ। ଭଗବାନଙ୍କର ଦିବ୍ୟନାମ ସଂକୀର୍ତ୍ତନ ଜରିଆରେ ଶ୍ରୀଚୈତନ୍ୟ ମହାପ୍ରଭୁ ଏ ଦର୍ଶନ ଶିକ୍ଷା ଦେଇଛନ୍ତି। ସେ ଏହି ଶିକ୍ଷା ଦେଇଛନ୍ତି ଯେ, ଭଗବାନଙ୍କର ଦିବ୍ୟନାମ, ଭଗବାନଙ୍କର ଧ୍ୱନି ଅବତାର ଅଟେ ଏବଂ ଯେହେତୁ ଭଗବାନ୍ ଅଦ୍ୱୟ ପୂର୍ଣ୍ଣ ଅଟନ୍ତି, ତେଣୁ ତାଙ୍କର ଦିବ୍ୟନାମ ଏବଂ ଦିବ୍ୟରୂପ ମଧ୍ୟରେ କୌଣସି ପ୍ରଭେଦ ନାହିଁ। ତେଣୁ ଏହିପରିଭାବରେ ବ୍ୟକ୍ତି ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରି, ଧ୍ୱନି ତରଙ୍ଗ ମାଧ୍ୟମରେ ପ୍ରତ୍ୟକ୍ଷ ଭାବରେ ଭଗବାନଙ୍କ ସହ ଯୁକ୍ତ ହୋଇପାରେ। ବ୍ୟକ୍ତି ଏହି ଦିବ୍ୟନାମ କୀର୍ତ୍ତନ ଅଭ୍ୟାସ କଲେ ସେ କ୍ରମୋନ୍ନତିର ତିନୋଟି ସ୍ତର ମଧ୍ୟ ଦେଇ ଗତି କରେ। ଯଥା ଅପରାଧ–ପୂରିତ ସ୍ତର, ଅପରାଧ ପ୍ରତି ସଚେତନ ହେବାର ସ୍ତର ଏବଂ ନିରପରାଧ ସ୍ତର ବା ଦିବ୍ୟ ସ୍ତର। ଅପରାଧ–ପୂରିତ ସ୍ତରରେ ବ୍ୟକ୍ତି ସମସ୍ତପ୍ରକାର ଭୌତିକ ସୁଖ–ଭୋଗ କାମନା କରିପାରେ: କିନ୍ତୁ ଦ୍ୱିତୀୟ ସ୍ତରରେ ସେ ସମସ୍ତ ଭୌତିକ ଦୋଷରୁ ମୁକ୍ତ ହୋଇଯାଏ। ଯେତେବେଳେ ସେ ଦିବ୍ୟ ସ୍ତରରେ ଉପନୀତ ହୁଏ, ସେତେବେଳେ ସେ ଏକ ଲୋଭନୀୟ ସ୍ଥିତି ଅର୍ଥାତ୍ ଭଗବତ୍ ପ୍ରେମମୟ ସ୍ଥିତି ଲାଭକରେ। ଶ୍ରୀଚୈତନ୍ୟ ମହାପ୍ରଭୁ ଶିକ୍ଷା ଦେଇଛନ୍ତି ଯେ, ଏହା ହେଉଛି ମାନବ ପକ୍ଷରେ ସିଦ୍ଧିର ସର୍ବୋଚ୍ଚ ସ୍ଥିତି।

ଇନ୍ଦ୍ରିୟ ସଂଯମ ନିମିତ୍ତ ଯୋଗାଭ୍ୟାସ ଆବଶ୍ୟକ। ସମସ୍ତ ଇନ୍ଦ୍ରିୟ ମଧ୍ୟରେ ମନ ସର୍ବଶ୍ରେଷ୍ଠ। ତେଣୁ ତା'ର ସଂଯମ ହେଉଛି ପ୍ରଧାନ ସଂଯମ। ଅତଏବ ବ୍ୟକ୍ତିକୁ ପ୍ରଥମେ ମନକୁ ସଂଯତ କରିବାକୁ ପଡ଼ିବ କିପରି? ମନକୁ କୃଷ୍ଣଚେତନାରେ ଲଗାଇଲେ ମନ ସହଜରେ ସଂଯତ ହୁଏ। ମନର ସ୍ଥୂଳକର୍ମଗୁଡ଼ିକ ବାହ୍ୟ ଇନ୍ଦ୍ରିୟମାନଙ୍କ ସାହାର୍ଯ୍ୟରେ ପ୍ରକାଶିତ ହୁଏ। ଏହା ଜ୍ଞାନ ଆହରଣରେ କିମ୍ବା ଇଚ୍ଛାନୁଯାୟୀ ଇନ୍ଦ୍ରିୟମାନଙ୍କୁ ବ୍ୟବହାର କରିବାରେ ପ୍ରକାଶିତ ହୁଏ। ମନର ସୂକ୍ଷ୍ମ କ୍ରିୟାମାନ ହେଉଛି ଚିନ୍ତା କରିବା, ଅନୁଭବ କରିବା ଏବଂ ଇଚ୍ଛା କରିବା। ବ୍ୟକ୍ତିର ଚେତନା ଅନୁଯାୟୀ ସେ ଦୂଷିତ କିମ୍ବା ବିଶୁଦ୍ଧ ଅଟେ। ଯଦି ବ୍ୟକ୍ତିର ମନ କୃଷ୍ଣଙ୍କଠାରେ ସ୍ଥିର ହୁଏ (ଅର୍ଥାତ୍ କୃଷ୍ଣଙ୍କର

ନାମ, ଗୁଣ, ରୂପ, ଲୀଳା, ପାର୍ଷଦ ଓ ସମ୍ବନ୍ଧୀୟ ପଦାର୍ଥ ଆଦିରେ ଯୁକ୍ତ ହୁଏ), ତାହା ହେଲେ ବ୍ୟକ୍ତିର ସମସ୍ତ କର୍ମ (ଉଭୟ ସ୍ଥୂଳ ଓ ସୂକ୍ଷ୍ମ କର୍ମ) ଅନୁକୂଳ ହୋଇଯାଏ । *ଭଗବଦ୍‌ଗୀତା*ର ପଦ୍ଧତି ଅନୁଯାୟୀ ଚେତନାକୁ ବିଶୁଦ୍ଧ କରିବାର ପନ୍ଥା ହେଉଛି, ମନକୁ କୃଷ୍ଣଙ୍କଠାରେ ଲଗାଇବା । ତାଙ୍କର ଦିବ୍ୟଲୀଳା ବର୍ଣ୍ଣନା କରିବା ଦ୍ୱାରା, ତାଙ୍କର ମନ୍ଦିର ମାର୍ଜନ କରିବା ଦ୍ୱାରା, ତାଙ୍କର ମନ୍ଦିରକୁ ଯିବା ଦ୍ୱାରା, ଭଗବାନଙ୍କର ଅତି ସୁସଜ୍ଜିତ ଦିବ୍ୟ ବିଗ୍ରହକୁ ଦର୍ଶନ କରିବା ଦ୍ୱାରା, ତାଙ୍କର ଦିବ୍ୟ କଥା ଶ୍ରବଣ କରିବା ଦ୍ୱାରା, ତାଙ୍କୁ ଅର୍ପିତ ପ୍ରସାଦ ସେବନ ଦ୍ୱାରା ତାଙ୍କର ଭକ୍ତମାନଙ୍କର ସଙ୍ଗ କରିବା ଦ୍ୱାରା, ତାଙ୍କୁ ଅର୍ପିତ ପୁଷ୍ପ ଏବଂ ତୁଳସୀ ଆଘ୍ରାଣ କରିବା ଦ୍ୱାରା ଏବଂ ତାଙ୍କ କର୍ମରେ ନିଯୁକ୍ତ ହେବା ଦ୍ୱାରା ମନକୁ କୃଷ୍ଣଙ୍କଠାରେ ଲଗାଇ ଦିଆଯାଏ । ମନ ଓ ଇନ୍ଦ୍ରିୟମାନଙ୍କର କ୍ରିୟାକୁ କେହି ବନ୍ଦ କରିପାରିବେ ନାହିଁ କିନ୍ତୁ ଚେତନାରେ ପରିବର୍ତ୍ତନ ଆଣି ବ୍ୟକ୍ତି ମନ

ଓ ଇନ୍ଦ୍ରିୟର କର୍ମକୁ ବିଶୁଦ୍ଧ କରିପାରେ। *ଭଗବଦ୍‌ଗୀତା*ରେ ଏହି ପରିବର୍ତ୍ତନର କଥା କୁହାଯାଇଅଛି। ଯେତେବେଳେ ଭଗବାନ୍ ଶ୍ରୀକୃଷ୍ଣ ଅର୍ଜୁନଙ୍କୁ ଯୋଗ କଥା କହିଲେ, ଅର୍ଥାତ୍ କର୍ମ ଫଳରେ ଆସକ୍ତି ନରଖି କର୍ମ କରିବା କଥା କହିଲେ, ସେତେବେଳେ ଏହାର ସୂଚନା ଦିଆଗଲା: *ଭଗବଦ୍‌ଗୀତା* (୨/୩୯)ରେ କୁହାଯାଇଛି, "ହେ ପୃଥା ପୁତ୍ର, ତୁମେ ଯେତେବେଳେ ଏ ପ୍ରକାର ବୁଦ୍ଧିରେ କାର୍ଯ୍ୟ କରିବ, ସେତେବେଳେ ତୁମେ କର୍ମର ବନ୍ଧନରୁ ମୁକ୍ତ ହୋଇପାରିବ।" କେତେକ ପରିସ୍ଥିତିରେ ଅର୍ଥାତ୍ ରୋଗ ବା ବ୍ୟାଧି ଅବସ୍ଥାରେ ମାନବ କେତେକ ପରିମାଣରେ ବେଳେବେଳେ ଇନ୍ଦ୍ରିୟ ତୃପ୍ତିରୁ ବିରତ ହୁଏ ; କିନ୍ତୁ ଏହା ଇନ୍ଦ୍ରିୟ ନିରୋଧର ବ୍ୟବସ୍ଥା ନୁହେଁ। ମନ ଓ ଇନ୍ଦ୍ରିୟକୁ ସଂଯତ କରିବାର ପ୍ରକୃତ ପନ୍ଥା କ'ଣ, ତାହା ନଜାଣି ଅଳ୍ପ ବୁଦ୍ଧିସଂପନ୍ନ ଲୋକେ ବଳପୂର୍ବକ ମନ ଓ ଇନ୍ଦ୍ରିୟମାନଙ୍କର କ୍ରିୟାକୁ ନିରୋଧ କରିବାକୁ ଚେଷ୍ଟାକରନ୍ତି କିମ୍ବା ସେମାନଙ୍କର ବଶୀଭୂତ ହୁଅନ୍ତି, ଅର୍ଥାତ୍ ଇନ୍ଦ୍ରିୟ ତୃପ୍ତିର ତରଙ୍ଗରେ ଭାସିପାରନ୍ତି।

ଯମ, ନିୟମ, ଆସନ, ପ୍ରାଣାୟମ ଆଦି ସେହିମାନଙ୍କ ପାଇଁ ଉଦ୍ଦିଷ୍ଟ, ଯେଉଁମାନେ ଅତିଶୟ ଶରୀର ଧାରଣାରେ ଅଛନ୍ତି। ଆସନ, ପ୍ରାଣାୟମର ଉଦ୍ଦେଶ୍ୟ ହେଉଛି, ଇନ୍ଦ୍ରିୟମାନଙ୍କୁ ଇନ୍ଦ୍ରିୟଭୋଗ୍ୟ ବିଷୟ ବସ୍ତୁରୁ ଦୂରେଇବା। ଯେଉଁ ବୁଦ୍ଧିମାନ ବ୍ୟକ୍ତି କୃଷ୍ଣଚେତନାରେ ସ୍ଥିର ହୋଇଛି, ସେ କଦାପି ଇନ୍ଦ୍ରିୟମାନଙ୍କୁ ଜବରଦସ୍ତି କ୍ରିୟା ରହିତ କରାଇବ ନାହିଁ, ବରଂ ସେ ତାର ଇନ୍ଦ୍ରିୟମାନଙ୍କୁ କୃଷ୍ଣଙ୍କ ସେବାରେ ନିଯୁକ୍ତ କରିବ। ଶିଶୁକୁ ନିଷ୍କ୍ରିୟ କରାଇ ପିଲାର ଖେଳ କେହି ବନ୍ଦ କରିପାରିବେ ନାହିଁ। ପିଲାକୁ ଉନ୍ନତ କ୍ରିୟାରେ ନିଯୁକ୍ତ କରାଇ କୁକର୍ମ କରିବା ବନ୍ଦ କରାଯାଇପାରେ। ଯେଉଁମାନେ ଅତି ନୀଚ ସ୍ତରର ବ୍ୟକ୍ତି, ସେହିମାନଙ୍କ ପାଇଁ ଅଷ୍ଟାଙ୍ଗ ଯୋଗବିଧି ଦିଆଯାଇଅଛି, ଅର୍ଥାତ୍ ଇନ୍ଦ୍ରିୟମାନଙ୍କୁ ଜବରଦସ୍ତ ନିରୋଧ କରିବାକୁ ଦିଆଯାଇଅଛି। ଯେଉଁମାନେ ଉନ୍ନତ ବ୍ୟକ୍ତି, ସେମାନେ କୃଷ୍ଣଚେତନାରେ ଉନ୍ନତ କର୍ମରେ ନିଯୁକ୍ତ ରହି ସ୍ୱତଃ ଭୌତିକ ସ୍ଥିତିର ନୀଚତର କର୍ମରୁ ଦୂରେଇଯାନ୍ତି। ଏହିପରିଭାବରେ ଶ୍ରୀଚୈତନ୍ୟ ମହାପ୍ରଭୁ କୃଷ୍ଣଚେତନା ବିଜ୍ଞାନ ଶିକ୍ଷା ଦେଇଛନ୍ତି। ସେ ବିଜ୍ଞାନ ହେଉଛି ଅଦ୍ୱୟ। ଶୁଷ୍କ ଦାର୍ଶନିକଗଣ ଅର୍ଥାତ୍ ମନୋଧର୍ମୀଗଣ ଭୌତିକ ଆସକ୍ତିରୁ ଦୂରେଇବା ନିମିତ୍ତ ଖୁବ୍ ଚେଷ୍ଟାକରନ୍ତି କିନ୍ତୁ

ସାଧାରଣତଃ ଦେଖାଯାଏ, ମନକୁ ନିରୋଧ କରିବା ବଡ଼ ଦୁଷ୍କର ବ୍ୟାପାର ଏବଂ ସେ ଦୁର୍ଦ୍ଦାନ୍ତ ମନ ସେମାନଙ୍କୁ (ମନୋଧର୍ମୀ ଦାର୍ଶନିକମାନଙ୍କୁ) ଟାଣି ଓଟାରି ନେଇ ଇନ୍ଦ୍ରିୟ କର୍ମରେ ଲଗାଏ, କିନ୍ତୁ ଏକ କୃଷ୍ଣ-ଚେତନଶୀଳ ବ୍ୟକ୍ତି ଏ ପ୍ରକାର ବିପଦରେ ପଡ଼େନାହିଁ। ବ୍ୟକ୍ତିକୁ କୃଷ୍ଣ କୈନ୍ଦ୍ରିକ କର୍ମରେ ମନ ଓ ଇନ୍ଦ୍ରିୟମାନଙ୍କୁ ଲଗାଇବାକୁ ପଡ଼ିବ ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁ ଶିକ୍ଷା ଦେଇଛନ୍ତି, ଦୈନନ୍ଦିନ ଜୀବନରେ କିପରି ଏହା ଆଚରଣ କରିବାକୁ ପଡ଼ିବ। ସନ୍ନ୍ୟାସ ଗ୍ରହଣ ପୂର୍ବରୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ନାମ ଥିଲା ବିଶ୍ୱମ୍ଭର। ଯେ ସମସ୍ତ ବ୍ରହ୍ମାଣ୍ଡ ଓ ସେଥିରେ ଥିବା ଜୀବମାନଙ୍କର ପରିପାଳନ କର୍ତ୍ତା ତାଙ୍କୁ ବିଶ୍ୱମ୍ଭର କୁହାଯାଏ। ଏହି ପରିପାଳନ କର୍ତ୍ତା ଓ ନେତା ମାନବ ସମାଜକୁ ଏ ମହନୀୟ ଶିକ୍ଷାଦେବା ନିମିତ୍ତ ଶ୍ରୀକୃଷ୍ଣ ଚୈତନ୍ୟ ରୂପରେ ଆବିର୍ଭୂତ ହୋଇଥିଲେ। ଜୀବନର ପରମ ଆବଶ୍ୟକତା କ'ଣ ଏ ସମ୍ବନ୍ଧରେ ଶିକ୍ଷା ଦେବା ନିମିତ୍ତ ଆଦର୍ଶ ଶିକ୍ଷକ ହେଉଛନ୍ତି ଶ୍ରୀଚୈତନ୍ୟ ମହାପ୍ରଭୁ। କୃଷ୍ଣପ୍ରେମ ପ୍ରଦାନ କରିବାରେ ସେ ଅତ୍ୟନ୍ତ ମୁକ୍ତହସ୍ତ। ସମସ୍ତ କୃପା ଓ ସୌଭାଗ୍ୟର ପୂର୍ଣ୍ଣ ଆଧାରସ୍ଥଳୀ ହେଉଛନ୍ତି ଶ୍ରୀଚୈତନ୍ୟ ମହାପ୍ରଭୁ। *ଶ୍ରୀମଦ୍ ଭାଗବତ, ଭଗବଦ୍‌ଗୀତା, ମହାଭାରତ* ଏବଂ ଉପନିଷଦ ମାନଙ୍କ ବାଣୀ ଅନୁଯାୟୀ ସେ ହେଉଛନ୍ତି ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ଏବଂ ଏ କଳିଯୁଗରେ ସେ ସମସ୍ତଙ୍କର ପୂଜ୍ୟ। ପ୍ରତ୍ୟେକ ବ୍ୟକ୍ତି ତାଙ୍କର ସଂକୀର୍ତ୍ତନ ଆନ୍ଦୋଳନରେ ଯୋଗଦେଇପାରନ୍ତି। କୌଣସି ପ୍ରକାର ପୂର୍ବ ଯୋଗ୍ୟତାର ଆବଶ୍ୟକତା ନାହିଁ। କେବଳ ତାଙ୍କର ଶିକ୍ଷାକୁ ଗ୍ରହଣ କଲେହିଁ ଯେକୌଣସି ବ୍ୟକ୍ତି ଏକ ସତ୍‌ମାନବ ହୋଇପାରିବ। ଯଦି କୌଣସି ଭାଗ୍ୟବାନ୍ ବ୍ୟକ୍ତି ତାଙ୍କ ପ୍ରତି ଆକୃଷ୍ଟ ହୁଏ, ତାହାହେଲେ ସେ ନିଶ୍ଚୟ ଜୀବନରେ ପରିପୂର୍ଣ୍ଣତା ଲାଭ କରିବ। ଅନ୍ୟକଥାରେ ଏହାହିଁ କୁହାଯାଇପାରେ ଯେଉଁମାନେ ଆଧ୍ୟାତ୍ମିକ ସ୍ଥିତି ଲାଭ କରିବାରେ ଆଗ୍ରହୀ, ସେମାନେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର କୃପାବଳରେ ଅତି ସହଜରେ ମାୟା କବଳରୁ ରକ୍ଷା ପାଇପାରିବେ। ଏହି ପୁସ୍ତକରେ ତାଙ୍କର ଯେଉଁ ଶିକ୍ଷା ସନ୍ନିବିଷ୍ଟ ହୋଇଅଛି, ତାହା ମହାପ୍ରଭୁଙ୍କଠାରୁ ଭିନ୍ନ ନୁହେଁ।

ବଦ୍ଧଜୀବ ଏହି ଜଡ଼ ଶରୀର ପ୍ରତି ଅତ୍ୟନ୍ତ ଆସକ୍ତ ହୋଇ, ସମସ୍ତ ପ୍ରକାର ଭୌତିକ କର୍ମଦ୍ୱାରା କେବଳ ଇତିହାସର ପୃଷ୍ଠା ବୃଦ୍ଧି କରିଚାଲିଛି। ଶ୍ରୀଚୈତନ୍ୟ

ମହାପ୍ରଭୁଙ୍କର ଶିକ୍ଷାକୁ ଗ୍ରହଣ କଲେ, ଏ ପ୍ରକାର ଅସ୍ଥାୟୀ ଓ ଅଦରକାରୀ କର୍ମରୁ ମାନବ ସମାଜ ନିବୃତ୍ତ ହୋଇପାରିବ। ଏ ଶିକ୍ଷା ବଳରେ ମାନବ ସମାଜ ଚିଦ୍-ଧାମର ଦିବ୍ୟ କର୍ମର ସର୍ବୋଚ୍ଚସ୍ଥିତିକୁ ଉନ୍ନୀତ ହୋଇପାରିବ। ଭୌତିକ ବନ୍ଧନରୁ ମୁକ୍ତ ହେଲାପରେ ବାସ୍ତବରେ ଏ ଦିବ୍ୟ କର୍ମ ଆରମ୍ଭ ହୁଏ। କୃଷ୍ଣଚେତନାରେ କରଣୀୟ ଏ ପ୍ରକାର ମୁକ୍ତ କର୍ମ ହିଁ ମାନବ ଜୀବନର ଲକ୍ଷ୍ୟ ପ୍ରାପ୍ତିର ପରିପୂର୍ଣ୍ଣତାର ଉପାଦାନ ଅଟେ। ଭୂତ ପ୍ରକୃତିକୁ ଉପଭୋଗ କରିବାର ଚେଷ୍ଟାକରିବା ଦ୍ୱାରା ବ୍ୟକ୍ତି ଯେଉଁ ମିଥ୍ୟା ସମ୍ମାନ ପ୍ରାପ୍ତହୁଏ, ତାହା ଭ୍ରାମକ ଅଟେ। ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଶିକ୍ଷାରୁ ହିଁ ଉଜ୍ଜ୍ୱଳ ଜ୍ଞାନଲାଭ କରାଯାଇପାରେ ଏବଂ ଏ ପ୍ରକାର ଜ୍ଞାନ ବଳରେ ବ୍ୟକ୍ତି ଆଧ୍ୟାତ୍ମିକ ମାର୍ଗରେ ଅଗ୍ରଗତି କରିପାରେ।

ବ୍ୟକ୍ତି ତାର କର୍ମଫଳ ସ୍ୱରୂପ ଦୁଃଖ ବା ସୁଖ ଭୋଗକରେ। ଭୂତ ପ୍ରକୃତିର ନିୟମ, ଯାହା ଏସବୁକୁ ନିୟନ୍ତ୍ରଣ କରୁଛି, ତାକୁ କେହି ବାଧାଦେଇପାରିବେ ନାହିଁ। ଯେ ପର୍ଯ୍ୟନ୍ତ ବ୍ୟକ୍ତି ସକାମ କର୍ମରେ ନିଯୁକ୍ତ ଅଛି, ସେ ପର୍ଯ୍ୟନ୍ତ ସେ ନିଶ୍ଚୟ ଜୀବନର ଲକ୍ଷ୍ୟ ସାଧନରୁ ବଞ୍ଚିତ ହେବ। ମୁଁ ଦୃଢ଼ ଆଶାପୋଷଣ କରେ, ମାନବ ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଏହି ଶିକ୍ଷାକୁ ହୃଦୟଙ୍ଗମ କରିପାରିଲେ, ମାନବ ସମାଜ ନିଶ୍ଚୟ ଦିବ୍ୟ ଜୀବନର ଏକ ନୂତନ ଝଲକ ଅନୁଭବ କରିବ, ଯାହାକି ବିଶୁଦ୍ଧ ଆତ୍ମାର କର୍ମ କ୍ଷେତ୍ରର ଦ୍ୱାରକୁ ଉନ୍ମୁକ୍ତ କରିଦେବ।

ଓଁ ତତ୍-ସତ୍

ଶ୍ରୀ ଶ୍ରୀମଦ୍ ଏ.ସି. ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ

ମାର୍ଚ୍ଚ ୧୪,୧୯୬୮

ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ଜନ୍ମତିଥି

ଶ୍ରୀ ଶ୍ରୀ ରାଧାକୃଷ୍ଣ ମନ୍ଦିର, ନ୍ୟୁୟୋର୍କ

(ହରେକୃଷ୍ଣ)

ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ
ତାଙ୍କର ଜୀବନୀ ଏବଂ ଶିକ୍ଷାମୃତ

ଭଗବତ୍ ପ୍ରେମର ଏକ ମହାନ୍ ଅବତାର ସାମୂହିକ ନାମ-ସଂକୀର୍ତ୍ତନର ଜନ୍ମଦାତା ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ ବଙ୍ଗଦେଶର ନବଦ୍ୱୀପ ନଗରର ଏକ ପ୍ରାନ୍ତ ଶ୍ରୀଧାମ ମାୟାପୁରରେ ସ୍ୱୟଂ ପ୍ରକଟ ହୋଇଥିଲେ । ସେଦିନ ଫାଲଗୁନ ପୂର୍ଣ୍ଣିମା ତିଥି, ସଂଧ୍ୟା ସମୟ, ୧୪୦୭ ଶକାବ୍ଦ ଅର୍ଥାତ୍ ୧୪୮୬ ଖ୍ରୀଷ୍ଟାବ୍ଦ ଫେବୃୟାରୀ ମାସ ଥିଲା ।

ତାଙ୍କର ପିତା ଶ୍ରୀ ଜଗନ୍ନାଥ ମିଶ୍ର ଏକ ବିଦ୍ୱାନ୍ ବ୍ରାହ୍ମଣ ଥିଲେ । ସେ ସିଲ୍‌ହଟ୍ଟ ଜିଲ୍ଲାରୁ ବିଦ୍ୟାଧ୍ୟୟନ ନିମିତ୍ତ ନବଦ୍ୱୀପ ଆସିଥିଲେ ; କାରଣ ସେ ସମୟରେ ନବଦ୍ୱୀପ ଶିକ୍ଷା ଏବଂ ସଂସ୍କୃତିର କେନ୍ଦ୍ର ଥିଲା । ସେ ତାଙ୍କର ଶିକ୍ଷା ସମାପ୍ତ ପରେ ସେ ସମୟର ଏକ ମହାନ୍ ପଣ୍ଡିତ ଶ୍ରୀନୀଳାମ୍ବର ଚକ୍ରବର୍ତ୍ତୀଙ୍କର କନ୍ୟା ଶ୍ରୀମତୀ ଶଚୀଦେବୀଙ୍କୁ ବିବାହ କଲେ ଏବଂ ସେହିଠାରେ ଗଙ୍ଗା କୂଳରେ ବସବାସ କରିବାକୁ ଲାଗିଲେ ।



ଶ୍ରୀମତୀ ଶଚୀଦେବୀଙ୍କ ଗର୍ଭରୁ ପଣ୍ଡିତ ଜଗନ୍ନାଥ ମିଶ୍ରଙ୍କ ଔରସରେ ପ୍ରଥମେ ଅନେକ କନ୍ୟା ଜାତ ହେଲେ ; କିନ୍ତୁ ସେମାନେ ସମସ୍ତେ ଅଳ୍ପ ବୟସରେ ମୃତ୍ୟୁବରଣ କଲେ । ଶେଷକୁ ଦୁଇଟି ପୁତ୍ର କେବଳ ରହିଲେ । ତେଣୁ ସେମାନେ ପିତା ମାତାଙ୍କର ଅତ୍ୟନ୍ତ ସ୍ନେହଭାଜନ ହୋଇପଡ଼ିଲେ । ତାଙ୍କର ଦଶମ ସନ୍ତାନ ଅର୍ଥାତ୍ ସର୍ବ କନିଷ୍ଠପୁତ୍ର ଥିଲେ ବିଶ୍ୱମ୍ଭର । ପରେ ସେ ନିମାଇଁ ପଣ୍ଡିତ ନାମରେ ପରିଚିତ

ହେଲେ ଏବଂ ସନ୍ନ୍ୟାସ ଗ୍ରହଣ ପରେ ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ ନାମରେ ପରିଚିତ ହେଲେ।

ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁ ୪୮ ବର୍ଷକାଳ ତାଙ୍କର ଦିବ୍ୟଲୀଳା ପ୍ରଦର୍ଶନ କରିଥିଲେ ଏବଂ ତତ୍ପରେ ୧୪୫୫ ଶକାବ୍ଦରେ ଶ୍ରୀପୁରୀଧାମରେ ଅନ୍ତର୍ଦ୍ଧାନ ହୋଇଗଲେ।

ସେ ତାଙ୍କ ଜୀବନର ପ୍ରଥମ ଚବିଶି ବର୍ଷ ନବଦ୍ୱୀପରେ ବିଦ୍ୟାର୍ଥୀ ଓ ଗୃହସ୍ଥ ରୂପରେ କଟାଇଥିଲେ। ତାଙ୍କର ପ୍ରଥମ ସ୍ତ୍ରୀ ହେଉଛନ୍ତି ଶ୍ରୀମତୀ ଲକ୍ଷ୍ମୀପ୍ରିୟା। ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁ ଘରଠାରୁ ଦୂରରେ ଥିଲେ ସେତିକିବେଳେ ଯୁବାବସ୍ଥାରେ ଲକ୍ଷ୍ମୀପ୍ରିୟାଙ୍କର ମୃତ୍ୟୁ ହେଲା। ଯେତେବେଳେ ଶ୍ରୀଚୈତନ୍ୟ ମହାପ୍ରଭୁ ଘରକୁ ଫେରିଲେ, ସେତେବେଳେ ତାଙ୍କ ମାତା ତାଙ୍କୁ ଦ୍ୱିତୀୟ ପତ୍ନୀ ଗ୍ରହଣ କରିବାପାଇଁ ଅନୁରୋଧ କଲେ ଏବଂ ସେ ସେଥିରେ ରାଜି ହୋଇଗଲେ। ତାଙ୍କର ଦ୍ୱିତୀୟ ପତ୍ନୀ ହେଉଛନ୍ତି ଶ୍ରୀମତୀ ବିଷ୍ଣୁପ୍ରିୟା ଦେବୀ। ସେ ଜୀବନସାରା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ବିରହ ଦୁଃଖ ଭୋଗ କରିଛନ୍ତି ; କାରଣ ଶ୍ରୀଚୈତନ୍ୟ ମହାପ୍ରଭୁ ୨୪ ବର୍ଷ ବୟସରେ ସନ୍ନ୍ୟାସ ଗ୍ରହଣ କଲେ। ସେତେବେଳକୁ ବିଷ୍ଣୁପ୍ରିୟାଙ୍କର ବୟସ ମାତ୍ର ୧୬ ବର୍ଷ।

ସନ୍ନ୍ୟାସ ଗ୍ରହଣ ପରେ ମହାପ୍ରଭୁ ତାଙ୍କର ମାତା ଶ୍ରୀମତୀ ଶଚୀଦେବୀଙ୍କର ଅନୁରୋଧ କ୍ରମେ ଶ୍ରୀଜଗନ୍ନାଥ ପୁରୀଧାମରେ ବାସ କଲେ। ମହାପ୍ରଭୁ ଦୀର୍ଘ ୨୪ ବର୍ଷଧରି ପୁରୀରେ ରହିଲେ। ଇତି ମଧ୍ୟରେ ସେ ଛ'ବର୍ଷକାଳ ସମଗ୍ର ଭାରତ ବର୍ଷରେ (ବିଶେଷକରି ଦକ୍ଷିଣ ଭାରତରେ) *ଶ୍ରୀମଦ୍ ଭାଗବତମ୍*ର ବାଣୀ ପ୍ରଚାରକରି ବୁଲିଛନ୍ତି।

ଶ୍ରୀଚୈତନ୍ୟ ମହାପ୍ରଭୁ ଯେ କେବଳ *ଶ୍ରୀମଦ୍ ଭାଗବତ*ର ବାଣୀ ପ୍ରଚାର କରିଥିଲେ, ତାହାନୁହେଁ, ସେ ମଧ୍ୟ *ଶ୍ରୀମଦ୍ ଭଗବଦ୍‌ଗୀତା*ର ଗୂଢ଼ ରହସ୍ୟମୟ ଉପଦେଶକୁ କିପରି ଦୈନନ୍ଦିନ ଜୀବନରେ ଅଭ୍ୟାସ କରିବାକୁ ପଡିବ ତାହା ଦେଖାଇ ଦେଇଥିଲେ। *ଶ୍ରୀମଦ୍ ଭଗବଦ୍‌ଗୀତା*ରେ ଭଗବାନ୍ ଶ୍ରୀକୃଷ୍ଣ-ଭଗବାନଙ୍କର ସର୍ବୋଚ୍ଚ ଅଭିବ୍ୟକ୍ତି ରୂପରେ ବର୍ଣ୍ଣିତ ହୋଇଛନ୍ତି। ଦିବ୍ୟ ଜ୍ଞାନପ୍ରଦ ସେ ମହାନ୍ ଗ୍ରନ୍ଥର ଉପସଂହାରରେ କୁହାଯାଇଛି ଯେ, ବ୍ୟକ୍ତି ତା'ର ସମସ୍ତ

ଅଧିକାର, କର୍ତ୍ତବ୍ୟ ଏବଂ ଏପରିକି ଧାର୍ମିକ କ୍ରିୟାକୁ ତ୍ୟାଗ କରି ଏକମାତ୍ର ଭଗବାନ୍ ଶ୍ରୀକୃଷ୍ଣଙ୍କ ଶରଣରେ ଆସିବା ଉଚିତ। ଭଗବାନ୍ ଶ୍ରୀକୃଷ୍ଣ ହେଉଛନ୍ତି ଏକମାତ୍ର ପୂଜ୍ୟ ଭଗବାନ୍। ସେଥିରେ ଭଗବାନ୍ ସମସ୍ତ ଶରଣାଗତ ଭକ୍ତଙ୍କୁ ଏହି ଅଭୟ ବାଣୀ ଶୁଣାଇଛନ୍ତି ଯେ, ସେ ସେମାନଙ୍କୁ ସମସ୍ତ ପାପ କ୍ରିୟାର ପ୍ରତିକ୍ରିୟାରୁ ରକ୍ଷା କରିବେ ଏବଂ ଏଥିପାଇଁ ସେମାନଙ୍କର କୌଣସି ଚିନ୍ତା କରିବାର ନାହିଁ।

ଭାଗ୍ୟବଶତଃ ଭଗବାନ୍ ଶ୍ରୀକୃଷ୍ଣଙ୍କର *ଭଗବଦ୍‌ଗୀତା*ରେ ଦିଆଯାଇଥିବା ସ୍ପଷ୍ଟ ଆଦେଶ ଓ ଶିକ୍ଷା ସତ୍ତ୍ୱେ ଅଳ୍ପବୁଦ୍ଧିସଂପନ୍ନ ବ୍ୟକ୍ତିଗଣ ତାଙ୍କୁ (ଭଗବାନ୍ ଶ୍ରୀକୃଷ୍ଣଙ୍କୁ) ଏକ ମହାନ୍ ଐତିହାସିକ ପୁରୁଷରୂପେ ଭ୍ରମରେ ଗ୍ରହଣ କରିଛନ୍ତି ଏବଂ ଏହି କାରଣ ଯୋଗୁଁ ସେମାନେ ତାଙ୍କୁ ଆଦିପୁରୁଷ ଭଗବାନ୍ ବୋଲି ଗ୍ରହଣ କରିପାରୁ ନାହାନ୍ତି। ଏ ଅଳ୍ପବୁଦ୍ଧିସଂପନ୍ନ ବ୍ୟକ୍ତିଗଣ ଅନେକ ଅଭକ୍ତଙ୍କ ଦ୍ୱାରା ମାର୍ଗଭ୍ରଷ୍ଟ ହୋଇଛନ୍ତି। ଏହିପରିଭାବରେ ବଡ଼ ବଡ଼ ବିଦ୍ୱାନ୍ ବ୍ୟକ୍ତି *ଭଗବଦ୍‌ଗୀତା*ର ଶିକ୍ଷାକୁ ଭୁଲ ମାର୍ଗରେ ବ୍ୟାଖ୍ୟା କରିଛନ୍ତି। ଭଗବାନ୍ ଶ୍ରୀକୃଷ୍ଣଙ୍କର ତିରୋଧାନ ପରେ ଅନେକ ସ୍ଥୂଳବୁଦ୍ଧି ସମ୍ପନ୍ନ ବିଦ୍ୱାନ ବ୍ୟକ୍ତି *ଭଗବଦ୍‌ଗୀତା* ଉପରେ ଶହ ଶହ ଟୀକା ରଚନା କରିଛନ୍ତି, କିନ୍ତୁ ସେ ସବୁ ପ୍ରାୟ ସ୍ୱାର୍ଥ ସମ୍ବଳିତ ଅଟେ।

ଶ୍ରୀଚୈତନ୍ୟ ମହାପ୍ରଭୁ ସ୍ୱୟଂ ସାକ୍ଷାତ୍ ଭଗବାନ୍ ଶ୍ରୀକୃଷ୍ଣ ଅଟନ୍ତି। ଅବଶ୍ୟ ଏଥର ସେ ଧର୍ମାତ୍ମାମାନଙ୍କୁ, ଦାର୍ଶନିକମାନଙ୍କୁ ତଥା ସାଧାରଣ ମାନବମାନଙ୍କୁ

ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟ ସ୍ଥିତି ସମ୍ବନ୍ଧରେ କହିବା ପାଇଁ ଆସିଥିଲେ ; ଭଗବାନ୍ ଶ୍ରୀକୃଷ୍ଣ କିପରି ଆଦି ପୁରୁଷ ଏବଂ ସର୍ବକାରଣର କାରଣ — ଏହି କଥା କହିବା ପାଇଁ ସେ ପ୍ରଚ୍ଛନ୍ନ ଭକ୍ତରୂପରେ ଅବତୀର୍ଣ୍ଣ ହୋଇଥିଲେ। ତାଙ୍କର ପ୍ରଚାରିତ ବିଷୟର ସାରକଥା ହେଲା — ଯେଉଁ ଭଗବାନ୍ ଶ୍ରୀକୃଷ୍ଣ ବ୍ରଜଭୂମି (ବୃନ୍ଦାବନ) ରେ ବ୍ରଜେନ୍ଦ୍ରନନ୍ଦନରୂପରେ ପ୍ରକଟ

ହୋଇଥିଲେ, ସେ ସ୍ୱୟଂ ପରମପୁରୁଷ ଭଗବାନ୍ ଅଟନ୍ତି । ଅତଏବ ସେ ସମସ୍ତଙ୍କର ଏକମାତ୍ର ପୂଜନୀୟ ଭଗବାନ୍ ଅଟନ୍ତି । ବୃନ୍ଦାବନଧାମ ଭଗବାନଙ୍କଠାରୁ ଭିନ୍ନ ନୁହେଁ ; କାରଣ ଭଗବାନଙ୍କର ନାମ, ରୂପ, ଲୀଳା ଏବଂ ଧାମ — ଯେଉଁଠାରେ କି ଭଗବାନ୍ ପ୍ରକଟ ହୋଇଥିଲେ —ସେସବୁ କେହି ଭଗବାନଙ୍କଠାରୁ ଭିନ୍ନ ନୁହଁନ୍ତି । ସେଥିପାଇଁ ବୃନ୍ଦାବନ ଧାମ ଭଗବାନଙ୍କ ତୁଲ୍ୟ ପୂଜ୍ୟ ଅଟେ ।

ଭଗବାନ୍‌ଙ୍କର ଦିବ୍ୟ ଅର୍ଚ୍ଚନାର ପରମୋତ୍କୃଷ୍ଟ ରୂପ ବ୍ରଜଭୂମିର ଗୋପାଙ୍ଗନାମାନଙ୍କ ଦ୍ୱାରା ଭଗବାନଙ୍କ ପ୍ରତି ବିଶୁଦ୍ଧ ପ୍ରେମରୂପରେ ଅଭିବ୍ୟକ୍ତ ହୋଇଥିଲା ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁ ଅର୍ଚ୍ଚନାର ଏ ପ୍ରକିୟାକୁ ସର୍ବଶ୍ରେଷ୍ଠ ବୋଲି ଘୋଷଣା କରିଛନ୍ତି । ସେ *ଶ୍ରୀମଦ୍ ଭଗବତ* ପୁରାଣକୁ ଭଗବାନଙ୍କୁ ବୁଝିବା ନିମିତ୍ତ ଏକ ବିଶୁଦ୍ଧ ସାହିତ୍ୟ ବୋଲି ସ୍ୱୀକାର କରିଛନ୍ତି । ମାନବ ଜୀବନର ଅନ୍ତିମ ଲକ୍ଷ୍ୟ ହେଲା ଭଗବତ୍ ପ୍ରେମର ସେହି ସ୍ତର ଲାଭ କରିବା — ଏହା ସେ ମାନବ ସମାଜରେ ପ୍ରଚାର କରିଦେଇ ଯାଇଛନ୍ତି ।

ଭଗବାନ୍ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଅନେକ ଭକ୍ତ, ଯଥା — ଶ୍ରୀଳ ବୃନ୍ଦାବନ ଦାସ ଠାକୁର, ଶ୍ରୀ ଲୋକନାଥ ଦାସ ଠାକୁର, ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀ, ଶ୍ରୀ କବି କର୍ଣ୍ଣପୁର, ଶ୍ରୀ ପ୍ରବୋଧାନନ୍ଦ ସରସ୍ୱତୀ, ଶ୍ରୀ ରୂପ ଗୋସ୍ୱାମୀ, ଶ୍ରୀ ଜୀବ ଗୋସ୍ୱାମୀ, ଶ୍ରୀ ଗୋପାଳ ଭଟ୍ଟ ଗୋସ୍ୱାମୀ, ଶ୍ରୀ ରଘୁନାଥ ଦାସ ଗୋସ୍ୱାମୀ ଏବଂ ୨୦୦ବର୍ଷ ମଧ୍ୟରେ ଶ୍ରୀ ବିଶ୍ୱନାଥ ଚକ୍ରବର୍ତ୍ତୀ, ଶ୍ରୀ ବଳଦେବ ବିଦ୍ୟାଭୂଷଣ, ଶ୍ରୀ ଶ୍ୟାମାନନ୍ଦ ଗୋସ୍ୱାମୀ, ଶ୍ରୀ ନରୋତ୍ତମ ଦାସ ଠାକୁର, ଶ୍ରୀ ଭକ୍ତିବିନୋଦ ଠାକୁର ଏବଂ ଶେଷରେ ଶ୍ରୀ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଠାକୁର(ଆମ୍ଭମାନଙ୍କର ପାରମାର୍ଥିକ ଗୁରୁ) ଏବଂ ଆହୁରି ଅନେକ ବିଖ୍ୟାତ ମନୀଷୀ ଭକ୍ତ ମଧ୍ୟ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଜୀବନ ଓ ଉପଦେଶ ଉପରେ ଅନେକ ବଡ଼ ବଡ଼ ଗ୍ରନ୍ଥ ରଚନା କରିଦେଇ ଯାଇଛନ୍ତି । ସେ ସାହିତ୍ୟଗୁଡ଼ିକ *ବେଦ*, *ପୁରାଣ*, *ଉପନିଷଦ*, *ରାମାୟଣ*, *ମହାଭାରତ* ଆଦି ଶାସ୍ତ୍ର ଏବଂ ଅନ୍ୟ ଆଚାର୍ଯ୍ୟଙ୍କଦ୍ୱାରା ସ୍ୱୀକୃତ ଇତିହାସ ଓ ପ୍ରାମାଣିକ ଗ୍ରନ୍ଥମାନଙ୍କ ଉପରେ ଆଧାରିତ । ସେଗୁଡ଼ିକ ସଂରଚନାରେ ଅଦ୍ୱିତୀୟ ଏବଂ ଅଭିବ୍ୟକ୍ତିରେ ଅପ୍ରତିଦ୍ୱନ୍ଦୀ ଅଟନ୍ତି । ପୁନଶ୍ଚ ସେସବୁ ଗ୍ରନ୍ଥ ଦିବ୍ୟ-ଜ୍ଞାନରେ ପରିପୂର୍ଣ୍ଣ ଅଟନ୍ତି ।

ଏହା ଦୁର୍ଭାଗ୍ୟର କଥା ଯେ, ବର୍ତ୍ତମାନ ସୁଦ୍ଧା ଏ ପୃଥିବୀର ଲୋକମାନେ ଏସବୁ ଗ୍ରନ୍ଥ ସମ୍ବନ୍ଧରେ ଅନଭିଜ୍ଞ ଅଟନ୍ତି । ବିଶେଷକରି ସଂସ୍କୃତ ଓ ବଙ୍ଗ ଭାଷାରେ ଥିବା ସାହିତ୍ୟଗୁଡ଼ିକ ପୃଥିବୀକୁ ଆଲୋକ ଦେଖାଇବା ପାଇଁ ଯେତେବେଳେ ପ୍ରକାଶିତ ହେବ ଏବଂ ଯେତେବେଳେ ସେଗୁଡ଼ିକ ପୃଥିବୀର ବିଚାରବାନ୍ ଲୋକମାନଙ୍କ ସମକ୍ଷକୁ ଆସିବ, ସେତେବେଳେ ଭାରତର ମହିମା ତଥା ପ୍ରେମର ସନ୍ଦେଶ, ଅସୁସ୍ଥ ଏବଂ ବିକ୍ଷିପ୍ତ ଜଗତ୍‌ରେ ବନ୍ୟାଭଳି ପରିବ୍ୟାପ୍ତ ହୋଇଯିବ । ଯେଉଁ ଜଗତ୍ ଆଜି ଭ୍ରାନ୍ତ ପଦ୍ଧତିରେ ଶାନ୍ତି ଏବଂ ସମୃଦ୍ଧିର ବ୍ୟର୍ଥ ଅନୁସନ୍ଧାନରେ ମାତିଛି – ସେ ଜଗତ (ସେତେବେଳେ) ଉପଯୁକ୍ତ ଜ୍ଞାନାଲୋକ ଲାଭ କରିବ । ଜଗତ୍ ବର୍ତ୍ତମାନ ଯେଉଁ ପଦ୍ଧତିରେ ଶାନ୍ତି ଏବଂ ସମୃଦ୍ଧିର ଅନୁସନ୍ଧାନ କରୁଛି, ତାହା ଭ୍ରମପୂର୍ଣ୍ଣ ଅଟେ ; କାରଣ ତାହା ଆଚାର୍ଯ୍ୟମାନଙ୍କ ଦ୍ୱାରା ସ୍ୱୀକୃତ ହୋଇନାହିଁ, କିମ୍ବା ତାହା ଗୁରୁପରମ୍ପରା ପ୍ରାପ୍ତ ଧାରା ନୁହେଁ ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଏ ସଂକ୍ଷିପ୍ତ ଜୀବନୀ ଓ ଶିକ୍ଷାକୁ ଯେଉଁମାନେ ପାଠ କରିବେ ସେମାନେ ଯଦି ଶ୍ରୀବୃନ୍ଦାବନ ଦାସ ଠାକୁରଙ୍କ ଲିଖିତ *ଶ୍ରୀଚୈତନ୍ୟ ଭାଗବତ* ଏବଂ ଶ୍ରୀଳ କୃଷ୍ଣଦାସ କବିରାଜ ଗୋସ୍ୱାମୀଙ୍କ ଲିଖିତ *ଶ୍ରୀଚୈତନ୍ୟ ଚରିତାମୃତ* ଗ୍ରନ୍ଥ ଅଧ୍ୟୟନ କରିବେ ସେମାନେ ଅଧିକ ଲାଭବାନ୍ ହେବେ । ଶ୍ରୀ ମହାପ୍ରଭୁଙ୍କର ବାଲ୍ୟ ଜୀବନର କାହାଣୀ ଅତି ସୁନ୍ଦର ଭାବରେ *ଶ୍ରୀଚୈତନ୍ୟ ଭାଗବତ*ର ଲେଖକ ଶ୍ରୀବୃନ୍ଦାବନ ଦାସ ଠାକୁର '*ଚୈତନ୍ୟ ଭାଗବତ*'ରେ ବର୍ଣ୍ଣନା କରିଛନ୍ତି ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଶିକ୍ଷା ଓ ଉପଦେଶଗୁଡ଼ିକ ସୁବିସ୍ତୃତ ଭାବେ '*ଶ୍ରୀଚୈତନ୍ୟ ଚରିତାମୃତ*'ରେ ବର୍ଣ୍ଣିତ ହୋଇଅଛି । ବର୍ତ୍ତମାନ ଏହା ଇଂରାଜୀ ଭାଷା ଭାଷୀ ଜନତା ନିମିତ୍ତ ଆମ୍ଭମାନଙ୍କର "*ଟିଚିଙ୍ଗ୍‌ସ ଅଫ୍ ଲର୍ଡ଼ ଚୈତନ୍ୟ*" (*ଶ୍ରୀଚୈତନ୍ୟ ଶିକ୍ଷାମୃତ*) ପୁସ୍ତକରେ ଆସିଗଲା ।

ଶ୍ରୀମାନ୍ ମହାପ୍ରଭୁଙ୍କର ବାଲ୍ୟଜୀବନ କାହାଣୀ–ତାଙ୍କର ସମସାମୟିକ ଭକ୍ତମାନଙ୍କ ମଧ୍ୟରେ ଏକତମ ଭକ୍ତ ବୈଦ୍ୟରାଜ ଶ୍ରୀଳ ମୁରାରି ଗୁପ୍ତଙ୍କ ଦ୍ୱାରା ଲିଖିତ ହୋଇଅଛି ଏବଂ ତାଙ୍କ ଜୀବନର ଉତ୍ତରାର୍ଦ୍ଧର କାହାଣୀ ତାଙ୍କର ବିଶିଷ୍ଟ ପାର୍ଷଦ ଶ୍ରୀ ଦାମୋଦର ଗୋସ୍ୱାମୀ ଅର୍ଥାତ୍ ଶ୍ରୀଳ ସ୍ୱରୂପ ଦାମୋଦରଙ୍କ ଦ୍ୱାରା ଲିଖିତ ହୋଇଅଛି । ଶ୍ରୀଳ ସ୍ୱରୂପ ଦାମୋଦର ଗୋସ୍ୱାମୀ ଠାକୁର ବରାବର

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସହିତ ପୁରୀରେ ରହୁଥିଲେ। ଏ ଦୁଇଜଣ ଭକ୍ତ ଶ୍ରୀମନ୍ ମହାପ୍ରଭୁଙ୍କର ସମସ୍ତ କ୍ରିୟାକଳାପ ଓ ଘଟଣାର ପ୍ରତ୍ୟକ୍ଷ ବର୍ଣ୍ଣନା ଦେଇ ଯାଇଛନ୍ତି। ପରେ ଶ୍ରୀମନ୍ ମହାପ୍ରଭୁଙ୍କ ଉପରେ ଯେଉଁସବୁ ଗ୍ରନ୍ଥ ଲେଖାଗଲା ସେସବୁ ଶ୍ରୀଳ ସ୍ୱରୂପ ଦାମୋଦର ଏବଂ ଶ୍ରୀଳ ମୁରାରି ଗୁପ୍ତଙ୍କର ଲେଖା ଉପରେ ଆଧାରିତ।

ଭଗବାନ୍ ଶ୍ରୀଚୈତନ୍ୟଙ୍କ ଆବିର୍ଭାବ

୧୪୦୭ ଶକାବ୍ଦ ଫାଲ୍‌ଗୁନ ପୂର୍ଣ୍ଣିମାର ସନ୍ଧ୍ୟାରେ ଶ୍ରୀମନ୍ ମହାପ୍ରଭୁ ସ୍ୱୟଂ ଅବତୀର୍ଣ୍ଣ ହୋଇଥିଲେ ଏବଂ ଭଗବାନଙ୍କ ଇଚ୍ଛାନୁଯାୟୀ ସେହିଦିନ ସନ୍ଧ୍ୟାରେ ଏକ ଚନ୍ଦ୍ରଗ୍ରହଣ ହୋଇଥିଲା। ହିନ୍ଦୁ ସାମାଜରେ ଏହା ସାଧାରଣ ପ୍ରଥା ଯେ, ଗ୍ରହଣ କାଳ ମଧ୍ୟରେ ଗଙ୍ଗା କିମ୍ବା ଅନ୍ୟ କୌଣସି ପବିତ୍ର ନଦୀରେ ସ୍ନାନ କରିବାକୁ ପଡ଼ିବ ଏବଂ ବିଶୁଦ୍ଧିକରଣ ନିମିତ୍ତ ବୈଦିକ ମନ୍ତ୍ର ଆବୃତ୍ତି କରିବାକୁ ପଡିବ। ଯେତେବେଳେ ଶ୍ରୀମନ୍ ମହାପ୍ରଭୁ ସେହି ଚନ୍ଦ୍ରଗ୍ରହଣ କାଳରେ ଜନ୍ମଗ୍ରହଣ କଲେ, ସେତେବେଳେ ସମଗ୍ର ଭାରତବର୍ଷରେ ପ୍ରାୟ ସମସ୍ତେ, "ହରେ କୃଷ୍ଣ ହରେ କୃଷ୍ଣ କୃଷ୍ଣ କୃଷ୍ଣ ହରେ ହରେ। ହରେ ରାମ ହରେ ରାମ ରାମ ରାମ ହରେ ହରେ॥" ଧ୍ୱନିରେ ଆକାଶ କମ୍ପାଇ ଦେଉଥିଲେ। ଅନେକ ପୁରାଣ ଓ ଉପନିଷଦରେ ଭଗବାନଙ୍କର ଏ ଷୋଡ଼ଶ ନାମର ମାହାତ୍ମ୍ୟ ବର୍ଣ୍ଣିତ ହୋଇଅଛି ଏବଂ ସେହି ଶାସ୍ତ୍ରମାନଙ୍କରେ କୁହାଯାଇଛି — ଏହା ଏ ଯୁଗର ତାରକ ବ୍ରହ୍ମ ନାମ ଅଟେ। ଶାସ୍ତ୍ରମାନଙ୍କରେ ଆଉମଧ୍ୟ କୁହାଯାଇଛି ଯେ, ଅପରାଧଶୂନ୍ୟ ଭାବରେ ଭଗବାନଙ୍କର ଏ ଦିବ୍ୟନାମ ଜପକଲେ ପତିତ ଜୀବ ଭୌତିକ ବନ୍ଧନରୁ ମୁକ୍ତ ହୋଇପାରିବ। ଉଭୟ ଭାରତ ଓ ଭାରତ ବାହାରେ ଭଗବାନଙ୍କର ଅସଂଖ୍ୟ ନାମ ପ୍ରଚଳିତ ଅଛି ଏବଂ ସେସବୁ ନାମ ସମାନ ଭାବରେ ଶ୍ରେଷ୍ଠ ଅଟନ୍ତି, କାରଣ ସେ ସମସ୍ତ ନାମ ପରମପୁରୁଷ ଭଗବାନଙ୍କୁ ହିଁ ନିର୍ଦ୍ଦେଶ କରୁଛନ୍ତି। ଯେହେତୁ ଏ ଷୋଡ଼ଶ ନାମ ବିଶେଷକରି ଏ ଯୁଗ ନିମିତ୍ତ ଅନୁମୋଦିତ ହୋଇଅଛି, ତେଣୁ ଲୋକମାନେ ଏଥିରୁ ଫାଇଦା ଉଠାଇବା

ଉଚିତ ଏବଂ ଯେଉଁ ଆଚାର୍ଯ୍ୟମାନେ ଶାସ୍ତ୍ର ନିୟମାନୁଯାୟୀ ଏ ମହାମନ୍ତ୍ର ଜପ କରି ସିଦ୍ଧି ଲାଭ କରୁଛନ୍ତି, ସେମାନଙ୍କର ପନ୍ଥା ଅନୁସରଣ କରିବା ଉଚିତ।

ଆବିର୍ଭାବର ଉଦ୍ଦେଶ୍ୟ

ମହାପ୍ରଭୁଙ୍କର ଆବିର୍ଭାବ ସହିତ ଚନ୍ଦ୍ରଗ୍ରହଣ ହେବା ଘଟଣା ମହାପ୍ରଭୁଙ୍କର ଅଦ୍ଭୁତ ସନ୍ଦେଶର ସୂଚନା ଦେଉଛି। ଏ କଳିଯୁଗରେ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନର ମାହାତ୍ମ୍ୟ ପ୍ରଚାର କରିବା ହେଲା ତାଙ୍କର ଅଦ୍ଭୁତ ସନ୍ଦେଶ। ଏ ଯୁଗରେ ଛୋଟ ଛୋଟ ଘଟଣାରେ କଳି ଉପୁଜୁଛି। ସେଇଥିପାଇଁ ଶାସ୍ତ୍ରମାନଙ୍କରେ


ଭଗବାନ୍ ଶ୍ରୀଚୈତନ୍ୟଙ୍କ ଜନ୍ମ ସ୍ଥାନ

ଏ ଯୁଗରେ ସତ୍ୟୋପଲବ୍ଧି ନିମିତ୍ତ ସାର୍ବଜନୀନ ସ୍ତରରେ କେବଳ ପବିତ୍ର ଭଗବନ୍ନାମୋଚ୍ଚାରଣ ହିଁ ଏକମାତ୍ର ସାଧନ ରୂପେ ନିର୍ଦ୍ଦେଶ କରାଯାଇଛି। ଯଦି ସାଧାରଣ ଲୋକେ ଏକତ୍ର ହୋଇ ନିଜ ନିଜ ଭାଷାରେ ସୁମଧୁର ରାଗରେ ଭଗବାନଙ୍କର ମହିମା ଗାନ କରନ୍ତି – ଏ ବିଶ୍ୱର ସର୍ବତ୍ର ଏହିପରି ଅପରାଧ ଶୂନ୍ୟ ଆୟୋଜନ ସଂପନ୍ନ ହୁଏ, ତାହାହେଲେ ଏହା ନିଶ୍ଚିତ ଯେ, ଏଥିରେ ଭାଗ ନେଉଥିବା ବ୍ୟକ୍ତିଗଣ କଠିନ ତପସ୍ୟା ବା ବ୍ରତ-ବିଧି ଅବଲମ୍ବନ ନକରି କ୍ରମଶଃ ଆଧ୍ୟାତ୍ମିକ ପରିପୂର୍ଣ୍ଣତା ପ୍ରାପ୍ତ ହେବେ।

ଏ ପ୍ରକାର ଆୟୋଜନରେ (ବା ସମ୍ମେଳନରେ) ପ୍ରତ୍ୟେକ ବ୍ୟକ୍ତି–ମୂର୍ଖ ଓ ପଣ୍ଡିତ, ଧନୀ–ଗରିବ, ହିନ୍ଦୁ, ମୁସଲମାନ, ଇଂରେଜ ଓ ଭାରତୀୟ ତଥା ଚଣ୍ଡାଳ ଓ ବ୍ରାହ୍ମଣ ସମସ୍ତେ ଏକତ୍ର ହୋଇ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନରୁ ଉତ୍‌ଥିତ ଦିବ୍ୟ ଧ୍ୱନି ଶ୍ରବଣ କରିପାରିବେ ଏବଂ ତଦ୍ୱାରା ହୃଦୟରୂପୀ ଦର୍ପଣ ଉପରେ ଜମିଥିବା ମଇଳା ସଫାକରିପାରିବେ। ଶ୍ରୀମନ୍ ମହାପ୍ରଭୁଙ୍କର ଏ ବାର୍ତ୍ତା ସହ ସମତାଳ ଦେଇ ସଂସାରର ସମସ୍ତ ମାନବ ଜାତିର ଏକ ସାର୍ବଭୌମ ଧର୍ମର ସଂସ୍ଥାପନ ନିମିତ୍ତ ଏକ ସାର୍ବଜନୀନ ଧରାତଳ ଉପରେ ଭଗବାନଙ୍କର ପବିତ୍ର ନାମକୁ ଗ୍ରହଣ କରିବେ। ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ, ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଆବିର୍ଭାବ ସଙ୍ଗେ ସଙ୍ଗେ ଦିବ୍ୟ ନାମର ମଧ୍ୟ ଆବିର୍ଭାବ ହେଲା।

ଶ୍ରୀମନ୍ ମହାପ୍ରଭୁ ଶିଶୁ ଅବସ୍ଥାରେ ମାଆ କୋଳରେ ଯେତେ–ବେଳେ କାନ୍ଦୁଥିଲେ, ସେତେବେଳେ ସ୍ତ୍ରୀଲୋକମାନେ ତାଙ୍କୁ ବେଢ଼ିଯାଇ ତାଳିମାରି ଭଗବାନଙ୍କର ଦିବ୍ୟନାମ ଗାନ ଶୁଣାଇଲା ମାତ୍ରେ ତାଙ୍କର କ୍ରନ୍ଦନ ବନ୍ଦ

ହୋଇଯାଉଥିଲା । ପଡ଼ୋଶୀମାନେ ବହୁବାର ଏ ଆଶ୍ଚର୍ଯ୍ୟ ଘଟଣା ଦେଖି ଆଶ୍ଚର୍ଯ୍ୟ ହୋଇଛନ୍ତି । ବେଳେବେଳେ ଯୁବତୀମାନେ ମହାପ୍ରଭୁଙ୍କୁ କନ୍ଦାଉଥିଲେ ଏବଂ ଦିବ୍ୟନାମ ଗାନକରି ପୁଣି ତାଙ୍କୁ ତୁନି କରାଉଥିଲେ । ଏଥିରେ ସେମାନେ ଆନନ୍ଦ ପାଉଥିଲେ । ଏହିପରିଭାବରେ ମହାପ୍ରଭୁ ବାଲ୍ୟକାଳରୁ ଦିବ୍ୟନାମ କୀର୍ତ୍ତନର ମହିମା ପ୍ରଚାର କରିବାକୁ ଆରମ୍ଭ କରିଥିଲେ । ପିଲାଦିନେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ନାମ ଥିଲା ନିମାଇଁ । ତାଙ୍କର ସ୍ନେହମୟୀ ମା' ତାଙ୍କୁ ଏ ନାମ ଦେଇଥିଲେ ; କାରଣ ମହାପ୍ରଭୁ ତାଙ୍କର ପିତାଙ୍କର ବାସଭବନର ପ୍ରାଙ୍ଗଣରେ ଥିବା ନିମ୍ବ ବୃକ୍ଷ ତଳେ ଜନ୍ମ ହୋଇଥିଲେ ।

ଅନ୍ନପ୍ରାଶନ ଉତ୍ସବ

ଯେତେବେଳେ ମହାପ୍ରଭୁ ଛ'ମାସର ହୋଇଗଲେ, ସେତେବେଳେ ତାଙ୍କର ଅନ୍ନପ୍ରାଶନ ଉତ୍ସବ ହେଲା । ସେ ଉତ୍ସବରେ ତାଙ୍କୁ ପ୍ରଥମକରି ଅନ୍ନଭୋଜନ କରିବାକୁ ଦିଆଗଲା । ସେହି ଅବସରରେ ସେ ତାଙ୍କର ଭବିଷ୍ୟତ ଲୀଳାର ସୂଚନା ଦେଇଥିଲେ । ଏହି ଉତ୍ସବ ପାଳନ ସମୟରେ– ଏହି ପ୍ରଥା ଅଛି ଯେ, ବାଳକ ତା' ଜୀବନରେ କ'ଣ କରିବ ସେ ମନୋବୃତ୍ତି ଜାଣିବା ନିମିତ୍ତ ବାଳକ ଆଗରେ ଟଙ୍କା ପଇସା ଏବଂ ଧର୍ମଗ୍ରନ୍ଥ ରଖାଯାଏ ଏବଂ ବାଳକକୁ ଛାଡ଼ି ଦିଆଯାଏ ଏବଂ ଲକ୍ଷ୍ୟ କରାଯାଏ ସେ କାହାକୁ ଗ୍ରହଣ କରୁଛି । ସେହିପରି ଶ୍ରୀମନ୍ ମହାପ୍ରଭୁଙ୍କ ସମ୍ମୁଖରେ ଗୋଟିଏ ପାର୍ଶ୍ୱରେ ଟଙ୍କାପଇସା ରଖାଗଲା ଏବଂ ଅନ୍ୟ ଏକ ପାର୍ଶ୍ୱରେ *ଶ୍ରୀମଦ୍ ଭାଗବତମ୍* ରଖାଗଲା । ଦେଖାଗଲା ଶ୍ରୀମନ୍ ମହାପ୍ରଭୁ ଟଙ୍କା ପଇସାପ୍ରତି ଦୃଷ୍ଟିପାତ ନକରି *ଶ୍ରୀମଦ୍ ଭାଗବତମ୍*କୁ ଉଠାଇଲେ ।

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଶୈଶବ ଲୀଳା

ତାଙ୍କର ଶୈଶବ କାଳରେ ଥରେ ସେ ଅଗଣାରେ ଗୁରୁଣ୍ଡୁଥିବା ସମୟରେ ଏକ ସାପ ଆସିଲା ଏବଂ ବଡ଼ ଆଶ୍ଚର୍ଯ୍ୟର କଥା, ମହାପ୍ରଭୁ ତାକୁ ଧରି ଖେଳିବାକୁ ଲାଗିଲେ । ଏ ଦୃଶ୍ୟ ଦେଖି ଘରର ସମସ୍ତେ ଆଶ୍ଚର୍ଯ୍ୟ ହୋଇଗଲେ, କିନ୍ତୁ କିଛି ସମୟପରେ ଦେଖାଗଲା ଯେ, ସାପଟି କେଉଁଆଡ଼େ ଚାଲିଯାଇଛି



ଏବଂ ମାଆ ଶିଶୁକୁ କୋଳରେ ନେଇଯାଇଛନ୍ତି। ଥରେ ଗୋଟିଏ ଚୋର ଆସି ତାଙ୍କୁ ଚୋରିକରି ନେଲା। ଶିଶୁଟିର ଶରୀରରେ ବହୁମୂଲ୍ୟର ଅଳଙ୍କାର ଥିଲା, ସେହି ଅଳଙ୍କାରକୁ ଚୋରିକରି ନେବା ଉଦ୍ଦେଶ୍ୟରେ ଚୋରଟି ଶିଶୁ ନିମାଇଙ୍କୁ ଚୋରିକରି ନେଇଥିଲା ; କିନ୍ତୁ ମହାପ୍ରଭୁ ତା'ର କାନ୍ଧ ଉପରେ ବସି ଭ୍ରମଣ କରିବାର ଏକ ଆନନ୍ଦ ଅନୁଭବ କଲେ। ସେ ଚୋର ; ମହାପ୍ରଭୁଙ୍କୁ କାନ୍ଧ ଉପରେ ବସାଇ ଏଆଡ଼େ-ସେଆଡ଼େ ନାନାଆଡ଼େ ବୁଲି ଏକ ଏକାନ୍ତ ସ୍ଥାନ ଖୋଜି ବୁଲୁଥିଲା, ଯେଉଁଠାରେ କି ସେ ଶିଶୁର ଅଳଙ୍କାରଗୁଡ଼ିକ ତା'ର ଶରୀରରୁ ବାହାରକରି ନେଇଯିବ ; କିନ୍ତୁ ଏପରି ଘଟଣା ଘଟିଲା ଯେ, ଶେଷରେ ଚୋରଟି ଆସି ଜଗନ୍ନାଥ ମିଶ୍ରଙ୍କଘର ଆଗରେ ପହଁଞ୍ଚିଗଲା। ଯେତେବେଳେ ସେ ଦେଖିଲା ଯେ, ବର୍ତ୍ତମାନ ସେ ଧରାପଡ଼ି ଯିବ, ସେତେବେଳେ ସେ ଶିଶୁଟିକୁ ସେହିଠାରେ ପକାଇ ଦେଇ ସାଙ୍ଗେ ସାଙ୍ଗେ ପଳାଇଗଲା। ଶିଶୁକୁ ନଦେଖି ପିତାମାତା ବଡ଼ ଚିନ୍ତିତ ହୋଇ ପଡ଼ିଥିଲେ। ବର୍ତ୍ତମାନ ସେମାନେ ଶିଶୁଟିକୁ ପାଇ ଅତ୍ୟନ୍ତ ଆନନ୍ଦିତ ହୋଇଗଲେ।

ଥରେ ଏକ ତୀର୍ଥଯାତ୍ରୀ ବ୍ରାହ୍ମଣ ଜଗନ୍ନାଥ ମିଶ୍ରଙ୍କ ଘରକୁ ଆସିଲେ। ଯେତେବେଳେ ସେ ଭଗବାନଙ୍କୁ ପ୍ରସାଦ ଅର୍ପଣ କରୁଥିଲେ, ସେତେବେଳେ ମହାପ୍ରଭୁ ତାଙ୍କ ସମକ୍ଷରେ ଆବିର୍ଭୂତ ହୋଇ ପ୍ରସାଦ ସେବନ କରିବାକୁ

ଲାଗିଗଲେ। ଏହା ଦେଖି ବ୍ରାହ୍ମଣ ସେ ପ୍ରସାଦକୁ ପ୍ରତ୍ୟାଖ୍ୟାନ କରିଦେଲେ, କାରଣ ତାହା ଶିଶୁ ଅଇଁଠା କରିଦେଲା। ତେଣୁ ବ୍ରାହ୍ମଣ ପୁଣି ଖାଦ୍ୟ ପ୍ରସ୍ତୁତ କଲେ। ଏଥର ମଧ୍ୟ ସେହି ଘଟଣା ଘଟିଲା। ସେ ସମୟରେ ମାଆ ଶିଶୁଟିକୁ ଶୁଆଇ ପକାଇଲେ। ରାତି ବାରଟା ବେଳେ ଯେତେବେଳେ ସମସ୍ତେ ଘର କବାଟ ବନ୍ଦକରି ଗାଢ଼ ନିଦ୍ରାରେ ଶୋଇପଡ଼ିଥିଲେ ସେତେବେଳେ ସେ ତୀର୍ଥ ଯାତ୍ରୀ ବ୍ରାହ୍ମଣ ସ୍ୱତନ୍ତ୍ରଭାବେ ପ୍ରସ୍ତୁତ ପ୍ରସାଦ ଭଗବାନଙ୍କୁ ଅର୍ପଣ କଲେ। ଏଥର ମଧ୍ୟ ଶିଶୁ-ମହାପ୍ରଭୁ ପ୍ରଥମଥର ପରି ବ୍ରାହ୍ମଣ ସମକ୍ଷରେ ଉପସ୍ଥିତ ହୋଇ ପ୍ରସାଦ ସେବନ କରି ଅଇଁଠା କରିଦେଲେ। ଏହାଦେଖି ବ୍ରାହ୍ମଣ କାନ୍ଦିବାକୁ ଲାଗିଲେ। ସମସ୍ତେ ଶୋଇ ପଡ଼ିଥିବା ଯୋଗୁଁ କେହି ତାଙ୍କର କ୍ରନ୍ଦନ ଶୁଣିପାରିଲେ ନାହିଁ। ସେ ସମୟରେ ଶିଶୁ ମହାପ୍ରଭୁ ସେ ଭାଗ୍ୟବାନ୍ ବ୍ରାହ୍ମଣ ସମକ୍ଷରେ ଆବିର୍ଭୂତ ହେଲେ ଓ ତାଙ୍କର କୃଷ୍ଣରୂପ ତାଙ୍କୁ ଦେଖାଇଲେ। ଏକଥା କାହାରି ଆଗରେ ପ୍ରକାଶ ନ କରିବା ପାଇଁ ସେ ବ୍ରହ୍ମଣଙ୍କୁ ମନା କରିଦେଲେ ଏବଂ ଶିଶୁରୂପରେ ପୁଣି ମାଆ କୋଳରେ ଶୋଇବାକୁଚାଲିଗଲେ।

ଏହିପରି ଅନେକ ଘଟଣା ତାଙ୍କର ବାଲ୍ୟକାଳରେ ଘଟିଯାଇଛି। ଏକଦୁଷ୍ଟ ବାଳକ ହିସାବରେ ଗଙ୍ଗା ସ୍ନାନ କରୁଥିବା ନୈଷ୍ଠିକ ବ୍ରାହ୍ମଣମାନଙ୍କୁ ସେ ବେଳେବେଳେ ଚିଡ଼ାଉ ଥିଲେ। ସେ ବ୍ରାହ୍ମଣମାନେ ଯେତେବେଳେ ମହାପ୍ରଭୁଙ୍କର ପିତାଙ୍କ ଆଗରେ ଯାଇ ଅଭିଯୋଗ କଲେ ଯେ, ତାଙ୍କ ପୁତ୍ର ବିଦ୍ୟାଳୟକୁ ନଯାଇ ଗଙ୍ଗାରେ ସେମାନଙ୍କୁ ପାଣି ପକାଉଥିଲା, ସେତିକିବେଳେ ମହାପ୍ରଭୁ ବିଦ୍ୟାଳୟ ପୋଷାକରେ ବହିପତ୍ର ଧରି ସାଙ୍ଗସାଥିମାନଙ୍କ ସହ ବିଦ୍ୟାଳୟରୁ ଫେରି ସହସା ସେଠାରେ ଉପସ୍ଥିତ ହୋଇଗଲେ। ପଡ଼ିଶା ଘରର ଅବିବାହିତା ବାଳିକାଗୁଡ଼ିକ ନଦୀ ଘାଟରେ ଯେତେବେଳେ ଉତ୍ତମ ପତି ପ୍ରାପ୍ତି ଆଶାରେ ଶ୍ରୀ ଶିବଜୀଙ୍କର ପୂଜା କରୁଥିଲେ, ସେତେବେଳେ ମହାପ୍ରଭୁ ସେଠାରେ ଉପସ୍ଥିତ ହୋଇ ସେମାନଙ୍କ ସହିତ ଥଟ୍ଟା ପରିହାସ କରୁଥିଲେ। ହିନ୍ଦୁ ପରିବାରର ଅବିବାହିତା ବାଳିକାମାନଙ୍କ ମଧ୍ୟରେ ଏ ପ୍ରଥା ପ୍ରଚଳିତ ଅଛି। ଯେତେବେଳେ ସେମାନେ ଏପରି ଶିବ ପୂଜା କରୁଥିଲେ, ସେତେବେଳେ ମହାପ୍ରଭୁ ଦୁଷ୍ଟାମି କରି ସେମାନଙ୍କ ପାଖରେ ଉପସ୍ଥିତ ହୋଇ ସେମାନଙ୍କୁ କହିଲେ "ହେ ଭଗିନିଗଣ! ଶ୍ରୀ ଶିବଜୀଙ୍କ

ପାଇଁ ଯାହାସବୁ ଉପହାର ଆଣିଛ– ସେସବୁ ମୋତେ ଦିଅ। ଶ୍ରୀ ଶିବଜୀ ମୋର ଭକ୍ତ ଏବଂ ପାର୍ବତୀଜୀ ମୋର ଭୃତ୍ୟା ଅଟନ୍ତି। ତୁମ୍ଭେମାନେ ଯଦି ମୋର ପୂଜା କରିବ ତାହାହେଲେ ଶ୍ରୀ ଶିବଜୀ ଏବଂ ସମସ୍ତ ଦେବତା ଖୁବ୍ ଖୁସି ହେବେ।" ସେ ବାଳିକାମାନଙ୍କ ମଧ୍ୟରୁ କେତେକ ଦୁଷ୍ଟା ମହାପ୍ରଭୁଙ୍କର କଥା ମାନିବାକୁ ରାଜି ହେଲେ ନାହିଁ। ତେଣୁ ମହାପ୍ରଭୁ ସେମାନଙ୍କୁ ଅଭିଶାପ ଦେଇ କହିଲେ ଯେ ସେମାନେ ବୁଢ଼ା ବର ପାଇବେ, ଯାହାଙ୍କର ପୂର୍ବ ସ୍ତ୍ରୀ–ଗର୍ଭଜାତ ସାତଟି ସନ୍ତାନ ଥିବେ। ଆଉ କେତେକ ବାଳିକା ଭୟ ଯୋଗୁଁ ଓ କେତେକ ପ୍ରେମ ଯୋଗୁଁ ମହାପ୍ରଭୁଙ୍କୁ କିଛି ଉପହାର ପ୍ରଦାନ କଲେ। ମହାପ୍ରଭୁ ସେମାନଙ୍କୁ ଆଶୀର୍ବାଦ ଦେଇ କହିଲେ ଯେ, ସେମାନେ ଅତି ସୁନ୍ଦର ସ୍ୱାମୀ ପାଇବେ ଏବଂ ବାରଟି ସନ୍ତାନର ଜନନୀ ହେବେ। ତାଙ୍କର ଏ ଆଶୀର୍ବାଦ ବାଳିକାମାନଙ୍କୁ ଉତ୍ଫୁଲ୍ଲ କରାଉଥିଲା ; କିନ୍ତୁ ସେମାନେ ସେମାନଙ୍କର ମାଆମାନଙ୍କ ଆଗରେ ବିଷୟରେ ଅଭିଯୋଗ କରୁଥିଲେ।

ଶ୍ରୀମନ୍ ମହାପ୍ରଭୁଙ୍କର ଅଧ୍ୟୟନ ଓ ଅଧ୍ୟାପନ ଜୀବନ

ଏହିପରିଭାବରେ ମହାପ୍ରଭୁ ତାଙ୍କର ବାଲ୍ୟକାଳ କଟାଇଥିଲେ। ସେ ଯେତେବେଳେ ୧୬ବର୍ଷର ହୋଇଥିଲେ ସେତେବେଳେ ଏକ *ଚତୁଷ୍ପାଠୀ* (ସଂସ୍କୃତ ବ୍ରାହ୍ମଣଙ୍କ ଦ୍ୱାରା ପରିଚାଳିତ ଗ୍ରାମ୍ୟ ପାଠଶାଳା) ଆରମ୍ଭ କଲେ। ଏ ପାଠଶାଳାରେ ସେ କେବଳ କୃଷ୍ଣଙ୍କ ଉପରେ ହିଁ କହୁଥିଲେ, ଏପରିକି ବ୍ୟାକରଣ ପଢ଼ାଇଲା ବେଳେ ମଧ୍ୟ କୃଷ୍ଣକଥା କହୁଥିଲେ। ପରେ ଶ୍ରୀଳ ଜୀବ ଗୋସ୍ୱାମୀ

ମହାପ୍ରଭୁଙ୍କୁ ଖୁସି କରାଇବା ପାଇଁ ଏକ ସଂସ୍କୃତ ବ୍ୟାକରଣ ରଚନା କଲେ। ସେ ବ୍ୟାକରଣରେ ବ୍ୟାକରଣର ସମସ୍ତ ନିୟମ ଓ ଉଦାହରଣକୁ ବୁଝାଇବା ନିମିତ୍ତ ଭଗବାନଙ୍କର ଦିବ୍ୟ ନାମକୁ ବ୍ୟବହାର କରାଯାଇଅଛି। ଏ ବ୍ୟାକରଣ ଅଦ୍ୟାବିଧି ଚଳୁଛି। ଏହା *ହରିନାମାମୃତ ବ୍ୟାକରଣ* ନାମରେ ପରିଚିତ ଏବଂ ବଙ୍ଗ ଦେଶର ବିଦ୍ୟାଳୟମାନଙ୍କର ପାଠ୍ୟକ୍ରମରେ ଏହା ସ୍ଥାନ ପାଇଛି।

ଏହି ସମୟରେ କେଶବ କାଶ୍ମୀର ନାମକ ଏକ ମହାନ୍ କାଶ୍ମୀର ପଣ୍ଡିତ ଶାସ୍ତ୍ରାଲୋଚନା କରିବା ନିମିତ୍ତ ନବଦ୍ୱୀପକୁ ଆସିଲେ। ସେ କାଶ୍ମୀରୀ ପଣ୍ଡିତ ଜଣେ ପ୍ରସିଦ୍ଧ ପଣ୍ଡିତ ଥିଲେ। ସେ ଭାରତର ପ୍ରତ୍ୟେକ ପ୍ରସିଦ୍ଧ ସ୍ଥାନରେ ଭ୍ରମଣ କରି ଶାସ୍ତ୍ରାର୍ଥ କରୁଥିଲେ। ଏବଂ ବିଜୟ ହାସଲ କରୁଥିଲେ। ଶେଷରେ ସେ ନବଦ୍ୱୀପର ବିଦ୍ୱାନ ପଣ୍ଡିତଙ୍କ ସହ ଶାସ୍ତ୍ର ଯୁକ୍ତି କରିବା ନିମିତ୍ତ ଆସିଲେ। ନବଦ୍ୱୀପର ପଣ୍ଡିତମାନେ ନିମାଇଁ ପଣ୍ଡିତ (ଶ୍ରୀଚୈତନ୍ୟ ମହାପ୍ରଭୁ)ଙ୍କ ସହ କାଶ୍ମୀର ପଣ୍ଡିତଙ୍କର ପ୍ରତିଦ୍ୱନ୍ଦିତା କରିବାର ଠିକ୍ କଲେ। ସେମାନେ ଭାବିଲେ, ଯଦି ନିମାଇଁ ପଣ୍ଡିତ ହାରିଯା'ନ୍ତି, ତାହାହେଲେ ସେ ପଣ୍ଡିତଙ୍କ ସହ ଦ୍ୱିତୀୟବାର ଶାସ୍ତ୍ର ଯୁକ୍ତି କରିବାର ଅବସର ସେମାନଙ୍କୁ ମିଳିବ କାରଣ ନିମାଇଁ ପଣ୍ଡିତ ଏକ ବାଳକ ଥିଲେ। ଯଦି କାଶ୍ମୀର ପଣ୍ଡିତ ହାରିଯା'ନ୍ତି, ତାହାହେଲେ ସେମାନେ ଅଧିକ ଗୌରବାନ୍ୱିତ ହେବେ, କାରଣ ସର୍ବତ୍ର ଏହା ପ୍ରଚାରିତ ହୋଇଯିବ ଯେ, ନବଦ୍ୱୀପର ଏକ ବାଳକ ସାରା ଭାରତରେ ଶାସ୍ତ୍ର ଯୁକ୍ତିରେ ପ୍ରସିଦ୍ଧି ଲାଭ କରିଥିବା ଏକ ମହାପଣ୍ଡିତଙ୍କୁ ପରାସ୍ତ କରିଦେଲେ। ଏପରି ହେଲା ଯେ, ନିମାଇଁ ପଣ୍ଡିତ ଗଙ୍ଗା କୂଳରେ ବୁଲୁଥିବା ସମୟରେ କେଶବ କାଶ୍ମୀରଙ୍କୁ ଭେଟିଲେ। ମହାପ୍ରଭୁ ଗଙ୍ଗାଙ୍କର ମାହାତ୍ମ୍ୟ ସମ୍ବନ୍ଧରେ ଏକ ସଂସ୍କୃତ ଶ୍ଳୋକ ରଚନା କରିବାକୁ ତାଙ୍କୁ ଅନୁରୋଧ କଲେ। ପଣ୍ଡିତେ ଅଳ୍ପ ସମୟ ମଧ୍ୟରେ ଶହେ ଶ୍ଳୋକ ରଚନା କରିଦେଲେ ଏବଂ ନିଜର ପାଣ୍ଡିତ୍ୟର ଶକ୍ତି ପ୍ରକାଶକରି ଝଡ଼ଭଳି ଶ୍ଳୋକ ଆବୃତ୍ତି କରିବାକୁ ଲାଗିଲେ। ନିମାଇଁ ପଣ୍ଡିତ ସେ ସମସ୍ତ ଶ୍ଳୋକ ଅଭ୍ରାନ୍ତ ଭାବରେ ମନେ ରଖିପାରିଲେ, ସେ ୬୪ଶ ଶ୍ଳୋକ ଆବୃତ୍ତି କଲେ ଏବଂ ସେଥିରେ କେତେକ ଆଲଙ୍କାରିକ ଦୋଷ ଦର୍ଶାଇଲେ। ସେ ବିଶେଷକରି '*ଭବାନୀ ଭର୍ତ୍ତୁଃ*' ଶବ୍ଦର ବ୍ୟବହାର ସମ୍ବନ୍ଧରେ ପ୍ରଶ୍ନ କଲେ। ଏ ଦୁଇଟି ଶବ୍ଦର

ବ୍ୟବହାର ଠିକ୍ ହୋଇ ନାହିଁ ବୋଲି ସେ କହିଲେ। *ଭବାନୀ* ଶବ୍ଦର ଅର୍ଥ ହେଲା ଶ୍ରୀ ଶିବାଜୀଙ୍କର ସ୍ତ୍ରୀ ଏବଂ ଆଉ କିଏ ତାଙ୍କର *ଭର୍ତ୍ତା* ବା ସ୍ୱାମୀ ହୋଇପାରିବ ? ଏହା ଛଡ଼ା ଆଉ ଅନେକ ଦୋଷ ମଧ୍ୟ ସେ ଦେଖାଇଲେ। ଏହା ଦେଖି କାଶ୍ମୀର ପଣ୍ଡିତ ଆଶ୍ଚର୍ଯ୍ୟ ହୋଇଗଲେ। ଏପରି ଜଣେ ବିଶିଷ୍ଟ ପଣ୍ଡିତଙ୍କର ଦୋଷ ଏକ ସାଧାରଣ ବ୍ୟାକରଣ ଛାତ୍ର କିପରି ଦର୍ଶାଇଲା – ଏହା ଭାବି ସେ ଆଶ୍ଚର୍ଯ୍ୟାନ୍ୱିତ ହୋଇଗଲେ। ଯଦିଓ ଏସବୁ ଘଟଣା ସର୍ବସାଧାରଣ ସମକ୍ଷରେ ନ ଘଟିଥିଲା, ତଥାପି ଏ ସମ୍ବାଦ ଦାବାଗ୍ନି ସଦୃଶ ମୁହୂର୍ତ୍ତକ ମଧ୍ୟରେ ସାଙ୍ଗେ ସାଙ୍ଗେ ସମଗ୍ର ନବଦ୍ୱୀପରେ ବ୍ୟାପିଗଲା କିନ୍ତୁ ସ୍ୱପ୍ନରେ ସରସ୍ୱତୀ ଦେବୀ, ମହାପ୍ରଭୁଙ୍କ ନିକଟରେ ଆତ୍ମ ସମର୍ପଣ କରିବା ନିମିତ୍ତ ପଣ୍ଡିତଙ୍କୁ ଆଦେଶ କଲେ ଏବଂ ଏହିପରି ଭାବେ କାଶ୍ମୀର ପଣ୍ଡିତ ମହାପ୍ରଭୁଙ୍କର ଅନୁଗାମୀ ହୋଇଗଲେ।

ଶ୍ରୀମନ୍ ମହାପ୍ରଭୁ ସଂକୀର୍ତ୍ତନ ଯଜ୍ଞ ପ୍ରଚଳନ କଲେ

ଏହାପରେ ବଡ଼ ଆଡ଼ମ୍ବର ସହକାରେ ମହାପ୍ରଭୁଙ୍କର ବିବାହ ଉତ୍ସବ ସଂପନ୍ନ ହେଲା। ଏହି ସମୟରେ ସେ ନବଦ୍ୱୀପରେ ସାମୂହିକ ସଂକୀର୍ତ୍ତନ (ଭଗବାନ୍‌ଙ୍କର ଦିବ୍ୟ ନାମ ସଂକୀର୍ତ୍ତନ) ପ୍ରଚାର କାର୍ଯ୍ୟ ଆରମ୍ଭ କରିଦେଲେ। ତାଙ୍କର ଲୋକପ୍ରିୟତା ଦେଖି କେତେକ ବ୍ରାହ୍ମଣ ତାଙ୍କପ୍ରତି ଈର୍ଷାନ୍ୱିତ ହେଲେ ଏବଂ ତାଙ୍କର ଭଜନ ମାର୍ଗରେ ନାନା ପ୍ରତିବନ୍ଧକ ସୃଷ୍ଟି କରିବାକୁ ଲାଗିଲେ। ସେମାନେ ଏତେଦୂର ଈର୍ଷାନ୍ୱିତ ହୋଇଥିଲେ ଯେ, ଶେଷରେ ସେମାନେ ନବଦ୍ୱୀପର ମୁସଲମାନ ନ୍ୟାୟାଧୀଶ (ଅର୍ଥାତ୍ କାଜୀ)ଙ୍କ ନିକଟରେ ଅଭିଯୋଗ କଲେ। ସେ ସମୟରେ ପଠାଣମାନେ ବଙ୍ଗ ଦେଶରେ ଶାସନ କରୁଥିଲେ ଏବଂ ପ୍ରଦେଶ ଶାସନକର୍ତ୍ତା ଥିଲେ ନବାବ୍ ହୁସେନ୍ ଶାହା। ନବଦ୍ୱୀପର ସେ ମୁସଲମାନ ଶାସନକର୍ତ୍ତା(ଅର୍ଥାତ୍ କାଜୀ) ବ୍ରାହ୍ମଣମାନଙ୍କର ଏ ଅଭିଯୋଗକୁ ବଡ଼ ଗମ୍ଭୀରତା ସହକାରେ ଗ୍ରହଣ କଲେ ଏବଂ ସେ ମହାପ୍ରଭୁଙ୍କର ଅନୁଗତମାନଙ୍କୁ ସାବଧାନ କରିଦେଲେ ଯେ, ସେମାନେ ଉଚ୍ଚସ୍ୱରରେ ଶ୍ରୀହରି ନାମ ଉଚ୍ଚାରଣ କରିପାରିବେ ନାହିଁ, କିନ୍ତୁ ଶ୍ରୀଚୈତନ୍ୟ ମହାପ୍ରଭୁ କାଜୀଙ୍କର ଏ ଆଦେଶକୁ ଅବମାନନା କରିବା ନିମିତ୍ତ ତାଙ୍କର ଅନୁଗାମୀମାନଙ୍କୁ ଆଦେଶ

ଦେଲେ ଏବଂ ସେମାନେ ପୂର୍ବପରି ସେମାନଙ୍କର ନାମ-ସଂକୀର୍ତ୍ତନ କରି ଚାଲିଲେ। ଏହା ଦେଖି କାଜୀ କେତେକ ସିପାହୀ ପଠାଇଲେ। ସେମାନେ କେତେକ ମୃଦଙ୍ଗ ଭାଙ୍ଗିପକାଇଲେ ଏବଂ ସଂକୀର୍ତ୍ତନ ବନ୍ଦ କରିଦେଲେ। ଯେତେବେଳେ ନିମାଇଁ ପଣ୍ଡିତ ଏ ଘଟଣା ଶୁଣିଲେ ସେତେବେଳେ ସେ ସମୂହଭାବେ ଆଜ୍ଞା ଉଲ୍ଲଙ୍ଘନ କରିବା ନିମିତ୍ତ ଏକ ଦଳ ଗଠନ କଲେ। ଉଚିତ କାରଣ ନିମିତ୍ତ ଭାରତରେ ସାମୂହିକ ଆଜ୍ଞା ଲଘଂନ ଆନ୍ଦୋଳନର ସେ ଥିଲେ ଅଗ୍ରଦୂତ। ସେ ୧୦୦,୦୦୦ଲୋକଙ୍କର ଏପରି ଏକ ଶୋଭା ଯାତ୍ରା ବାହାର କଲେ — ଯେଉଁମାନଙ୍କ ହାତରେ ହଜାର ହଜାର ମୃଦଙ୍ଗ ଓ କରତାଳ ଥିଲା। ଏ ଶୋଭାଯାତ୍ରା କାଜୀଙ୍କ ଆଦେଶକୁ ଅବମାନନା କରି ନବଦ୍ୱୀପର ସଡ଼କ ଉପରେ ଚାଲିବାକୁ ଲାଗିଲା। ଶେଷରେ ଏ ଶୋଭାଯାତ୍ରା କାଜୀଙ୍କର ବାସଭବନ ସମ୍ମୁଖରେ ପହଞ୍ଚିଲା। କାଜୀ ଏ ଜନତାକୁ ଦେଖି ଭୟଭୀତ ହୋଇ ଉପର ମହଲକୁ ପଳାଇଲେ। କାଜୀଙ୍କର ଗୃହ ସମ୍ମୁଖରେ ଉପସ୍ଥିତ ହୋଇ ଶୋଭାଯାତ୍ରାକାରୀମାନେ ବଡ଼ କ୍ରୋଧାନ୍ୱିତ ହୋଇ ପଡ଼ିଲେ, କିନ୍ତୁ ମହାପ୍ରଭୁ ସେମାନଙ୍କୁ ଶାନ୍ତ ହେବା ପାଇଁ ଆଦେଶ କଲେ। ଏହି ସମୟରେ କାଜୀ ତଳକୁ ଆସିଲେ ଏବଂ ମହାପ୍ରଭୁଙ୍କୁ ତାଙ୍କର ଭଣଜା ବୋଲି କହି ଶାନ୍ତ କରିବାକୁ ଚେଷ୍ଟା କଲେ। ସେ କହିଲେ ଯେ, ନୀଳାମ୍ବର ଚକ୍ରବର୍ତ୍ତୀ ତାଙ୍କର ଦାଦା ଅଟନ୍ତି, ତେଣୁ ନିମାଇଁ ପଣ୍ଡିତଙ୍କର ମାତା ଶ୍ରୀମତୀ ଶଚୀଦେବୀ ତାଙ୍କର ଭଉଣୀ ହେଲେ।



ଏହିପରି କହି ସେ ମହାପ୍ରଭୁଙ୍କୁ ପଚାରିଲେ — ତାଙ୍କର ଭଉଣୀର ପୁଅ (ଅର୍ଥାତ୍ ଭଣଜା) କ'ଣ ମାମୁଙ୍କ ଉପରେ ରାଗନ୍ତି ? ଏହା ଶୁଣି ଶ୍ରୀଚୈତନ୍ୟ ମହାପ୍ରଭୁ କହିଲେ, "ଯଦି ଆପଣ ବାସ୍ତବରେ ମୋର ମାମୁ ଅଟନ୍ତି, ତାହାହେଲେ ଆପଣା ଘରେ ଭଣଜାର ସ୍ୱାଗତ କରନ୍ତୁ।" ଏହିପରିଭାବରେ ବିବାଦର ପରିସମାପ୍ତି ହୋଇଗଲା। ଏହାପରେ ସେ ବିଦ୍ୱାନ୍ ଦୁଇଜଣ ବସି କୋରାନ୍ ଓ ହିନ୍ଦୁ ଶାସ୍ତ୍ର ଉପରେ ବହୁତ ଲମ୍ବା ଚର୍ଚ୍ଚା କରିବାକୁ ଲାଗିଲେ। ମହାପ୍ରଭୁ ଗୋହତ୍ୟା ସମ୍ବନ୍ଧରେ ପ୍ରଶ୍ନ କଲେ ଏବଂ କାଜୀ କୋରାନରୁ ଉଦାହରଣ ଦେଇ ସମୂଚିତ ଉତ୍ତର ଦେଲେ। ଏହାପରେ କାଜୀ ବେଦରେ ବର୍ଣ୍ଣିତ ଗୋ-ବଧ ଯଜ୍ଞ ସମ୍ବନ୍ଧରେ ମହାପ୍ରଭୁଙ୍କୁ ପ୍ରଶ୍ନ କଲେ ଏବଂ ମହାପ୍ରଭୁ ଉତ୍ତର ଦେଲେ ଯେ, ବେଦରେ ଯେଉଁ ଯଜ୍ଞର ବର୍ଣ୍ଣନା ଅଛି ତାହା ବାସ୍ତବରେ ଗୋ-ହତ୍ୟା ନୁହେଁ, ସେ ଯଜ୍ଞରେ ଏକ ବୁଢ଼ା ବଳଦ ବା ବୁଢ଼ୀ ଗାଈକୁ ବଳି ଦିଆଯାଏ, କାହିଁକି'ନା ବେଦ ମନ୍ତ୍ରର ଶକ୍ତିରେ ସେ ଏକ ନୂତନ ଯୁବକ ଜୀବନ ଲାଭ କରିବ। କିନ୍ତୁ କଳିଯୁଗରେ ଗୋ-ବଧ ଯଜ୍ଞ ମନା କରାଯାଇଛି, କାରଣ ଏ ପ୍ରକାର ଯଜ୍ଞାନୁଷ୍ଠାନ ନିମିତ୍ତ ଉପଯୁକ୍ତ ବ୍ରାହ୍ମଣ ନାହାନ୍ତି। ବାସ୍ତବରେ କଳିଯୁଗରେ ସମସ୍ତ ପ୍ରକାର ଯଜ୍ଞ ମନା କରାଯାଇଛି, କାରଣ ତାହା କେବଳ ମୂର୍ଖମାନଙ୍କର ବ୍ୟର୍ଥ ପ୍ରୟାସ ମାତ୍ର ଅଟେ। କଳି ଯୁଗରେ କେବଳ ଏକମାତ୍ର ସଂକୀର୍ତ୍ତନ ଯଜ୍ଞ ସମସ୍ତ ବ୍ୟାବହାରିକ ଉଦ୍ଦେଶ୍ୟ ନିମିତ୍ତ ସ୍ୱୀକୃତ ହୋଇଅଛି। ଏହିପରି କହି ମହାପ୍ରଭୁ

କାଜୀଙ୍କୁ ପ୍ରଭାବିତ କରିଦେଲେ ଏବଂ କାଜୀ ମହାପ୍ରଭୁଙ୍କର ଅନୁଗାମୀ ହୋଇଗଲେ। ଏହାପରେ କାଜୀ ଘୋଷଣା କଲେ ଯେ, ମହାପ୍ରଭୁଙ୍କ ଦ୍ୱାରା ପ୍ରଚାରିତ ଏ ସଂକୀର୍ତ୍ତନ ଆନ୍ଦୋଳନକୁ କେହି ବନ୍ଦ କରିପାରିବେ ନାହିଁ ; ପୁନଶ୍ଚ ଏ ଆଦେଶକୁ ମଧ୍ୟ ସେ ଭବିଷ୍ୟତ ବଂଶଧରମାନଙ୍କ ନିମିତ୍ତ ନିଜ ଉଇଲ୍‌ରେ ଲିପିବଦ୍ଧ କରିଦେଲେ। ସେ କାଜୀଙ୍କର ସମାଧି ମନ୍ଦିର (ବା କବର) ବର୍ତ୍ତମାନ ସୁଦ୍ଧା ନବଦ୍ୱୀପରେ ଅଛି ଏବଂ ହିନ୍ଦୁତୀର୍ଥଯାତ୍ରୀମାନେ ସମ୍ମାନ ପ୍ରଦର୍ଶନ ନିମିତ୍ତ ସେଠାକୁ ଯାଉଛନ୍ତି। କାଜୀଙ୍କର ଉତ୍ତରାଧିକାରିଗଣ ବର୍ତ୍ତମାନ ସୁଦ୍ଧା ସେଠାରେ ବାସ କରୁଛନ୍ତି ଏବଂ ସେମାନେ ହିନ୍ଦୁ ମୁସଲମାନ ବିଦ୍ରୋହ ସମୟରେ ମଧ୍ୟ ସଂକୀର୍ତ୍ତନ ଆନ୍ଦୋଳନକୁ ବନ୍ଦ କରିନାହାନ୍ତି।

ଏ ଘଟଣାରୁ ସ୍ପଷ୍ଟ ସୂଚିତ ହେଉଛି ଯେ, ମହାପ୍ରଭୁ ଏକ ଭୀରୁ ବୈଷ୍ଣବ ନଥିଲେ। ବୈଷ୍ଣବ ଭଗବାନଙ୍କର ଏକ ନିର୍ଭୀକ ଭକ୍ତ ଅଟନ୍ତି ଏବଂ ଭଗବାନଙ୍କ କାମ ନିମିତ୍ତ ସେ ଯେକୌଣସି ଉପାୟ ଅବଲମ୍ବନ କରିପାରନ୍ତି। ଅର୍ଜୁନ ମଧ୍ୟ ଭଗବାନ୍ ଶ୍ରୀକୃଷ୍ଣଙ୍କର ଏକ ବୈଷ୍ଣବ ଭକ୍ତ ଥିଲେ ଏବଂ ଭଗବାନଙ୍କର ସନ୍ତୋଷବିଧାନ ନିମିତ୍ତ ସେ ବୀରତ୍ୱର ସହିତ ଯୁଦ୍ଧ କରିଥିଲେ। ଠିକ୍ ସେହିପରି ବଜରଙ୍ଗଜୀ (ହନୁମାନଜୀ) ମଧ୍ୟ ଭଗବାନ୍ ଶ୍ରୀରାମଚନ୍ଦ୍ରଙ୍କର ଭକ୍ତ ଥିଲେ ଏବଂ ସେ ରାବଣର ରାକ୍ଷସ (ଅଭକ୍ତ) ଦଳକୁ ପାଠ ପଢ଼ାଇଥିଲେ। ବୈଷ୍ଣବ ଧର୍ମର ନୀତି ହେଲା ସବୁପ୍ରକାରେ ଭଗବାନଙ୍କୁ ସନ୍ତୁଷ୍ଟ କରିବା। ସ୍ୱାଭାବତଃ ବୈଷ୍ଣବ ଅହିଂସା, ଶାନ୍ତଶିଷ୍ଟ ଏବଂ ସମସ୍ତ ଭଗବଦ୍ ଗୁଣର ଅଧିକାରୀ ; କିନ୍ତୁ ଯେତେବେଳେ ସେ ଦେଖେ ଯେ,ଏକ ଅଭକ୍ତ ଭଗବାନଙ୍କୁ କିମ୍ବା ଭକ୍ତଙ୍କୁ ନିନ୍ଦା କରୁଛି, ସେତେବେଳେ ସେ ତାହା (ଧୃଷ୍ଟତା) ସହିପାରେ ନାହିଁ।

ଶ୍ରୀମନ୍ ମହାପ୍ରଭୁ ତାଙ୍କର ସଂକୀର୍ତ୍ତନ ଯଜ୍ଞ ପ୍ରଚାର କାର୍ଯ୍ୟ ପ୍ରସାର କଲେ

ଏହି ଘଟଣାପରେ ମହାପ୍ରଭୁ ବଡ଼ ଜୋର୍-ସୋର୍‌ରେ (ବା ଅଧିକ ଉତ୍ସାହ ପୂର୍ବକ) ଭାଗବତ ଧର୍ମ ବା ସଂକୀର୍ତ୍ତନ ଆନ୍ଦୋଳନ ପ୍ରଚାର କରିବାକୁ ଲାଗିଲେ ଏବଂ ଯେ ଏ ଯୁଗଧର୍ମ ବା ସମୟୋଚିତ କର୍ତ୍ତବ୍ୟର ବିରୁଦ୍ଧରେ ଦଣ୍ଡାୟମାନ

ହେଲା, ସେ ଉପଯୁକ୍ତ ଭାବେ ଦଣ୍ଡିତ ହେଲା। ଚାପାଳ ଓ ଗୋପାଳ ନାମକ ଦୁଇଜଣ ବ୍ରାହ୍ମଣ ଭଦ୍ରଲୋକ (ଯେଉଁମାନେ କି ମହାପ୍ରଭୁଙ୍କର ମାମୁ ଥିଲେ) ଭକ୍ତମାନଙ୍କୁ ନିନ୍ଦା କରିବା ଯୋଗୁଁ କୁଷ୍ଠରୋଗାକ୍ରାନ୍ତ ହୋଇ ଯାଇଥିଲେ ଏବଂ ପରେ ଯେତେବେଳେ ସେମାନେ ଅନୁତାପ କଲେ, ସେତେବେଳେ ପୁଣି ମହାପ୍ରଭୁ ସେମାନଙ୍କୁ ଗ୍ରହଣ କଲେ। ସଂକୀର୍ତ୍ତନ ପ୍ରଚାର ସମୟରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଏବଂ ଠାକୁର ହରିଦାସଙ୍କ ସମେତ ତାଙ୍କର ସମସ୍ତ ଅନୁଗାମୀମାନଙ୍କୁ ଭାଗବତ ଧର୍ମ ପ୍ରଚାର କରିବା ନିମିତ୍ତ ପ୍ରତିଦିନ ଲୋକମାନଙ୍କ ଦ୍ୱାରକୁ ପଠାଉଥିଲେ। ସମଗ୍ର ନବଦ୍ୱୀପ ତାଙ୍କର ସଂକୀର୍ତ୍ତନ ଆନ୍ଦୋଳନରେ ପ୍ରଭାବିତ ହୋଇ ଉଠିଥିଲା। ଶ୍ରୀବାସ ଠାକୁର ଏବଂ ଅଦ୍ୱୈତ ପ୍ରଭୁ ତାଙ୍କର ଦୁଇଜଣ ପ୍ରଧାନ ଗୃହସ୍ଥ ଶିଷ୍ୟ ଥିଲେ ଏବଂ ସେମାନଙ୍କର ଗୃହ ତାଙ୍କର ମୁଖ୍ୟ କେନ୍ଦ୍ର ଥିଲା, ବ୍ରାହ୍ମଣ ସମାଜରେ ଏ ଦୁଇଜଣ ଅତ୍ୟନ୍ତ ବିଦ୍ୱାନ୍ ପଣ୍ଡିତ ଥିଲେ। ଏ ଦୁଇଜଣ ମହାପ୍ରଭୁଙ୍କର ଆନ୍ଦୋଳନର ପ୍ରଧାନ ସମର୍ଥକ ଥିଲେ। ଶ୍ରୀଅଦ୍ୱୈତ ପ୍ରଭୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଅବତାରର ମୂଳ କାରଣ ଥିଲେ। ଯେତେବେଳେ ଅଦ୍ୱୈତ ପ୍ରଭୁ ଦେଖିଲେ ଯେ, ସମଗ୍ର ମାନବ ସମାଜ ପଶୁପରି କେବଳ ସାଂସାରିକ କାର୍ଯ୍ୟ କଳାପରେ ବ୍ୟସ୍ତ ଏବଂ ଭଗବତ୍ ସେବା



ବିହୀନ ହୋଇ ପଡ଼ିଛନ୍ତି, ସେତେବେଳେ ସେ ମାନବଜାତି ପ୍ରତି ଅହୈତୁକୀ କୃପା ପ୍ରକାଶକରି ଭଗବାନଙ୍କର ଅବତାର ନିମିତ୍ତ ବିନୟ ସହକାରେ ଭଗବାନଙ୍କର ଚରଣାର ବିନ୍ଦରେ ପ୍ରାର୍ଥନା କଲେ ଏବଂ ବରାବର ଗଙ୍ଗାଜଳ ଓ ତୁଳସୀ ପତ୍ର ଦେଇ ଭଗବାନଙ୍କର ପୂଜା କରିବାକୁ ଲାଗିଲେ (ଲୋକମାନେ ଭଗବତ୍ ସେବା ବିହୀନ ହୋଇପଡ଼ିଥିବା ଦେଖି ସେ ବଡ଼ କ୍ଷୁବ୍ଧ ହୋଇପଡ଼ିଥିଲେ, କାରଣ ଏକମାତ୍ର ଭଗବତ୍ ଭକ୍ତି ହିଁ ମାନବ ଜାତିକୁ ସାଂସାରିକ ତ୍ରିତାପରୁ ରକ୍ଷା କରିପାରିବ)। ସଂକୀର୍ତ୍ତନ ଆନ୍ଦୋଳନ ପ୍ରଚାର କାର୍ଯ୍ୟରେ ପ୍ରତ୍ୟେକଙ୍କୁ ମହାପ୍ରଭୁଙ୍କର ଆଦେଶ ଅନୁଯାୟୀ ଦୈନନ୍ଦିନ ନିଜର ସେବା କାର୍ଯ୍ୟରେ ନିୟୋଜିତ ହେବା ଉଚିତ।

ଜଗାଇ ଓ ମାଧାଇଙ୍କ ଉଦ୍ଧାର

ଥରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଏବଂ ଶ୍ରୀଳ ହରିଦାସ ଠାକୁର ରାଜପଥ ଉପରେ ଯାଉଥିଲେ ଏବଂ ଏହି ସମୟରେ ସେମାନେ ଦେଖିଲେ ଉଚ୍ଚସ୍ୱରରେ ଚିତ୍କାର କରୁଥିବା ଏକ ଜନସମାଗମ ହୋଇଛି। ବାଟୋଇମାନଙ୍କୁ ପଚାରି ବୁଝିଲେ ଯେ, ଜଗାଇ ଓ ମାଧାଇ ନାମକ ଦୁଇଭାଇ ମଦପିଇ ମାତାଲ ହୋଇ ସାଧାରଣ ଶାନ୍ତିଭଙ୍ଗ କରୁଛନ୍ତି। ଏ କଥା ମଧ୍ୟ ସେମାନେ ଶୁଣିବାକୁ ପାଇଲେ ଯେ ; ସେ ଦୁଇଭାଇ ସମ୍ଭ୍ରାନ୍ତ ବ୍ରାହ୍ମଣ ପରିବାରରେ ଜନ୍ମ, କିନ୍ତୁ ଅସତ୍ ସଙ୍ଗ ଯୋଗୁଁ ସେମାନେ ଅତ୍ୟନ୍ତ ନିମ୍ନସ୍ତରର ଅତ୍ୟାଚାରୀ ହୋଇ ଯାଇଛନ୍ତି। ସେମାନେ ଯେ କେବଳ ମଦ୍ୟପ ହୋଇଯାଇଛନ୍ତି ତାହା ନୁହେଁ, ସେମାନେ ମାଂସାସୀ, ବ୍ୟଭିଚାରୀ, ଡକାଏତ ହୋଇଯାଇଛନ୍ତି ଏବଂ ସମସ୍ତ ପ୍ରକାର ପାପକର୍ମ କରୁଛନ୍ତି। ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଏ ସବୁ କଥା ଶୁଣି ସାରିଲା ପରେ ଭାବିଲେ, ଏ ଦୁଇଜଣ ପତିତ ଜୀବଙ୍କର ଉଦ୍ଧାର ସର୍ବପ୍ରଥମେ ହେବା ଉଚିତ। ଏ ଦୁଇଜଣ ଯଦି ପାପପୂର୍ଣ୍ଣ ଜୀବନ ଧାରାରୁ ଉଦ୍ଧାର ପା'ନ୍ତି ତାହାହେଲେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ସୁନାମ ଅତ୍ୟନ୍ତ ମହିମାନ୍ୱିତ ହୋଇଉଠିବ। ଏହିପରି ଭାବି ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ଏବଂ ଶ୍ରୀଳ ହରିଦାସ ଠାକୁର ସେ ଜନସମାଗମ ମଧ୍ୟରେ ପ୍ରବେଶ କଲେ ଏବଂ ସେ ଦୁଇଭାଇଙ୍କୁ ଭଗବାନ୍ ଶ୍ରୀହରିଙ୍କର ପବିତ୍ର ନାମ ଉଚ୍ଚାରଣ କରିବାକୁ କହିଲେ। ଏ କଥା ଶୁଣି ସେ ମଦ୍ୟପ ଭାଇ ଦୁଇଜଣ ଖୁବ୍

ରାଗିଗଲେ ଏବଂ ଅଶ୍ଳୀଳ ଭାଷାରେ ଗାଳି ଗୁଲଜ କରି ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କ ଉପରେ ଆକ୍ରମଣ କଲେ । ସେ ଦୁଇଭାଇ ସେମାନଙ୍କୁ ପିଟିବା ପାଇଁ ସେମାନଙ୍କ ପଛେ ପଛେ କିଛି ଦୂର ଧାଇଁଗଲେ । ସଂଧ୍ୟାରେ ଏମାନଙ୍କର ପ୍ରଚାର କାର୍ଯ୍ୟର ବିବରଣୀ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନିକଟରେ ପହଞ୍ଚିଲା । ଯେତେବେଳେ ଶ୍ରୀମନ୍ ମହାପ୍ରଭୁ ଶୁଣିଲେ ଯେ, ଶ୍ରୀଳ ନିତ୍ୟାନନ୍ଦ ପ୍ରଭୁ ଏବଂ ଶ୍ରୀଳ ହରିଦାସ ଠାକୁର ଏପରି ଦୁଇଜଣ ଦୁଷ୍ଟଙ୍କର ଉଦ୍ଧାର ନିମିତ୍ତ ଚେଷ୍ଟା କରୁଛନ୍ତି, ସେତେବେଳେ ସେ ଭାରି ଖୁସି ହେଲେ ।

ପରଦିନ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ ସେ ଦୁଇଭାଇଙ୍କୁ ଦେଖିବାକୁ ଗଲେ । ସେ ସେମାନଙ୍କ ନିକଟରେ ପହଞ୍ଚିଲାକ୍ଷଣି ସେମାନଙ୍କ ମଧ୍ୟରୁ ଜଣେ ତାଙ୍କ ଉପରକୁ ଏକ ମାଟି ପାତ୍ର ଫିଙ୍ଗିଲା । ଏହା ତାଙ୍କର କପାଳରେ ବାଜିଲା ଏବଂ ସାଙ୍ଗେ ସାଙ୍ଗେ ମୁଣ୍ଡ ଫାଟିଯାଇ ରକ୍ତ ବୋହିବାକୁ ଲାଗିଲା, କିନ୍ତୁ ଶ୍ରୀଳ ନିତ୍ୟାନନ୍ଦ ପ୍ରଭୁ ଏପରି ଦୟାଳୁ ଥିଲେ ଯେ, ସେ ଏ କ୍ରୁର କର୍ମର କୌଣସି ପ୍ରତିବାଦ ନକରି ବରଂ କହିବାକୁ ଲାଗିଲେ "ତୁମେ ମୋତେ ଏ ପଥର ମାରିଲ, କିଛି ଯାଏ ଆସେ ନାହିଁ ; ତଥାପି ମୁଁ ତୁମକୁ ଅନୁରୋଧ କରୁଛି, ଭଗବାନ୍ ଶ୍ରୀହରିଙ୍କର ଦିବ୍ୟନାମ ଉଚ୍ଚାରଣ କର ।"

ଦୁଇଭାଇଙ୍କ ମଧ୍ୟରୁ ଜଗାଇ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କର ଏ ବ୍ୟବହାର ଦେଖି ଖୁବ୍ ଆଶ୍ଚର୍ଯ୍ୟ ହୋଇଗଲା ଏବଂ ସଙ୍ଗେ ସଙ୍ଗେ ତାଙ୍କର ପାଦତଳେ ପଡ଼ିଯାଇ ତା'ର ପାପୀ ଭାଇଙ୍କୁ କ୍ଷମା କରିବାକୁ ଅନୁରୋଧ କଲା । ଯେତେବେଳେ ମାଧାଇ ଦ୍ୱିତୀୟବାର ନିତ୍ୟାନନ୍ଦ ପ୍ରଭୁଙ୍କୁ ଆକ୍ରମଣ କରିବାକୁ ଚେଷ୍ଟାକଲା, ସେତେବେଳେ ଜଗାଇ ତାକୁ ବନ୍ଦକଲା ଏବଂ ତାଙ୍କର ଗୋଡ଼ତଳେ ପଡ଼ିବା ପାଇଁ ବାଧ୍ୟ କଲା । ଇତି ମଧ୍ୟରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କର ଆଘାତପ୍ରାପ୍ତ ହେବା କଥା ମହାପ୍ରଭୁଙ୍କ ପାଖରେ ପହଞ୍ଚିଗଲା ଏବଂ ସେ ସାଙ୍ଗେ ସାଙ୍ଗେ ଖୁବ୍ ରାଗିଯାଇ ଘଟଣାସ୍ଥଳରୁ ଧାଇଁ ଆସିଲେ । ମହାପ୍ରଭୁ ତତ୍କ୍ଷଣାତ୍ ତାଙ୍କର ସୁଦର୍ଶନ ଚକ୍ରକୁ ଆଦେଶ ଦେଲେ ଏ ପାପୀମାନଙ୍କୁ ବିନାଶ କରିବାକୁ, କିନ୍ତୁ ଶ୍ରୀଳ ନିତ୍ୟାନନ୍ଦ ପ୍ରଭୁ ତାଙ୍କୁ ତାଙ୍କର ଯୁଗଧର୍ମ କଥା ସ୍ମରଣ କରାଇ ଦେଲେ । ମହାପ୍ରଭୁଙ୍କର ଧର୍ମ ହେଲା କଳିଯୁଗର ପତିତ ନିରାଶ —ଜୀବମାନଙ୍କୁ ପ୍ରେମ ଭକ୍ତି ଦେଇ ଉଦ୍ଧାର କରିବା ଏବଂ ଜଗାଇ ଓ ମାଧାଇ ପ୍ରକୃଷ୍ଟ ଉଦାହରଣ ଅଟନ୍ତି । ସେ ପତିତ ଜୀବମାନଙ୍କର ଉଚ୍ଚ କୁଳ ଓ ସାଂସାରିକ ମାନସମ୍ମାନ ସତ୍ତ୍ୱେ ଶତକଡ଼ା ୯୦ ଭାଗ ଲୋକ ଏ ଯୁଗରେ ଏ ଦୁଇଭାଇଙ୍କପରି ପତିତ ଅଟନ୍ତି । ଶାସ୍ତ୍ର ପ୍ରମାଣ ଅନୁଯାୟୀ ଏ ଯୁଗର ସମଗ୍ର ମାନବଜାତି ଶୁଦ୍ର ସଦୃଶ ନୀଚ କିମ୍ବା ତାହାଠାରୁ ନୀଚତର ହେବ । ଏ କଥା ମନେ ରଖିବାକୁ ପଡ଼ିବ ଯେ, ଶ୍ରୀଚୈତନ୍ୟ ମହାପ୍ରଭୁ ଜନ୍ମଗତ ଜାତିପ୍ରଥାକୁ କେବେ ହେଲେ ସ୍ୱୀକାର କରୁନଥିଲେ ବରଂ ଶାସ୍ତ୍ରାନୁଯାୟୀ ବ୍ୟକ୍ତିର ସ୍ୱରୂପ ନିର୍ଣ୍ଣୟ ଉପରେ ସେ ଜୋର୍ ଦେଉଥିଲେ ଏବଂ ଶାସ୍ତ୍ର ନିର୍ଦ୍ଦେଶକୁ ଗ୍ରହଣ କରୁଥିଲେ ।

ଯେତେବେଳେ ମହାପ୍ରଭୁ ସୁଦର୍ଶନ ଚକ୍ରକୁ ଆଦେଶ ଦେଉଥିଲେ ଏବଂ ନିତ୍ୟାନନ୍ଦ ପ୍ରଭୁ ଦୁଇଭାଇଙ୍କୁ କ୍ଷମା କରିବା ନିମିତ୍ତ ଅନୁରୋଧ କରୁଥିଲେ, ସେହି ସମୟରେ ସେ ଦୁଇଭାଇ ମହାପ୍ରଭୁଙ୍କର ଚରଣକମଳରେ ପଡ଼ିଗଲେ ଏବଂ ସେମାନଙ୍କର ରୁକ୍ଷ ବ୍ୟବହାର ନିମିତ୍ତ କ୍ଷମା ପ୍ରାର୍ଥନା କଲେ । ଅନୁତାପ କରୁଥିବା ଏ ଦୁଇଟି ଆତ୍ମାକୁ ଗ୍ରହଣ କରିବା ନିମିତ୍ତ ମଧ୍ୟ ନିତ୍ୟାନନ୍ଦ ପ୍ରଭୁ ମହାପ୍ରଭୁଙ୍କୁ ଅନୁରୋଧ କଲେ ଏବଂ ଗୋଟିଏ ସର୍ତ୍ତରେ ମହାପ୍ରଭୁ ସେମାନଙ୍କୁ ଗ୍ରହଣ କରିବାକୁ ରାଜି ହେଲେ । ସର୍ତ୍ତଟି ହେଲା, ସେମାନେ ଆଜିଠାରୁ ସଂପୂର୍ଣ୍ଣରୂପେ

ସେମାନଙ୍କର ପାପକର୍ମ ଓ ଅତ୍ୟାଚାର ଛାଡ଼ି ଦେବେ। ଏଥିରେ ସେ ଦୁଇଭାଇ ରାଜିହେଲେ ଏବଂ ଶପଥ କଲେ ଯେ, ସେମାନେ ସେମାନଙ୍କର ସମସ୍ତ ପାପ ପ୍ରବୃତ୍ତିକୁ ତ୍ୟାଗ କରିବେ। ତତ୍‌ପରେ ଦୟାମୟ ମହାପ୍ରଭୁ ସେମାନଙ୍କୁ ସ୍ୱୀକାର କଲେ ଏବଂ ସେମାନଙ୍କର ଗତ ଜୀବନର ପାପକର୍ମକୁ ଆଉ ସ୍ମରଣ କଲେ ନାହିଁ।

ଏହା ହେଉଛି ମହାପ୍ରଭୁଙ୍କର ବିଶିଷ୍ଟ କୃପା। ଏ ଯୁଗର କେହି କହିପାରିବେ ନାହିଁ ଯେ, ସେ ନିଷ୍ପାପ ଅଟେ। କିନ୍ତୁ ଶ୍ରୀଚୈତନ୍ୟ ମହାପ୍ରଭୁ ସମସ୍ତ ପ୍ରକାର ପାପପୂର୍ଣ୍ଣ ବ୍ୟକ୍ତିଙ୍କୁ ଗୋଟିଏ ସର୍ତ୍ତରେ ଗ୍ରହଣ କରି ନେଉଥିଲେ ଯେ ସେମାନେ ଏକ ସିଦ୍ଧ ଗୁରୁ ବା ଉପଯୁକ୍ତ ଆଚାର୍ଯ୍ୟଙ୍କ ଦ୍ୱାରା ଦୀକ୍ଷୀତ ହେଲା ପରେ ଆଉ ସେ ପାପ ପ୍ରବୃତ୍ତିର ବଶବର୍ତ୍ତୀ ହେବେ ନାହିଁ।

ଏ ଦୁଇଭାଇଙ୍କର ଘଟଣାରୁ ବହୁତ ଶିକ୍ଷାପ୍ରଦ କଥା ବିଚାର କରିବାର ଅଛି। ଏ କଳିଯୁଗରେ ପ୍ରାୟ ସମସ୍ତେ ଜଗାଇ-ମାଧାଇଙ୍କ ଭଳି ଦୁଷ୍କର୍ମା ଅଟନ୍ତି। ଯଦି ସେମାନେ ସେମାନଙ୍କର କୁକର୍ମର ପ୍ରତିକ୍ରିୟାରୁ ମୁକ୍ତ ହେବାକୁ ଇଚ୍ଛା କରନ୍ତି, ତାହାହେଲେ ସେମାନେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଚରଣକମଳରେ ଆଶ୍ରୟ ନେବା ଉଚିତ ଏବଂ ଦୀକ୍ଷା ଗ୍ରହଣ ପରେ ଶାସ୍ତ୍ର ନିଷିଦ୍ଧ ଆଚରଣ ତ୍ୟାଗ କରିବା ଉଚିତ। ଶ୍ରୀମନ୍ ମହାପ୍ରଭୁ ଶ୍ରୀଳ ରୂପ ଗୋସ୍ୱାମୀଙ୍କ ମଧ୍ୟରେ ଯେଉଁ କଥୋପକଥନ ହୋଇଛି, ସେଥିରେ ଏ ନିଷିଦ୍ଧାଚାର ସମ୍ବନ୍ଧରେ ବର୍ଣ୍ଣନା କରାଯାଇଅଛି।

ଶ୍ରୀନିବାସଙ୍କ ଗୃହରେ ଅଲୌକିକତା

ମହାପ୍ରଭୁଙ୍କର ଗୃହସ୍ଥ ଜୀବନକାଳ ମଧ୍ୟରେ ସେ ବିଶେଷ କିଛି ଚମତ୍କାର ପ୍ରକଟ କରି ନାହାଁନ୍ତି। ମହାପୁରୁଷମାନେ ସାଧାରଣତଃ ଯେପରି ଚମତ୍କାରିତା ପ୍ରକାଶ କରନ୍ତି, ମହାପ୍ରଭୁ ସେପରି କରି ନାହାଁନ୍ତି। କିନ୍ତୁ ଦିନେ ଶ୍ରୀନିବାସ ଠାକୁରଙ୍କ ଘରେ ସଂକୀର୍ତ୍ତନ ଖୁବ୍ ଜୋରରେ ଚାଲିଥିଲାବେଳେ ସେ ଏକ ଅତି ଆଶ୍ଚର୍ଯ୍ୟଜନକ ଚମତ୍କାରିତା ପ୍ରଦର୍ଶନ କରିଥିଲେ। ସେ ଭକ୍ତମାନଙ୍କୁ ପଚାରିଲେ ସେମାନେ କ'ଣ ଖାଇବାକୁ ଚାହାଁନ୍ତି ଏବଂ ଯେତେବେଳେ ଜାଣିଲେ ଯେ ସେମାନେ ଆମ୍ବ ଖାଇବାକୁ ଇଚ୍ଛା କରୁଛନ୍ତି, ସେତେବେଳେ ସେ ଏକ ଆମ୍ବ-ବୀଜ



ମାଗିଲେ। ଯଦିଓ ତାହା ଆମ୍ବର ସମୟ ନଥିଲା, ତଥାପି ସେ ଆମ୍ବ ଫଳାଇଦେଲେ। ତାଙ୍କ ପାଖକୁ ଗୋଟିଏ ଆମ୍ବ ଟାକୁଆ ଅଣାଗଲା। ସେ ତାକୁ ଶ୍ରୀନିବାସ ଠାକୁରଙ୍କ ଅଗଣାରେ ପୋତିଲେ ଏବଂ ସାଙ୍ଗେ ସାଙ୍ଗେ ସେଥିରୁ ଗଜା ବାହାରିଲା। ଅଳ୍ପ ସମୟ ମଧ୍ୟରେ ତାହା ଏକ ଆମ୍ବ ଗଛରେ ପରିଣତ ହୋଇଗଲା ଏବଂ ସେଥିରେ ଆମ୍ବ ଫଳିଲା ଏବଂ ପାଚିଲା। ଭକ୍ତମାନେ ଯାହା ଖାଇପାରିବେ ତାହାଠାରୁ ଯଥେଷ୍ଟ ଅଧିକ ଆମ୍ବ ସେ ଗଛରେ ଲଦି ହୋଇଗଲା ସେ ଗଛ ଶ୍ରୀନିବାସ ଠାକୁରଙ୍କ ଅଗଣାରେ ରହିଲା। ଭକ୍ତମାନେ ଯେତେ ଇଚ୍ଛାକଲେ ସେତେ ଆମ୍ବ ସେଥିରୁ ତୋଳି ଖାଇପାରିଲେ।

ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କର ସନ୍ନ୍ୟାସ ଗ୍ରହଣ ଲୀଳା

ବୃନ୍ଦାବନର ଗୋପୀମାନଙ୍କର ଭଗବାନ୍ ଶ୍ରୀକୃଷ୍ଣଙ୍କ ପ୍ରତି ଯେଉଁ ମହାନ୍ ଅନୁରାଗ ତଥା ଅହୈତୁକୀ ଭକ୍ତି ଥିଲା, ସେଥିପ୍ରତି ମହାପ୍ରଭୁଙ୍କର ଉତ୍କୃଷ୍ଟ ସମ୍ମାନ ଥିଲା। ସେଇଥି ଯୋଗୁଁ ଥରେ ମହାପ୍ରଭୁ ଭଗବାନଙ୍କର ନାମୋଚ୍ଚାରଣ କରିବା ପରିବର୍ତ୍ତେ ଗୋପୀମାନଙ୍କର ନାମୋଚ୍ଚାରଣ କରିଥିଲେ। ଏହି ସମୟରେ ତାଙ୍କର କେତେକ ଶିଷ୍ୟ ବିଦ୍ୟାର୍ଥୀ ତାଙ୍କୁ ଦର୍ଶନ କରିବାକୁ ଆସିଲେ ଏବଂ ସେମାନେ ଯେତେବେଳେ ଦେଖିଲେ ଯେ ମହାପ୍ରଭୁ ଗୋପୀମାନଙ୍କର ନାମୋଚ୍ଚାରଣ କରୁଛନ୍ତି, ସେତେବେଳେ ସେମାନେ ଆଶ୍ଚର୍ଯ୍ୟ ହୋଇଗଲେ। ମୂର୍ଖତାବଶତଃ ସେମାନେ ମହାପ୍ରଭୁଙ୍କୁ ପଚାରିଲେ ଯେ, ସେ କାହିଁକି ଗୋପୀମାନଙ୍କର ନାମୋଚ୍ଚାରଣ କରୁଛନ୍ତି ଏବଂ ଭଗବାନ୍ ଶ୍ରୀକୃଷ୍ଣଙ୍କର ନାମୋଚ୍ଚାରଣ କରିବା ନିମିତ୍ତ ସେମାନେ ମହାପ୍ରଭୁଙ୍କୁ ଉପଦେଶ ଦେଲେ।

ସେତେବେଳେ ମହାପ୍ରଭୁ ଏକ ଦିବ୍ୟ ଭାବରେ ମଗ୍ନ ହୋଇଥିଲେ। ମୂର୍ଖ ବିଦ୍ୟାର୍ଥୀମାନଙ୍କର ଏ ପ୍ରଶ୍ନରେ ତାଙ୍କର ଭାବଭଙ୍ଗ ହୋଇଗଲା। ସେ ସେମାନଙ୍କୁ ଗାଳିଦେଇ ତଡ଼ିଦେଲେ। ସମସ୍ତ ବିଦ୍ୟାର୍ଥୀ ପ୍ରାୟ ମହାପ୍ରଭୁଙ୍କର ସମବୟସ୍କ ଥିଲେ, ତେଣୁ ସେମାନେ ଭୁଲରେ ମହାପ୍ରଭୁଙ୍କୁ ସେମାନଙ୍କ ସହ ସମାନ ବୋଲି ଭାବିଲେ। ଏହାପରେ ସେମାନେ ଏକ ସଭା କଲେ ଏବଂ ସେ ସଭାରେ ସ୍ଥିର କଲେ ଯଦି ମହାପ୍ରଭୁ ପୁଣି ସେମାନଙ୍କ ପ୍ରତି ଏପରି ବ୍ୟବହାର କରନ୍ତି ଏବଂ ସେମାନଙ୍କୁ ଦଣ୍ଡ ଦେବାକୁ ଚେଷ୍ଟା କରନ୍ତି ତାହାହେଲେ ସେମାନେ ତାଙ୍କ ଉପରେ ଆକ୍ରମଣ କରିବେ। ଏ ଘଟଣାରେ ସାଧାରଣ ଲୋକ ମହାପ୍ରଭୁଙ୍କ ପ୍ରତି କେତେକ ଆକ୍ଷେପମୂଳକ କଥା କହିବାକୁ ଆରମ୍ଭ କଲେ।

ଯେତେବେଳେ ମହାପ୍ରଭୁ ଏକଥା ଜାଣିଲେ, ସେତେବେଳେ ସେ ସମାଜରେ ଦେଖାଯାଉଥିବା ବିଭିନ୍ନ ପ୍ରକାର ଲୋକଙ୍କ ବିଷୟରେ ବିଚାର କରିବାକୁ ଲାଗିଲେ। ସେ ଭାବିଚିନ୍ତି ସ୍ଥିର କଲେ ଯେ, ବିଶେଷତଃ ଛାତ୍ର, ଶିକ୍ଷକ, କର୍ମୀ, ଯୋଗୀ, ଅଭକ୍ତ ତଥା ନିରୀଶ୍ୱରବାଦୀ ନାସ୍ତିକ — ଏମାନେ ସମସ୍ତେ ଭଗବାନଙ୍କର ପ୍ରେମମୟୀ ସେବାର ବିରୁଦ୍ଧାଚରଣ କରନ୍ତି। ସେ ଭାବିଲେ " ଏ ଯୁଗର ସମସ୍ତ ପତିତ-ଜୀବଙ୍କୁ ଉଦ୍ଧାର କରିବା ମୋର କାମ ଅଟେ; କିନ୍ତୁ ସେମାନେ ମୋତେ ଏକ ସାମାନ୍ୟ ବ୍ୟକ୍ତି ଜ୍ଞାନକରି ଅବମାନନାକଲେ ସେମାନେ ଅପରାଧ ଅର୍ଜନ କରିବେ। ଫଳରେ ସେମାନଙ୍କର କୌଣସି ଲାଭ ହେବ ନାହିଁ। ସେମାନେ ଯଦି ଆତ୍ମାନୁଭୂତି ଲାଭ ମାର୍ଗରେ ଗତି କରିବାକୁ

ଚାହାଁନ୍ତି ବା ପରମାର୍ଥୀ ଜୀବନଯାପନ କରିବାକୁ ଚାହାଁନ୍ତି, ତାହାହେଲେ ଯେ କୌଣସି ପ୍ରକାରେ ହେଉ ମୋତେ ନମସ୍କାର କରିବା ଉଚିତ।" ଏହିପରି ଭାବି ମହାପ୍ରଭୁ ଠିକ୍ କଲେ ଯେ, ସେ ସନ୍ନ୍ୟାସ ନେବେ ; କାରଣ ଲୋକମାନେ ସଧାରଣତଃ ଏକ ସନ୍ନ୍ୟାସୀ ପ୍ରତି ସମ୍ମାନ ପ୍ରଦର୍ଶନ କରନ୍ତି।

ବର୍ତ୍ତମାନ ସମାଜର ଅବସ୍ଥା ଯେପରି ଅତି ଦୁର୍ଗତ ଓ ପତିତ ହୋଇଛି ପାଞ୍ଚଶହ ବର୍ଷତଳେ ସେପରି ନଥିଲା। ସେତେବେଳେ ଲୋକମାନେ ସନ୍ନ୍ୟାସୀମାନଙ୍କୁ ସମ୍ମାନ ପ୍ରଦର୍ଶନ କରୁଥିଲେ ଏବଂ ସନ୍ନ୍ୟାସୀମାନେ ମଧ୍ୟ କଡ଼ାକଡ଼ି ଭାବରେ ସନ୍ନ୍ୟାସ ନିୟମ ପାଳନ କରୁଥିଲେ। ଶ୍ରୀଚୈତନ୍ୟ ମହାପ୍ରଭୁ ମଧ୍ୟ ଏ କଳିଯୁଗରେ ସନ୍ନ୍ୟାସ ନେବାର ପକ୍ଷପାତୀ ନଥିଲେ, କାରଣ ଏ ଯୁଗରେ ଖୁବ୍ କ୍ୱଚିତ୍ ସନ୍ନ୍ୟାସୀ (ସନ୍ନ୍ୟାସ ନେଇଥିବା ବ୍ୟକ୍ତି) ସନ୍ନ୍ୟାସ ନିୟମ ପାଳନ କରିଥାନ୍ତି। ଶ୍ରୀଚୈତନ୍ୟ ମହାପ୍ରଭୁ ଠିକ୍ କଲେ,ସେ ସନ୍ନ୍ୟାସ ନେବେ ଏବଂ ଜଣେ ଆଦର୍ଶ ସନ୍ନ୍ୟାସୀ ହେବେ ; ତାହାହେଲେ ସାଧାରଣ ଜନତା ତାଙ୍କୁ ସମ୍ମାନ ପ୍ରଦର୍ଶନ କରିବେ। ସନ୍ନ୍ୟାସୀଙ୍କୁ ସମ୍ମାନ ପ୍ରଦର୍ଶନ କରିବା ସମସ୍ତଙ୍କର କର୍ତ୍ତବ୍ୟ ; କାରଣ ସନ୍ନ୍ୟାସୀ ସମସ୍ତ ବର୍ଣ୍ଣ ଓ ଆଶ୍ରମର ଗୁରୁ ବୋଲି ବିବେଚିତ ହୁଅନ୍ତି।

ଯେତେବେଳେ ମହାପ୍ରଭୁ ସନ୍ନ୍ୟାସ ଗ୍ରହଣ କରିବା ନିମିତ୍ତ ଚିନ୍ତା କରୁଥିଲେ ସେତେବେଳେ କଟୱାର କେଶବ ଭାରତୀ ନାମକ ଏକ ମାୟବାଦୀ ସନ୍ନ୍ୟାସୀ ନବଦ୍ୱୀପକୁ ଆସିଥିଲେ ଏବଂ ମହାପ୍ରଭୁ ତାଙ୍କୁ ଭୋଜନାର୍ଥେ ନିମନ୍ତ୍ରଣ କରିଥିଲେ। ଯେତେବେଳେ କେଶବ ଭାରତୀ ତାଙ୍କ ଘରକୁ ଆସିଲେ ସେତେବେଳେ ମହାପ୍ରଭୁ ତାଙ୍କୁ ସନ୍ନ୍ୟାସ ପ୍ରଦାନ କରିବା ନିମିତ୍ତ ଅନୁରୋଧ କଲେ। ଏହା ଏକ ସାଧାରଣ ବ୍ୟବହାର ଥିଲା। ସାଧାରଣତଃ ଜଣେ ସନ୍ନ୍ୟାସୀଙ୍କଠାରୁ ସନ୍ନ୍ୟାସ ଗ୍ରହଣ କରିବାକୁ ହୁଏ, ଯଦିଓ ମହାପ୍ରଭୁ ସର୍ବସ୍ୱତନ୍ତ୍ର ଥିଲେ, ତଥାପି ସେ ଶାସ୍ତ୍ର ନିର୍ଦ୍ଦେଶକୁ ମାନୁଥିଲେ। କେଶବ ଭାରତୀ ଜଣେ ବୈଷ୍ଣବ ସନ୍ନ୍ୟାସୀ ନହୋଇଥିଲେ ସୁଦ୍ଧା ସେ ତାଙ୍କଠାରୁ ସନ୍ନ୍ୟାସ ଗ୍ରହଣ କରିଥିଲେ।

କେଶବ ଭାରତୀଙ୍କ ସହ ପରାମର୍ଶ କଲାପରେ ମହାପ୍ରଭୁ ବିଧିପୂର୍ବକ ସନ୍ନ୍ୟାସ ଗ୍ରହଣ କରିବା ନିମିତ୍ତ ନବଦ୍ୱୀପରୁ କଟୱା ଆସିଲେ। ତାଙ୍କ ସଙ୍ଗରେ ଶ୍ରୀ ନିତ୍ୟାନନ୍ଦ ପ୍ରଭୁ, ଚନ୍ଦ୍ର ଶେଖର ଆଚାର୍ଯ୍ୟ ଏବଂ ମୁକୁନ୍ଦ ଦତ୍ତ ଥିଲେ। ଏ

ତିନିଜଣ ମହାପ୍ରଭୁଙ୍କର ସନ୍ନ୍ୟାସ ଗ୍ରହଣ ସମୟରେ ତାଙ୍କୁ ଆବଶ୍ୟକ ସହାୟତା ଦେଇଥିଲେ । ମହାପ୍ରଭୁଙ୍କର ସନ୍ନ୍ୟାସ ଗ୍ରହଣ କଥା ଶ୍ରୀଳ ବୃନ୍ଦାବନ ଦାସ ଠାକୁର ଶ୍ରୀଚୈତନ୍ୟ ଭାଗବତରେ ବିସ୍ତୃତଭାବେ ବର୍ଣ୍ଣନା କରିଛନ୍ତି ।

ଏହିପରିଭାବରେ ମହାପ୍ରଭୁ ଚତୁର୍ବିଂଶ ବର୍ଷ ଶେଷରେ ମାଘ ମାସରେ ସନ୍ନ୍ୟାସ ଗ୍ରହଣ କଲେ । ସନ୍ନ୍ୟାସ ଗ୍ରହଣ କଲାପରେ ସେ ପୂର୍ଣ୍ଣଭାବେ ଭାଗବତ ଧର୍ମର ପ୍ରଚାରକ ହୋଇଗଲେ । ଯଦିଓ ସେ ଗୃହସ୍ଥ ଥିଲାବେଳେ ଭାଗବତ ଧର୍ମର ପ୍ରଚାର କାମ କରୁଥିଲେ, ତଥାପି ସେ ତାଙ୍କ ପ୍ରଚାର କାର୍ଯ୍ୟରେ ପ୍ରତିବନ୍ଧକ ଅନୁଭବ କରିବାରୁ ପତିତ ଜୀବମାନଙ୍କ (ଉଦ୍ଧାର) ନିମିତ୍ତ ଗୃହସ୍ଥ ଜୀବନର ସୁଖ ସୁବିଧା ତ୍ୟାଗ କଲେ । ତାଙ୍କର ଗୃହସ୍ଥ ଜୀବନର ପ୍ରଧାନ ସହାୟକ ଥିଲେ ଶ୍ରୀଳ ଅଦ୍ୱୈତ ପ୍ରଭୁ ଓ ଶ୍ରୀଳ ଶ୍ରୀବାସ ଠାକୁର ; କିନ୍ତୁ ସନ୍ନ୍ୟାସ ଗ୍ରହଣ କଲାପରେ ତାଙ୍କର ପ୍ରଧାନ ସହାୟକ ହେଲେ ଶ୍ରୀଳ ନିତ୍ୟାନନ୍ଦ ପ୍ରଭୁ ଏବଂ ରୂପ ଗୋସ୍ୱାମୀ, ସନାତନ ଗୋସ୍ୱାମୀ, ଜୀବ ଗୋସ୍ୱାମୀ, ଗୋପାଳ ଭଟ୍ଟ ଗୋସ୍ୱାମୀ, ରଘୁନାଥ ଦାସ ଗୋସ୍ୱାମୀ ଆଦି ଷଡ଼ ଗୋସ୍ୱାମୀ । ଶ୍ରୀଳ ନିତ୍ୟାନନ୍ଦ ପ୍ରଭୁଙ୍କୁ ବଙ୍ଗ ଦେଶରେ ପ୍ରଚାର କରିବା ନିମିତ୍ତ ବିଶେଷ କରି ପଠାଯାଇଥିଲା ।ଶ୍ରୀଳ ରୂପ ଗୋସ୍ୱାମୀ ଓ ଶ୍ରୀଳ ସନାତନ ଗୋସ୍ୱାମୀଙ୍କ ଅଧ୍ୟକ୍ଷତାରେ ଷଡ଼ ଗୋସ୍ୱାମିଗଣ ବୃନ୍ଦାବନ ଯାଇ ବର୍ତ୍ତମାନର ତୀର୍ଥସ୍ଥଳୀକୁ ଆବିଷ୍କାର କରିବା ନିମିତ୍ତ ଶ୍ରୀମନ୍ ମହାପ୍ରଭୁ

ପଠାଇଥିଲେ। ଏହିପରିଭାବରେ ବର୍ତ୍ତମାନର ବୃନ୍ଦାବନ ଓ ବ୍ରଜଭୂମିର ମହିମା ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଇଚ୍ଛାନୁଯାୟୀ ପ୍ରକାଶ ପାଇଛି।

ଶ୍ରୀ ଅଦ୍ୱୈତ ପ୍ରଭୁଙ୍କ ଗୃହରେ ଶ୍ରୀମନ୍ ମହାପ୍ରଭୁ

ସନ୍ନ୍ୟାସ ଗ୍ରହଣ ପରେ ମହାପ୍ରଭୁ ବୃନ୍ଦାବନ ଯାତ୍ରା କରିବାକୁ ଇଚ୍ଛା କଲେ। ଏକାଦିକ୍ରମେ ତିନିଦିନ କାଳ ସେ ରାଢ଼ ଦେଶ (ଯେଉଁ ସ୍ଥାନରେ ଶ୍ରୀଗଙ୍ଗାଜୀ ପ୍ରବାହିତ ହେଉନାହାନ୍ତି) ମଧ୍ୟରେ ଯାତ୍ରା କଲେ। ବୃନ୍ଦାବନ ଯିବା ଭାବନାରେ ତାଙ୍କ ହୃଦୟ ଦିବ୍ୟ ଭାବରେ ପରିପୂର୍ଣ୍ଣ ହୋଇ ଯାଇଥିଲା। କୈଣସି ପ୍ରକାରେ ଶ୍ରୀନିତ୍ୟାନନ୍ଦ ପ୍ରଭୁ ତାଙ୍କର ମାର୍ଗ ବଦଳାଇ ଶାନ୍ତିପୁରକୁ (ଶ୍ରୀ ଅଦ୍ୱୈତ ପ୍ରଭୁଙ୍କ ଗୃହକୁ) ନେଇ ଆସିଲେ। ସେଠାରେ ମହାପ୍ରଭୁ କିଛିଦିନ ରହିଲେ। ଶ୍ରୀ ଅଦ୍ୱୈତ ପ୍ରଭୁ ଜାଣିଲେ ଯେ, ଶ୍ରୀମନ୍ ମହାପ୍ରଭୁ ସନ୍ନ୍ୟାସ ଗ୍ରହଣ କରି ଚିରଦିନ ପାଇଁ ଗୃହ ତ୍ୟାଗ କରିଛନ୍ତି। ଏହା ଜାଣି ସେ ତାଙ୍କ ମାତା ଶ୍ରୀମତୀ ଶଚୀଦେବୀଙ୍କ ପାଖକୁ (ନବଦ୍ୱୀପକୁ)ଏକ ବ୍ୟକ୍ତି ପଠାଇଲେ; କାରଣ ଶଚୀଦେବୀ ଆସି ତାଙ୍କ ପୁତ୍ରଙ୍କର ଶେଷ ଦର୍ଶନ କରିବେ। କେତେକ ନୀତିହୀନ ବ୍ୟକ୍ତି କହନ୍ତି ଯେ, ସନ୍ନ୍ୟାସ ଗ୍ରହଣ ପରେ ମହାପ୍ରଭୁ ତାଙ୍କ ସ୍ତ୍ରୀଙ୍କୁ ଭେଟିଥିଲେ ଏବଂ ତାଙ୍କୁ ତାଙ୍କର କଠାଉକୁ ପୂଜା କରିବା ନିମିତ୍ତ ଦେଇଥିଲେ; କିନ୍ତୁ କୌଣସି ପ୍ରାମାଣିକ ଗ୍ରନ୍ଥରୁ ଏ ପ୍ରମାଣ ସମ୍ବନ୍ଧରେ କୌଣସି ସୂଚନା ମିଳେ ନାହିଁ। ଅଦ୍ୱୈତ ପ୍ରଭୁଙ୍କର ଗୃହରେ ମାତା ଶଚୀଦେବୀ ଯେତେବେଳେ ଦେଖିଲେ ଯେ ତାଙ୍କ ପୁତ୍ର ସନ୍ନ୍ୟାସ ଗ୍ରହଣ କରିଛନ୍ତି, ସେତେବେଳେ ସେ ଅତ୍ୟନ୍ତ ଦୁଃଖିତା ହେଲେ। ହୃଦୟକୁ ସାନ୍ତ୍ୱନା ଦେବାପାଇଁ ସେ ତାଙ୍କ ପୁତ୍ରଙ୍କୁ ପ୍ରାର୍ଥନା କଲେ ଯେ, ସେ ଜଗନ୍ନାଥ ପୁରୀ ଧାମରେ ବାସ କରନ୍ତୁ ତାହାହେଲେ ସେ ତାଙ୍କର ଖବର ବରାବର ପାଇପାରିବେ। ମହାପ୍ରଭୁ ତାଙ୍କ ମାତାଙ୍କର ଏ ଅନ୍ତିମ ଅଭିଳାଷ ପୂର୍ଣ୍ଣ କରିବା ନିମିତ୍ତ ରାଜିହେଲେ। ଏହାପରେ ମହାପ୍ରଭୁ ନବଦ୍ୱୀପର ସମସ୍ତ ଅଧିକାରୀଙ୍କୁ ବିରହ ଶୋକ-ସାଗରରେ ଭସାଇ ଜଗନ୍ନାଥ ପୁରୀ ଧାମକୁ ଯାତ୍ରା କଲେ।

ଶ୍ରୀମନ୍ ମହାପ୍ରଭୁଙ୍କର ଜଗନ୍ନାଥ ପୁରୀକୁ ଯାତ୍ରା

ପୁରୀ ଯିବା ବାଟରେ ମହାପ୍ରଭୁ ଅନେକ ବିଶିଷ୍ଟ ସ୍ଥାନ ପରିଦର୍ଶନ କଲେ। ସେ ରେମୁଣାର ଗୋପୀନାଥଜୀଙ୍କ ମନ୍ଦିର ଦର୍ଶନ କଲେ। ସେ ତାଙ୍କ ଭକ୍ତ ମାଧବେନ୍ଦ୍ରପୁରୀଙ୍କ ନିମିତ୍ତ କ୍ଷୀର ଚୋରି କରିଥିଲେ। ସେହି ଦିନଠାରୁ ଶ୍ରୀଗୋପୀନାଥଜୀ 'କ୍ଷୀରଚୋରା ଗୋପୀନାଥ' ନାମରେ ପରିଚିତ ହୋଇଛନ୍ତି। ମହାପ୍ରଭୁ ଏହି କଥା ବଡ଼ ଆନନ୍ଦରେ ଶ୍ରବଣ କଲେ। ଚୋରି କରିବା ପ୍ରବୃତ୍ତି ମଧ୍ୟ ଭଗବାନଙ୍କଠାରେ ଅଛି। ଏ ପ୍ରବୃତ୍ତି ଭଗବାନଙ୍କଠାରେ ଦେଖାଯାଇଥିବାରୁ ଏହା ଦିବ୍ୟ ହୋଇଯାଇଛି। କାରଣ ଭଗବାନଙ୍କ ସ୍ୱରୂପ ନିତ୍ୟ ଶୁଦ୍ଧ ଓ ମୁକ୍ତ ଅଟେ। ସେଇଥିଯୋଗୁଁ ତାଙ୍କର ସମସ୍ତ କାର୍ଯ୍ୟ ନିତ୍ୟ ଶୁଦ୍ଧ ଓ ପୂର୍ଣ୍ଣମୁକ୍ତ ଅଟେ। କିନ୍ତୁ ଏ ଭୌତିକ ଜଗତରେ ଚୋରମାନେ ଯେଉଁ ଚୋରି କରନ୍ତି ତାହା ନିତ୍ୟ ଶୁଦ୍ଧ ବା ମୁକ୍ତ ନୁହେଁ, ମାଧବେନ୍ଦ୍ରପୁରୀ, କ୍ଷୀରଚୋରା ଗୋପୀନାଥ ଏଇଥିପାଇଁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ଏହା (ଶ୍ରୀଗୋପୀନାଥଜୀଙ୍କର ଏ ଚୋରି) ଅର୍ଚ୍ଚନୀୟ ହୋଇଅଛି। ଭଗବାନ୍ ଏବଂ ତାଙ୍କର ଚୋରି ପ୍ରବୃତ୍ତି ଏକ ଏବଂ ଅଭିନ୍ନ ଅଟେ। ତେଣୁ ତାଙ୍କର ସବୁ ହିଁ

ମାଧବେନ୍ଦ୍ରପୁରୀ — କ୍ଷୀରୋଚୋରା ଗୋପୀନାଥ



ଅର୍ଚ୍ଚନୀୟ। ଶ୍ରୀଗୋପୀନାଥଜୀଙ୍କର ଏ ମନୋରଞ୍ଜନ କଥା ଶ୍ରୀକୃଷ୍ଣ ଦାସ କବିରାଜ ଗୋସ୍ୱାମୀଙ୍କ ଲିଖିତ '*ଶ୍ରୀଚୈତନ୍ୟ ଚରିତାମୃତ*'ରେ ଭଲଭାବରେ ବର୍ଣ୍ଣନା କରାଯାଇଛି।

ଓଡ଼ିଶାର ବାଲେଶ୍ୱର ଜିଲ୍ଲାସ୍ଥ ରେମୁଣାର କ୍ଷୀରଚୋରା ଗୋପୀନାଥ ମନ୍ଦିର ଦର୍ଶନ କଲାପରେ ମହାପ୍ରଭୁ ପୁରୀ ଅଭିମୁଖେ ଯାତ୍ରା କଲେ। ବାଟରେ ସେ ସାକ୍ଷୀଗୋପାଳ ମନ୍ଦିର ଦର୍ଶନ କଲେ। ଦୁଇ ବ୍ରାହ୍ମଣଙ୍କର ପାରିବାରିକ କଳହରେ ସାକ୍ଷୀ ଦେବା ନିମିତ୍ତ ଏ ସାକ୍ଷୀଗୋପାଳ ଆସିଥିଲେ। ମହାପ୍ରଭୁ ସାକ୍ଷୀଗୋପାଳଙ୍କ କଥା ବଡ଼ ଆଗ୍ରହରେ ଶୁଣିଲେ, କାରଣ ନାସ୍ତିକମାନଙ୍କ ଉପରେ ସେ ଏହି ତଥ୍ୟ ଆରୋପ କରିବାକୁ ଚାହୁଁଥିଲେ ଯେ, ମହାନ୍ ଆଚାର୍ଯ୍ୟଙ୍କ

ଦ୍ୱାରା ସ୍ୱୀକୃତ ମନ୍ଦିରରେ ଅର୍ଚ୍ଚନୀୟ ବିଗ୍ରହ ଧାତୁ ବା ପଥରର ଖେଳନା ନୁହନ୍ତି। ଅଳ୍ପବୁଦ୍ଧିସଂପନ୍ନ ମଣିଷମାନେ ଭାବନ୍ତି ଯେ, ମନ୍ଦିରର ଅର୍ଚ୍ଚନୀୟ ବିଗ୍ରହ ଧାତୁ ବା ପଥରର ଖେଳନା ଅଟନ୍ତି। କିନ୍ତୁ କଥାଟା ତାହା ନୁହେଁ। ମନ୍ଦିରର ବିଗ୍ରହ ପରମେଶ୍ୱରଙ୍କର ଅର୍ଚ୍ଚାବତାର ଅଟନ୍ତି ଏବଂ ଏହିପରିଭାବରେ ଶ୍ରୀବିଗ୍ରହ ସଂପୂର୍ଣ୍ଣଭାବେ ପରମେଶ୍ୱରଙ୍କ ସହ ଏକ ଅଟନ୍ତି। ସେ ଭକ୍ତିର ଅନୁପାତରେ ଭକ୍ତର ପ୍ରାର୍ଥନା ଶୁଣନ୍ତି। ସାକ୍ଷୀଗୋପାଳଙ୍କ କଥାରେ ବର୍ଣ୍ଣନା କରାଯାଇଛି ଯେ, ସେ ଅର୍ଚ୍ଚାବତାର ରୂପରେ ସାକ୍ଷୀଦେବା ପାଇଁ ବୃନ୍ଦାବନରୁ ବିଦ୍ୟାନଗର ଆସିଥିଲେ। ଭଗବାନଙ୍କର ଦୁଇଜଣ ଭକ୍ତଙ୍କ ମଧ୍ୟରେ କିଛି ପାରିବାରିକ ଭୁଲ ବୁଝାମଣା ସୃଷ୍ଟି ହୋଇଥିଲା, ଭଗବାନ୍ (ସାକ୍ଷୀଗୋପାଳ) ସେ ସମସ୍ୟାର ସମାଧାନ କରିବା ନିମିତ୍ତ ତଥା ତାଙ୍କର ଭକ୍ତଙ୍କ ପ୍ରତି ବିଶିଷ୍ଟ ଆତ୍ମୀୟତା ପ୍ରକଟ କରିବା ନିମିତ୍ତ ସେ ଅର୍ଚ୍ଚାବତାର ରୂପରେ ବୃନ୍ଦାବନରୁ ବିଦ୍ୟାନଗର ଆସିଥିଲେ। ସେଠାରୁ ସେ ବିଗ୍ରହ କଟକ ଆସିଲେ। ଯେଉଁ ଯାତ୍ରୀମାନେ ପୁରୀଧାମକୁ ଶ୍ରୀଜଗନ୍ନାଥଙ୍କ ଦର୍ଶନାର୍ଥେ ଯା'ନ୍ତି, ସେମାନେ ସମସ୍ତେ ବାଟରେ ସାକ୍ଷୀଗୋପାଳଙ୍କ ମନ୍ଦିର ଦର୍ଶନ କରିଯା'ନ୍ତି। ବର୍ତ୍ତମାନ ସୁଦ୍ଧା ଏପରି ଚାଲିଛି। ମହାପ୍ରଭୁ ଗୋଟିଏ ରାତ୍ରି ସେଠାରେ କଟାଇଥିଲେ ଏବଂ ତତ୍ପରେ ସେ ପୁରୀ ଅଭିମୁଖେ ଯାତ୍ରା କରିଥିଲେ। ପଥ ମଧ୍ୟରେ ଶ୍ରୀନିତ୍ୟାନନ୍ଦ ପ୍ରଭୁ ତାଙ୍କର (ମହାପ୍ରଭୁଙ୍କର) ସନ୍ନ୍ୟାସଦଣ୍ଡ ଭାଙ୍ଗି ଦେଇଥିଲେ। ଏହି କାରଣରୁ ମହାପ୍ରଭୁ ବାହ୍ୟ କ୍ରୋଧ ପ୍ରକାଶ କରିଥିଲେ ଏବଂ ତାଙ୍କର ସମସ୍ତ ସାଥୀଙ୍କୁ ପଛରେ ଛାଡ଼ିଦେଇ ଏକାକୀ ପୁରୀ ଯାତ୍ରା କରିଥିଲେ।

ଶ୍ରୀମନ୍ ମହାପ୍ରଭୁ ଭଗବାନ୍ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କଲେ

ମହାପ୍ରଭୁ ଯେତେବେଳେ ପୁରୀରେ ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ କଲେ, ସେତେବେଳେ ସେ ଦିବ୍ୟ ଆନନ୍ଦରେ ଅଭିଭୂତ ହୋଇ ପଡ଼ିଲେ ଏବଂ ମନ୍ଦିରର ଚଟାଣ ଉପରେ ଅଚେତ ହୋଇ ପଡ଼ିଗଲେ। ମନ୍ଦିର-ରକ୍ଷକମାନେ ମହାପ୍ରଭୁଙ୍କର ଏ ଦିବ୍ୟ ଆଶ୍ଚର୍ଯ୍ୟଜନକ ସ୍ଥିତିକୁ ବୁଝିପାରିଲେ

ନାହିଁ। ପରନ୍ତୁ ସେଠାରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ନାମକ ଜଣେ ମହାନ୍ ବିଦ୍ୱାନ୍ ପଣ୍ଡିତ ଉପସ୍ଥିତ ଥିଲେ। ସେ ବୁଝିପାରିଲେ ଯେ, ଶ୍ରୀଜଗନ୍ନାଥଙ୍କ ମନ୍ଦିରରେ ପ୍ରବେଶ କଲାକ୍ଷଣି ମହାପ୍ରଭୁ ଯେ ସଂଜ୍ଞାହୀନ ହୋଇଗଲେ ଏହା ସାମାନ୍ୟ ଘଟଣା ନୁହେଁ। ସାର୍ବଭୌମ ଭଟ୍ଟାଚାର୍ଯ୍ୟ, ଓଡ଼ିଶାର ରାଜା ପ୍ରତାପରୁଦ୍ରଙ୍କ ଦ୍ୱାରା ରାଜସଭାରେ ପ୍ରଧାନ ପଣ୍ଡିତ ରୂପେ ନିଯୁକ୍ତ ହୋଇଥିଲେ। ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଯୁବାବସ୍ଥା ଏବଂ ତେଜ ଦେଖି ତାଙ୍କ ପ୍ରତି ଆକୃଷ୍ଟ ହୋଇ ପଡ଼ିଲେ ଏବଂ ବୁଝିପାରିଲେ ଯେ, ଏ ପ୍ରକାର ଦିବ୍ୟ ମୂର୍ଚ୍ଛା କେବଳ ଅତି ଉଚ୍ଚକୋଟିର ଭକ୍ତଙ୍କଠାରେ ପ୍ରକଟିତ ହୁଏ। ଯେଉଁ ଭକ୍ତ ଏ ଭୌତିକ ଜାଗତିକ ସ୍ଥିତିକୁ ସଂପୂର୍ଣ୍ଣ ରୂପେ ବିସ୍ମୃତ ହୋଇ ଭଗବାନଙ୍କର ଦିବ୍ୟ ମହାଭାବରେ ଅବସ୍ଥାନ କରୁଥାନ୍ତି, କେବଳ ତାଙ୍କଠାରେ ହିଁ ଏ ପ୍ରକାର ଅବସ୍ଥା ପ୍ରକାଶିତ ହୁଏ। କେବଳ ମୁକ୍ତ ପୁରୁଷହିଁ ଏ ପ୍ରକାର ଆଶ୍ଚର୍ଯ୍ୟଜନକ ଦିବ୍ୟଭାବ ପ୍ରଦର୍ଶନ କରିପାରେ। ଶ୍ରୀ ଭଟ୍ଟାଚାର୍ଯ୍ୟ ଜଣେ ପ୍ରଧାନ ପଣ୍ଡିତ ଥିଲେ। ସେ ଅଧିକ ଶାସ୍ତ୍ର ପ୍ରମାଣ ଅନୁସାରେ ମହାପ୍ରଭୁଙ୍କର ଏ ଅବସ୍ଥାକୁ ବୁଝିପାରିଲେ। ତେଣୁ ସେ ମନ୍ଦିର ରକ୍ଷକମାନଙ୍କୁ କହିଲେ "ଏ ଅଜ୍ଞାତ ସନ୍ନ୍ୟାସୀଙ୍କର କୌଣସି ଅସୁବିଧା କରନାହିଁ।" ଏହାପରେ ସେ ମହାପ୍ରଭୁଙ୍କୁ ଉଠାଇ ନିଜ ଘରକୁ ନେଇଗଲେ, କାରଣ ସେ ସେଠାରେ ତାଙ୍କର ସଂଜ୍ଞାହୀନ ଅବସ୍ଥାର ସୂକ୍ଷ୍ମ ନିରୀକ୍ଷଣ କରିପାରିବେ। ଏହିପରିଭାବରେ ମହାପ୍ରଭୁ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଗୃହକୁ ଆସିଗଲେ। ସେ ସମୟରେ ସାର୍ବଭୌମ ଭଟ୍ଟାଚାର୍ଯ୍ୟ ସଂସ୍କୃତ ସାହିତ୍ୟସଭାର ଅଧ୍ୟକ୍ଷ ବା ସଭାପଣ୍ଡିତ ଥିଲେ ଏବଂ ଏକ ପର୍ଯ୍ୟାପ୍ତ ଅଧିକାର ବିଶିଷ୍ଟ ଶକ୍ତି ସଂପନ୍ନ ବ୍ୟକ୍ତିଥିଲେ। ସେ ବିଦ୍ୱାନ୍ ପଣ୍ଡିତ

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଶରୀରରେ ଦେଖାଦେଇଥିବା ଆଶ୍ଚର୍ଯ୍ୟଜନକ ଦିବ୍ୟ ପ୍ରେମର ସୂକ୍ଷ୍ମ ଅନୁସନ୍ଧାନ କରିବାକୁ ଇଚ୍ଛା କଲେ। କାରଣ ଏପରି କେତେକ ମିଥ୍ୟାଚାରୀ ଭକ୍ତ ଅଛନ୍ତି, ଯେଉଁମାନେ ଏପ୍ରକାର ଦିବ୍ୟ ପ୍ରେମ ବିକାରର ନକଲ କରନ୍ତି ଏବଂ ତଦ୍ୱାରା ସରଳ ଲୋକମାନଙ୍କୁ ଠକିକରି ନିଜର ସ୍ୱାର୍ଥ ସାଧନ କରନ୍ତି।

ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ସଦୃଶ ଏକ ବିଦ୍ୱାନ୍ ପଣ୍ଡିତ ଏପ୍ରକାର ଠକ ଧର୍ମ ଧ୍ୱଜାଧାରୀଙ୍କୁ ଜାଣିପାରି ସାଙ୍ଗେ ସାଙ୍ଗେ ସେମାନଙ୍କୁ ପ୍ରତ୍ୟାଖ୍ୟାନ କରୁଥିଲେ।

ଶ୍ରୀମନ୍ ମହାପ୍ରଭୁ ଅତ୍ୟନ୍ତ ଭାବବିହ୍ୱଳ ହୋଇ ମୂର୍ଚ୍ଛିତ ହୋଇପଡ଼ିଲେ

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ସଂପର୍କରେ ଶ୍ରୀ ଭଟ୍ଟାଚାର୍ଯ୍ୟ ଶାସ୍ତ୍ର ପ୍ରମାଣ ଅନୁଯାୟୀ ସମସ୍ତ ଲକ୍ଷଣକୁ ପରୀକ୍ଷା କଲେ। ସେ ଏକ ଆବେଶ ଯୁକ୍ତ ମୂର୍ଖଙ୍କ ଭଳି ପରୀକ୍ଷା ନକରି ଏକ ବୈଜ୍ଞାନିକ ଭଳି ପରୀକ୍ଷା କଲେ। ସେ ଉଦରର ସ୍ପନ୍ଦନ, ହୃତ୍‌ସ୍ପନ୍ଦନ ଏବଂ ନାସା ରନ୍ଧ୍ରରେ ପ୍ରବାହିତ ଶ୍ୱାସପ୍ରଶ୍ୱାସର ଗତିକୁ ପରୀକ୍ଷା କଲେ। ସେ ମଧ୍ୟ ମହାପ୍ରଭୁଙ୍କର ନାଡ଼ିର ଗତି ପରୀକ୍ଷା କଲେ ଏବଂ ଦେଖିଲେ ଯେ ତାଙ୍କର ସମସ୍ତ ଶାରୀରିକ ଗତିବିଧି ପ୍ରାୟ ବନ୍ଦ ହୋଇଯାଇଛି। ସେ ଅଳ୍ପ କିଛି ତୁଳା ମହାପ୍ରଭୁଙ୍କର ନାସାପାଖରେ ରଖି ଦେଖିଲେ ଯେ ଶ୍ୱାସପ୍ରଶ୍ୱାସ କ୍ରିୟା ଖୁବ୍ ସୂକ୍ଷ୍ମ ଗତିରେ ଚାଲିଛି। ଏହିପରିଭାବରେ ସେ ଜାଣିପାରିଲେ ଯେ, ମହାପ୍ରଭୁଙ୍କର ଏ ସଂଜ୍ଞାହୀନତା ଦିବ୍ୟ ସ୍ତରର ଅଟେ ଏବଂ ଶାସ୍ତ୍ରୋକ୍ତ ପଦ୍ଧତିରେ ସେ ତାଙ୍କର ଉପଚାର କରିବାକୁ ଆରମ୍ଭକଲେ, କିନ୍ତୁ ଶ୍ରୀଚୈତନ୍ୟ ମହାପ୍ରଭୁ ଏକ ସ୍ୱତନ୍ତ୍ର ପଦ୍ଧତିରେ କେବଳ ଚିକିତ୍ସିତ ହୋଇପାରିବେ। ଯଦି ଭକ୍ତମାନେ ଭଗବାନଙ୍କର ଦିବ୍ୟନାମ କୀର୍ତ୍ତନ କରନ୍ତି ଏବଂ ସେ ଧ୍ୱନି ମହାପ୍ରଭୁ ଶ୍ରବଣ କରନ୍ତି, ତାହାହେଲେ ତାଙ୍କର ମୂର୍ଚ୍ଛାଭଙ୍ଗ ହୋଇଯା'ନ୍ତା। ସାର୍ବଭୌମ ଭଟ୍ଟାଚାର୍ଯ୍ୟ ଏ ବିଶେଷ ଚିକିତ୍ସା ପଦ୍ଧତିଟି ଜାଣି ନଥିଲେ, କାରଣ ସେ ମହାପ୍ରଭୁଙ୍କୁ ଜାଣିନଥିଲେ। ସେ ଯେତେବେଳେ

ମହାପ୍ରଭୁଙ୍କୁ ମନ୍ଦିରରେ ପ୍ରଥମେ ଦେଖିଲେ, ସେତେବେଳେ ସେ ତାଙ୍କୁ ଏକ ସାଧାରଣ ଯାତ୍ରୀ ବୋଲି ଭାବିଥିଲେ।

ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଗୃହରେ ଶ୍ରୀମନ୍ ମହାପ୍ରଭୁ

ଇତି ମଧ୍ୟରେ ମହାପ୍ରଭୁଙ୍କର ସାଥିଗଣ ଆସି ପହଞ୍ଚିଗଲେ। ସେମାନେ ମହାପ୍ରଭୁଙ୍କର ଟିକିଏ ପରେ ଆସି ମନ୍ଦିରରେ ପହଞ୍ଚିଲେ। ସେମାନେ ଆସି ଶୁଣିଲେ ଯେ, ମହାପ୍ରଭୁଙ୍କର ଦିବ୍ୟ ମୂର୍ଚ୍ଛା ଉପସ୍ଥିତ ହୋଇଥିଲା ଏବଂ ଶ୍ରୀ ଭଟ୍ଟାଚାର୍ଯ୍ୟ ତାଙ୍କୁ ନିଜ ଘରକୁ ନେଇ ଯାଇଛନ୍ତି। ମନ୍ଦିରକୁ ଆସିଥିବା ଦର୍ଶନାର୍ଥୀଗଣ ମହାପ୍ରଭୁଙ୍କର ସେ ଦିବ୍ୟ ମୂର୍ଚ୍ଛା ସମ୍ବନ୍ଧରେ କଥାବାର୍ତ୍ତା ହେଉଥିବାର ସେମାନେ ଶୁଣିଲେ। ଦୈବାତ୍ ସେମାନଙ୍କ ମଧ୍ୟରୁ ଜଣେ ଶ୍ରୀଗଦାଧର ପଣ୍ଡିତଙ୍କର ପରିଚିତ ବନ୍ଧୁ ଶ୍ରୀଗୋପୀନାଥ ଆଚାର୍ଯ୍ୟଙ୍କୁ ଭେଟିଲେ । ତାଙ୍କଠାରୁ ଶୁଣିବାକୁ ମିଳିଲା ଯେ, ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ ଗୋପୀନାଥ ଆଚାର୍ଯ୍ୟଙ୍କର ଶାଳକ ହୁଅନ୍ତି ଏବଂ ମହାପ୍ରଭୁ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଗୃହରେ ସଂଜ୍ଞାହୀନ ଅବସ୍ଥାରେ ପଡ଼ି ରହିଛନ୍ତି। ଶ୍ରୀ ଗଦାଧର ପଣ୍ଡିତ ଦଳର ସମସ୍ତ ଲୋକଙ୍କୁ ଗୋପୀନାଥ ଆଚାର୍ଯ୍ୟଙ୍କ ସହ ପରିଚୟ କରାଇଦେଲେ ଏବଂ ଗୋପୀନାଥ ଆଚାର୍ଯ୍ୟ ସେମାନଙ୍କୁ ଭଟ୍ଟାଚାର୍ଯ୍ୟଙ୍କ ଗୃହକୁ ନେଇଗଲେ, ଯେଉଁଠାରେ ମହାପ୍ରଭୁ ଦିବ୍ୟ ମୂର୍ଚ୍ଛାରେ ଅଭିଭୂତ ହୋଇ ପଡ଼ିରହିଥିଲେ। ସମସ୍ତ ଭକ୍ତ ସବୁଦିନପରି ସେଦିନ ମଧ୍ୟ ଭଗବାନ୍ ଶ୍ରୀହରିଙ୍କର ଦିବ୍ୟନାମ ଖୁବ୍ ଉଚ୍ଚ ସ୍ୱରରେ ଗାନ କଲେ, ଫଳରେ ମହାପ୍ରଭୁ ତାଙ୍କର ଚେତନା ଫେରି ପାଇଲେ। ଏହାପରେ ଶ୍ରୀ ଭଟ୍ଟାଚାର୍ଯ୍ୟ ମହାଶୟ ଶ୍ରୀ ନିତ୍ୟାନନ୍ଦ ପ୍ରଭୁଙ୍କ ସମେତ ଦଳର ସମସ୍ତ ସଭ୍ୟଙ୍କୁ ସ୍ୱାଗତ ଜଣାଇଲେ ଏବଂ ସେଦିନ ତାଙ୍କର ଅତିଥି ହେବାକୁ ସେମାନଙ୍କୁ ନିବେଦନ କଲେ। ଶ୍ରୀ ଚୈତନ୍ୟ ମହାପ୍ରଭୁଙ୍କ ସହ ଦଳର ସମସ୍ତ ସଭ୍ୟ ସମୁଦ୍ର ସ୍ନାନ କରିବାକୁ ଗଲେ ଏବଂ ଶ୍ରୀ ଭଟ୍ଟାଚାର୍ଯ୍ୟ ସେମାନଙ୍କ ରହିବାର ଓ ଖାଇବାର ବନ୍ଦୋବସ୍ତ କାଶୀ ମିଶ୍ରଙ୍କ ବାସ ଭବନରେ କରାଇଲେ। ତାଙ୍କର ଭିଣୋଇ ଗୋପୀନାଥ ଆଚାର୍ଯ୍ୟ ତାଙ୍କୁ ସେ କାର୍ଯ୍ୟରେ ସହାୟତା କଲେ। ଶଳା-ଭିଣୋଇ ଦୁଇଜଣଙ୍କ ମଧ୍ୟରେ ଶ୍ରୀମନ୍ ମହାପ୍ରଭୁଙ୍କ ଦିବ୍ୟତା

ସମ୍ବନ୍ଧରେ କିଛି ମିତ୍ରୋଚିତ ବାର୍ତ୍ତାଳାପ ହେଲା । ଶ୍ରୀଗୋପୀନାଥ ଆଚାର୍ଯ୍ୟ ମହାପ୍ରଭୁଙ୍କୁ ପୂର୍ବରୁ ଜାଣିଥିଲେ । ଏହି ବାର୍ତ୍ତାଳାପ ମଧ୍ୟରେ ସେ ପ୍ରକାଶ କଲେ ଯେ, ମହାପ୍ରଭୁ ସ୍ୱୟଂ ଭଗବାନ୍ ଅଟନ୍ତି ଏବଂ ତାଙ୍କର ଏହି ମତକୁ ପ୍ରତିଷ୍ଠା କରିବା ନିମିତ୍ତ ସେ ବହୁତ ଚେଷ୍ଟା କଲେ, କିନ୍ତୁ ଶ୍ରୀ ଭଟ୍ଟାଚାର୍ଯ୍ୟ ମହାପ୍ରଭୁଙ୍କୁ ଏକ ମହାନ୍ ଭକ୍ତ ରୂପେ ପ୍ରତିଷ୍ଠା କରିବାକୁ ଚେଷ୍ଟା କଲେ । ସେ ଦୁହେଁ ଭୌତିକ ଭାବ ପ୍ରଣୋଦିତ ହୋଇ ଯୁକ୍ତି ତର୍କ କରୁନଥିଲେ ; ସେମାନେ ଶାସ୍ତ୍ର ଯୁକ୍ତିସହ ବାର୍ତ୍ତାଳାପ କରୁଥିଲେ । ଶାସ୍ତ୍ର ପ୍ରମାଣ ଅନୁଯାୟୀ ଭଗବାନଙ୍କ ଅବତାର ସିଦ୍ଧ ହୁଏ, ମୂର୍ଖମାନଙ୍କର ଭୋଟରେ ଏହା ନିଶ୍ଚିତ ହୁଏ ନାହିଁ ଏ ଯୁଗରେ ଶ୍ରୀଚୈତନ୍ୟ ମହାପ୍ରଭୁ ବାସ୍ତବରେ ଭଗବାନଙ୍କର ଅବତାର ଅଟନ୍ତି ; କିନ୍ତୁ ମୂର୍ଖମାନେ ତଥାକଥିତ ପ୍ରାମାଣିକ ଶାସ୍ତ୍ର ନିର୍ଦ୍ଦେଶକୁ ବିଚାର ନକରି ମନକୁ ମନ ଅନେକ ଅବତାର ଘୋଷଣା କରିଛନ୍ତି । କିନ୍ତୁ ସାର୍ବଭୌମ ଭଟ୍ଟାଚାର୍ଯ୍ୟ କିମ୍ବା ଗୋପୀନାଥ ଆଚାର୍ଯ୍ୟ ଏପରି ମୂର୍ଖତାପୂର୍ଣ୍ଣ ଭାବୁକତାର ପ୍ରଣୋଦିତ ହୋଇ ଅବତାର କଥା ବିଚାର କରି ନଥିଲେ ବରଂ ଶାସ୍ତ୍ର ପ୍ରମାଣ ଅନୁଯାୟୀ ସେମାନେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଭଗବତ୍ତା କଥା ବିଚାର କଲେ । ଶାସ୍ତ୍ର ପ୍ରମାଣ ଅନୁଯାୟୀ ଶ୍ରୀମନ୍ ମହାପ୍ରଭୁଙ୍କର ଅବତାର କଥା ଗ୍ରହଣ କରାଯାଇପାରେ କିମ୍ବା ପ୍ରତ୍ୟାଖ୍ୟାନ କରାଯାଇପାରେ ।

ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କ ଠାରୁ ବେଦାନ୍ତ ଶିକ୍ଷା

ପରେ ଏକାଥା ଜଣା ପଡ଼ିଲା ଯେ, ଭଟ୍ଟାଚାର୍ଯ୍ୟ ମଧ୍ୟ ନବଦ୍ୱୀପ ଅଞ୍ଚଳରୁ ଆସିଥିଲେ ଏବଂ ମହପ୍ରଭୁଙ୍କର ମାମୁ ଘରର ଅଜା ନିଳାମ୍ବର ଚକ୍ରବର୍ତ୍ତୀ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କର ସହପାଠୀ ଥିଲେ । ଏହି ବିଚାରରୁ ଯୁବକ ସନ୍ନ୍ୟାସୀ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କଠାରୁ ବାତ୍ସଲ୍ୟ ସ୍ନେହ ପ୍ରାପ୍ତ ହେଲେ । ଶ୍ରୀ ଭଟ୍ଟାଚାର୍ଯ୍ୟ ଶଙ୍କର ସଂପ୍ରଦାୟର ଅନେକ ସନ୍ନ୍ୟାସୀଙ୍କର ଅଧ୍ୟାପକ ଥିଲେ ଏବଂ ସେ ନିଜେ ମଧ୍ୟ ସେ ସଂପ୍ରଦାୟର ଅନୁଗାମୀ ଥିଲେ । ଏହି ପରିସ୍ଥିତିରେ ଶ୍ରୀ ଭଟ୍ଟାଚାର୍ଯ୍ୟ ଭାବିଲେ ଯେ, ଏ ଯୁବକ ସନ୍ନ୍ୟାସୀ (ଶ୍ରୀଚୈତନ୍ୟ ମହାପ୍ରଭୁ) ତାଙ୍କଠାରୁ ବେଦାନ୍ତ ଶ୍ରବଣ କରିବା ଉଚିତ ।

ଯେଉଁମାନେ ଶଙ୍କର ସଂପ୍ରଦାୟର ସେମାନଙ୍କୁ ସାଧାରଣତଃ ବେଦାନ୍ତୀ କୁହାଯାଏ। ଏହାର ଅର୍ଥ ନୁହେଁ ଯେ, ବେଦାନ୍ତ ପାଠ କେବଳ ଶଙ୍କର ସଂପ୍ରଦାୟର ଏକଚାଟିଆ କାରବାର ଅଟେ। ସମସ୍ତ ପ୍ରାମାଣିକ ସଂପ୍ରଦାୟ ଦ୍ୱାରା ବେଦାନ୍ତ ପାଠ କରାଯାଏ, କିନ୍ତୁ ପ୍ରତ୍ୟେକଙ୍କର ନିଜ ନିଜର ବ୍ୟାଖ୍ୟା ଅଛି, କିନ୍ତୁ ଯେଉଁମାନେ ଶାଙ୍କର ସଂପ୍ରଦାୟୀ ସେମାନେ ସାଧାରଣତଃ ବେଦାନ୍ତୀ ବୈଷ୍ଣବମାନଙ୍କର ଜ୍ଞାନ ବିଷୟରେ ଅନଭିଜ୍ଞ ଅଟନ୍ତି। ଏହି କାରଣରୁ ଏହି ଗ୍ରନ୍ଥର ଲେଖକଙ୍କୁ ବୈଷ୍ଣବମାନଙ୍କ ଦ୍ୱାରା ଭକ୍ତି ବେଦାନ୍ତ ଉପାଧି ପ୍ରଦାନ କରାଯାଇଅଛି।

ମହାପ୍ରଭୁ ସାର୍ବଭୌମ ଭଟ୍ଟାଚାର୍ଯ୍ୟଙ୍କଠାରୁ ବେଦାନ୍ତ ଶିକ୍ଷା କରିବାକୁ ରାଜି ହେଲେ ଏବଂ ସେ ଦୁହେଁ ଶ୍ରୀ ଜଗନ୍ନାଥଙ୍କ ମନ୍ଦିରରେ ବସିଲେ। ଏକାଦିକ୍ରମେ ଦୀର୍ଘ ସାତଦିନ ଧରି ଶ୍ରୀ ଭଟ୍ଟାଚାର୍ଯ୍ୟ କହିଚାଲିଲେ ଏବଂ ମହାପ୍ରଭୁ ଏକାଗ୍ରତା ପୂର୍ବକ ଶ୍ରବଣ କଲେ, କିନ୍ତୁ କିଛି କହିଲେ ନାହିଁ। ମହାପ୍ରଭୁଙ୍କର ନିରବତା ଦେଖି ଭଟ୍ଟାଚାର୍ଯ୍ୟଙ୍କ ମନରେ କିଛି ସନ୍ଦେହ ଉପୁଜିଲା ଏବଂ ସେ ମହାପ୍ରଭୁଙ୍କୁ ପଚାରିଲେ, ସେ ତାଙ୍କର ବେଦାନ୍ତ ବ୍ୟାଖ୍ୟା ଶୁଣି କାହିଁକି କିଛି କହିଲେ ନାହିଁ ବା କିଛି ତର୍କ କଲେ ନାହିଁ।

ଶ୍ରୀମନ୍ ମହାପ୍ରଭୁଙ୍କର ବେଦାନ୍ତ ସୂତ୍ର ବ୍ୟାଖ୍ୟା

ମହାପ୍ରଭୁ ନିଜକୁ ଏକ ମୂର୍ଖ ଛାତ୍ର ଭଳି ପ୍ରଦର୍ଶନ କଲେ ଏବଂ ଭଟ୍ଟାଚାର୍ଯ୍ୟଙ୍କଠାରୁ ବେଦାନ୍ତ ଶ୍ରବଣ କରିବାର ଛଳନା କଲେ, କାହିଁକି ନା ଭଟ୍ଟାଚାର୍ଯ୍ୟ ଭାବୁଥିଲେ ଯେ, ବେଦାନ୍ତ ପଢ଼ାଇବା ହେଉଛି ସନ୍ନ୍ୟାସୀମାନଙ୍କର କାମ କିନ୍ତୁ ମହାପ୍ରଭୁ ତାଙ୍କର ପ୍ରବଚନ ସହ ସହମତ ହେଲେ ନାହିଁ। ଏତଦ୍ୱାରା ମହାପ୍ରଭୁ ଦର୍ଶାଇଲେ ଯେ ଶଙ୍କର ସଂପ୍ରଦାୟର ବା ଅନ୍ୟ ସଂପ୍ରଦାୟର ତଥାକଥିତ ବେଦାନ୍ତୀମାନେ, ଯେଉଁମାନେ ଶ୍ରୀଳ ବ୍ୟାସଦେବଙ୍କ ନିର୍ଦ୍ଦେଶକୁ ନମାନନ୍ତି ସେମାନେ ବେଦାନ୍ତର ନିର୍ଜୀବ ଯନ୍ତ୍ରବତ୍ ବିଦ୍ୟାର୍ଥୀ ମାତ୍ର ଅଟନ୍ତି। ସେମାନେ ସେ ପରମ ଜ୍ଞାନର ପୂର୍ଣ୍ଣ ଧାରଣା କରିପାରି ନଥାନ୍ତି। ବେଦାନ୍ତ ସୂତ୍ରର ବ୍ୟାଖ୍ୟା ସ୍ୱୟଂ ବ୍ୟାସଦେବ *ଶ୍ରୀମଦ୍ ଭାଗବତମ୍‌*ରେ ଦେଇଛନ୍ତି। ଯାହାଙ୍କର *ଶ୍ରୀମଦ୍ ଭାଗବତମ୍‌*ର ଜ୍ଞାନ ନାହିଁ ସେମାନେ ବେଦାନ୍ତର ମର୍ମ୍ମ ବୁଝିପାରିବେ ନାହିଁ।



ଭଟ୍ଟାଚାର୍ଯ୍ୟ ଅତ୍ୟନ୍ତ ବିଦ୍ୱାନ୍ ଥିଲେ। ତେଣୁ ମହାପ୍ରଭୁ ଲୋକ ପ୍ରସିଦ୍ଧ ବେଦାନ୍ତୀମାନଙ୍କ ସମ୍ବନ୍ଧରେ ଯେଉଁ ଆକ୍ଷେପ କଲେ ତାହା ସେ ବୁଝିପାରିଲେ, ତେଣୁ ସେ ମହାପ୍ରଭୁଙ୍କୁ ପଚାରିଲେ – ସେ ଯାହା ନ ବୁଝିପାରିଲେ, ତାହା ସେ କାହିଁକି ନପଚାରିଲେ। ମହାପ୍ରଭୁଙ୍କର ମୌନବ୍ରତର ତାତ୍ପର୍ଯ୍ୟ ଭଟ୍ଟାଚାର୍ଯ୍ୟ ବୁଝିପାରିଲେ। ସେ ବୁଝିପାରିଲେ ଯେ, ସେ ନିଶ୍ଚୟ ମନ ମଧ୍ୟରେ କିଛି ଭାବୁଛନ୍ତି – କିଛି ମନ ମଧ୍ୟରେ ଗୁପ୍ତ ଅଛି। ତାଙ୍କର ମନଖୋଲି କହିବା ପାଇଁ ସେ ମହାପ୍ରଭୁଙ୍କୁ ପ୍ରାର୍ଥନା କଲେ।

ବେଦାନ୍ତ ଶାସ୍ତ୍ରର ପରୋକ୍ଷ ସୂତ୍ର (ବିଭିନ୍ନ ବେଦାନ୍ତବାଦୀଙ୍କ ଦ୍ୱାରା)

ଏହାଶୁଣି ମହାପ୍ରଭୁ ନିମ୍ନମତେ କହିଲେ, "ହେ ମୋର ପ୍ରିୟ ମହାଶୟ" "*ଜନ୍ମାଦସ୍ୟ ଯତଃ*" "*ଶାସ୍ତ୍ର ଯୋନିତ୍ୱାତ୍*" ଏବଂ "*ଅଥା ତୋ ବ୍ରହ୍ମଜିଜ୍ଞାସା*" – ବ୍ରହ୍ମ ସୂତ୍ରରୁ ଏସବୁ ସୂତ୍ରର ଅର୍ଥ ମୁଁତ ଭଲଭାବରେ ବୁଝିପାରୁଛି, କିନ୍ତୁ ଆପଣ ଯେତେବେଳେ ଆପଣଙ୍କ ଢ଼ଙ୍ଗରେ ଏସବୁର ବ୍ୟାଖ୍ୟା କଲେ, ସେତେବେଳେ ତାହା ମୋ'ପକ୍ଷରେ ବୁଝିବା ବଡ଼ କଷ୍ଟକର ହେଲା । ଏ ସୂତ୍ର ଗୁଡ଼ିକର ତାତ୍ପର୍ଯ୍ୟ ବଡ଼ ସ୍ପଷ୍ଟ ଅଟେ, କିନ୍ତୁ ଆପଣଙ୍କର ବ୍ୟାଖ୍ୟା ସେ ତାତ୍ପର୍ଯ୍ୟକୁ ଢାଙ୍କି ପକାଉଛି । ଆପଣ କୌଣସି ପ୍ରୟୋଜନ ବଶତଃ ସୂତ୍ରର ପ୍ରତ୍ୟକ୍ଷ ଏବଂ ସ୍ପଷ୍ଟ ଅର୍ଥକୁ ଗ୍ରହଣ ନକରି ପରୋକ୍ଷ ତଥା ଅସ୍ପଷ୍ଟ ଅର୍ଥକୁ ନିଜ ଢ଼ଙ୍ଗରେ ବ୍ୟାଖ୍ୟାକରି ଚାଲିଛନ୍ତି ।

ଏପରିଭାବରେ ମହାପ୍ରଭୁ ସେ ସମସ୍ତ ବେଦାନ୍ତବାଦୀଙ୍କ ଉପରେ ଆକ୍ରମଣ କଲେ । ଏ ବେଦାନ୍ତବାଦୀମାନେ ବେଦାନ୍ତ ସୂତ୍ରର କୃତ୍ରିମ ଅର୍ଥ କରିଛନ୍ତି । ସେମାନେ ଅଳ୍ପବୁଦ୍ଧିସଂପନ୍ନ ହୋଇଥିବା ଯୋଗୁଁ ସେମାନଙ୍କର ପ୍ରୟୋଜନ ସିଦ୍ଧ କରିବା ଉଦ୍ଦେଶ୍ୟରେ ଏପରି କରିଛନ୍ତି । ବେଦାନ୍ତ ସୂତ୍ର ସଦୃଶ ପ୍ରାମାଣିକ ବୈଦିକ ସାହିତ୍ୟମାନଙ୍କର ପରୋକ୍ଷ ବ୍ୟାଖ୍ୟାକୁ ଏଠାରେ ମହାପ୍ରଭୁ ଖଣ୍ଡନ କରିଛନ୍ତି ।

ବ୍ୟାସଦେବଙ୍କ ଭାଷ୍ୟ ପ୍ରାମାଣିକ ଅଟେ

ମହାପ୍ରଭୁ କହିଲେ, "ଶ୍ରୀଳ ବ୍ୟାସଦେବ ଉପନିଷଦର ମନ୍ତ୍ରମାନଙ୍କର ପ୍ରତ୍ୟକ୍ଷ ଅର୍ଥ ସଂକ୍ଷିପ୍ତ ଭାବରେ ବେଦାନ୍ତ ସୂତ୍ରରେ ଦେଇଛନ୍ତି । ଦୁର୍ଭାଗ୍ୟବଶତଃ ଆପଣ ସେ ପ୍ରତ୍ୟକ୍ଷ ଅର୍ଥକୁ ଗ୍ରହଣ କରିନାହାନ୍ତି । ଅନ୍ୟ ଢଙ୍ଗରେ ଆପଣ ପରୋକ୍ଷ ଅର୍ଥ ଗ୍ରହଣ କରିଛନ୍ତି ।"

ବେଦର ପ୍ରମାଣ ଅପ୍ରତିଦ୍ୱନ୍ଦୀ ଅଟେ । ବେଦ ଏକ ନିଷ୍କମ୍ପ ଦୀପ-ଶିଖା ସଦୃଶ ଅଟେ, ଯାହାକୁ କୌଣସି ସଂଶୟ-ସମୀର ଦୋହଲାଇ ଦେଇପାରିବ ନାହିଁ । ଅତଏବ ବେଦରେ ଯାହାସବୁ କୁହାଯାଇଛି ସେସବୁକୁ ପୂର୍ଣ୍ଣରୂପେ

ସ୍ୱୀକାର କରିବାକୁ ପଡ଼ିବ। ଏହା ନକଲେ ଆପଣ ଅଜ୍ଞାତସାରରେ ବେଦର ବିରୋଧ କରିବେ।

"ଗୋବର ଏବଂ ଶଙ୍ଖ–ଏ ଦୁଇଟି ଜିନିଷ ଦୁଇଟି ପ୍ରାଣୀଙ୍କର ବିଷ୍ଠା ଏବଂ ଅସ୍ଥି ଅଟେ ; କିନ୍ତୁ ବେଦରେ ଏ ଦୁଇଟି ପଦାର୍ଥ ସ୍ୱୀକୃତ ହୋଇଥିବାରୁ ଏମାନେ ଶୁଦ୍ଧ ଅଟନ୍ତି, ବେଦ ଏହା ପ୍ରମାଣ କରିଥିବା ଯୋଗୁଁ ଲୋକମାନେ ଏହାକୁ ଗ୍ରହଣ କରନ୍ତି।"

ପ୍ରଧାନ କଥା ହେଲା ବୈଦିକ ପ୍ରମାଣ ଉପରେ ବ୍ୟକ୍ତି ତା'ର ସୀମିତ, ଅପୂର୍ଣ୍ଣ ସ୍ୱାର୍ଥପୂର୍ଣ୍ଣ ବିଚାର ସ୍ଥାପନ କରିବା ଉଚିତ ନୁହେଁ। ବୈଦିକ ନିର୍ଦ୍ଦେଶକୁ ବିନା ସର୍ତ୍ତରେ ମାନିବା ଉଚିତ, କାରଣ ତାହା ଭୌତିକ ସଂକୀର୍ଣ୍ଣତାର ବହୁ ଉର୍ଦ୍ଧ୍ୱରେ ଅବସ୍ଥିତ। ତଥା କଥିତ ବୈଦିକ ପଣ୍ଡିତଗଣ (ବା ବେଦାନୁଗାମୀଗଣ) ନିଜର ପ୍ରୟୋଜନାନୁଯାୟୀ ବୈଦିକ ପ୍ରମାଣର ଅର୍ଥ ବାହାର କରୁଛନ୍ତି ଏବଂ ଏହିପରିଭାବରେ ସେମାନେ ବୈଦିକ ଧର୍ମରେ ଦଳ ଏବଂ ସଂପ୍ରଦାୟ ବଢ଼ାଇ ଚାଲିଛନ୍ତି। ଭଗବାନ୍ ବୁଦ୍ଧ ପ୍ରତ୍ୟକ୍ଷଭାବରେ ବୈଦିକ ଶାସନକୁ ଅସ୍ୱୀକାର କଲେ ଏବଂ ନିଜର ଧର୍ମ ସ୍ଥାପନ କଲେ। ଏହି କାରଣରୁ ବୌଦ୍ଧ ଧର୍ମ ବେଦର ନୈଷ୍ଠିକ ଅନୁଗାମୀମାନଙ୍କ ଦ୍ୱାରା ଅସ୍ୱୀକୃତ ହୋଇଗଲା ; କିନ୍ତୁ ତଥାକଥିତ ବୈଦିକ ପଣ୍ଡିତଗଣ (ବା ମତାବଲମ୍ବୀଗଣ) ବୌଦ୍ଧମାନଙ୍କ ଅପେକ୍ଷା ଅଧିକ ବିପଦଜନକ ଅଟନ୍ତି। ବୌଦ୍ଧମାନେ ପ୍ରତ୍ୟକ୍ଷଭାବରେ ବେଦକୁ ଅସ୍ୱୀକାର କରନ୍ତି ; କିନ୍ତୁ ତଥା କଥିତ ବୈଦିକ ପଣ୍ଡିତ (ବା ବେଦାନୁଗାମୀଗଣ) ପ୍ରତ୍ୟକ୍ଷଭାବରେ ବେଦକୁ ଅସ୍ୱୀକାର ନକରି ପରୋକ୍ଷଭାବରେ ନିର୍ଦ୍ଦେଶକୁ ଉଲ୍ଲଙ୍ଘନ କରୁଛନ୍ତି। ଶ୍ରୀଚୈତନ୍ୟ ମହାପ୍ରଭୁ ଏହାକୁ ଖଣ୍ଡନ କଲେ।

ଏ ସଂପର୍କରେ ମହାପ୍ରଭୁ ଯେଉଁ ଶଙ୍ଖ ଏବଂ ଗୋମୟର ଉଦାହରଣ ଦେଲେ ତାହା ଅତ୍ୟନ୍ତ ଯୁକ୍ତିଯୁକ୍ତ ଅଟେ। ଯଦି କେହି ଏପରି ଯୁକ୍ତିକରି କହେ ଯେ ; ଗାଈର ଗୋବର ଯଦି ପବିତ୍ର ହେଲା, ତାହାହେଲେ ଏକ ବିଦ୍ୱାନ ବ୍ରାହ୍ମଣର ମଳ ତା'ଠାରୁ ଅଧିକ ପବିତ୍ର ଅଟେ। ତାହାର ଏ ଯୁକ୍ତି ଗ୍ରହଣୀୟ ନୁହେଁ। ଗୋମୟ ପବିତ୍ର ବୋଲି ସ୍ୱୀକୃତ ହୋଇଅଛି, କିନ୍ତୁ ବିଦ୍ୱାନ୍ ବ୍ରାହ୍ମଣର ମଳ ପବିତ୍ର ବୋଲି ସ୍ୱୀକୃତ ହୋଇନାହିଁ। ମହାପ୍ରଭୁ କହିଚାଲିଲେ।

"ବେଦର ଆଦେଶ ସ୍ୱାଧୀକାରୀ ପୂର୍ଣ୍ଣ ଅଟେ। ଯଦି କେହି ସାଂସାରିକ ବ୍ୟକ୍ତି ସେଥିରେ ନିଜର ବ୍ୟକ୍ତିଗତ ମତ ଯୋଡ଼େ ତାହାହେଲେ ସେ ବେଦର ଆଦେଶକୁ ବିରୋଧ କଲାବୋଲି ବୁଝିବାକୁ ପଡ଼ିବ। ବ୍ୟକ୍ତି ନିଜକୁ ବ୍ୟାସଦେବଙ୍କଠାରୁ ଅଧିକ ବୁଦ୍ଧିମାନ ବୋଲି ଭାବିବା ମୂଢ଼ତା ଅଟେ। ବ୍ୟାସଦେବ ତାଙ୍କ କୃତ ସୂତ୍ରରେ ନିଜକୁ ସଂପୂର୍ଣ୍ଣରୂପେ ପ୍ରକଟ କରି ଦେଇଛନ୍ତି ଏବଂ ଏ ବିଷୟରେ କୌଣସି ସ୍ୱଳ୍ପ ମହତ୍ତ୍ୱପୂର୍ଣ୍ଣ ବ୍ୟକ୍ତିଙ୍କଠାରୁ ସହାୟତା ନେବାର କୌଣସି ଆବଶ୍ୟକତା ନାହିଁ। ତାଙ୍କର କୃତ ବେଦାନ୍ତ ସୂତ୍ର' ମଧ୍ୟାହ୍ନ ସୂର୍ଯ୍ୟ ସଦୃଶ ଅତ୍ୟୁଜ୍ଜ୍ୱଳ ଅଟେ ଏବଂ ଯେତେବେଳେ କୌଣସି ବ୍ୟକ୍ତି ପ୍ରକାଶମାନ ସୂର୍ଯ୍ୟ ସଦୃଶ ପ୍ରକାଶ ପାଇଥିବା ବେଦାନ୍ତ ସୂତ୍ର ଉପରେ ନିଜର ମନଗଢ଼ା ଅର୍ଥ ସ୍ଥାପନ କରିବାକୁ ଚେଷ୍ଟା କରନ୍ତି ସେତେବେଳେ ତାଙ୍କର ସେ ପ୍ରଚେଷ୍ଟା ପ୍ରକାଶମାନ ସୂର୍ଯ୍ୟଙ୍କୁ କଳ୍ପନାରୂପୀ ମେଘ ଖଣ୍ଡ ଦ୍ୱାରା ଆଚ୍ଛାଦନ କରିବାର ଚେଷ୍ଟା ସଙ୍ଗେ ସମାନ ହୋଇଯାଏ।"

ବେଦ ଓ ପୁରାଣମାନଙ୍କର ଲକ୍ଷ୍ୟ ଏକ ଅଟେ। ସେମାନେ ଏକ ପରମ ସତ୍ୟର ବର୍ଣ୍ଣନ କରୁଛନ୍ତି, ଯାହା ସମଗ୍ର ବିଶ୍ୱରେ ସର୍ବଶ୍ରେଷ୍ଠ ଅଟେ। ସେ ପରମ ସତ୍ୟ ସ୍ୱରୂପ ଭଗବାନ୍, ପରମପୁରୁଷ ଭଗବାନ୍ ଅଟନ୍ତି। ସେ ବ୍ରହ୍ମାଣ୍ଡର ସମସ୍ତ ଶକ୍ତିର ଏକମାତ୍ର ଶାସକ ଅଟନ୍ତି ଏବଂ ପରିମାଣରେ ସେ ସର୍ବୋଚ୍ଚ ବ୍ୟକ୍ତିତ୍ୱ ରୂପରେ ଉପଲବ୍ଧ ହୁଅନ୍ତି। ଏହି ପ୍ରକାର ଭଗବାନ୍ ନିଶ୍ଚୟ ଐଶ୍ୱର୍ଯ୍ୟ, ଶକ୍ତି, ଯଶ, ସୌନ୍ଦର୍ଯ୍ୟ, ଜ୍ଞାନ ଏବଂ ବୈରାଗ୍ୟର ପରିପୂର୍ଣ୍ଣ ଅଟନ୍ତି। ଏପରି ସ୍ଥଳେ ଭଗବାନ୍ ଆଶ୍ଚର୍ଯ୍ୟଜନକ ଭାବେ ନିର୍ଗୁଣ ନିରାକାର ରୂପେ ବର୍ଣ୍ଣିତ ହୁଅନ୍ତି।

ଅଦ୍ୱୟ ସତ୍ୟ ସାକାର ଅଟନ୍ତି

ବେଦରେ ଭଗବାନଙ୍କର ଯେଉଁ ନିର୍ଗୁଣ ନିରାକାର ରୂପର ବର୍ଣ୍ଣନା ଦିଆଯାଇଛି, ତାହା ସଂସାରର ଭୌତିକ ଅସ୍ତିତ୍ୱକୁ ନିରାକରଣ କରିବା ଲାଗି ଦିଆଯାଇଛି। ଭଗବାନଙ୍କର ସଗୁଣ ସାକାର ରୂପ ସମସ୍ତପ୍ରକାର ଭୌତିକ ରୂପରୁ ସଂପୂର୍ଣ୍ଣରୂପେ ଭିନ୍ନ ଅଟେ। ସମସ୍ତ ଜୀବ ପୃଥକ୍ ପୃଥକ୍ ବ୍ୟକ୍ତିତ୍ୱ ଅଟନ୍ତି ଏବଂ ସେମାନେ ସମସ୍ତେ ପରମ ବ୍ୟକ୍ତିତ୍ୱ (ଅର୍ଥାତ୍ ଭଗବାନ) ଙ୍କର

ଅଂଶ ବିଶେଷ ଅଟନ୍ତି। ଯେତେବେଳେ ଅଂଶଗୁଡ଼ିକ ବ୍ୟକ୍ତିବିଶେଷ ହେଲେ, ସେତେବେଳେ ସେମାନଙ୍କର ଉଦ୍‌ଗମ ସ୍ଥାନ କିପରି ନିର୍ବିଶେଷ ବା ଶୂନ୍ୟ ହେବ ? ତାହା କେବେହେଲେ ନିର୍ଗୁଣ ନିରାକାର ହୋଇପାରିବ ନାହିଁ। ସେ (ଅର୍ଥାତ୍ ଭଗବାନ୍) ସମସ୍ତ ସାପେକ୍ଷ ବ୍ୟକ୍ତିତ୍ୱ ମଧ୍ୟରେ ସର୍ବୋଚ୍ଚ ଓ ପରମ ବ୍ୟକ୍ତିତ୍ୱ ଅଟନ୍ତି।

ବେଦ ଆମ୍ଭମାନଙ୍କୁ ଜଣାଉଛି ଯେ, ଏ ସମଗ୍ର ବିଶ୍ୱ 'ବ୍ରହ୍ମ'ରୁ ପ୍ରକଟିତ ହୋଇଅଛି ଏବଂ ବ୍ରହ୍ମରେ ଅବସ୍ଥିତ ଏବଂ ଶେଷରେ ସେହିଥିରେ ହିଁ ଲୀନ ହୋଇଯିବ। ତେଣୁ ସେ ହିଁ ସମଗ୍ର ବିଶ୍ୱର ପୁରାତନ କାରଣ ତଥା ସମସ୍ତ ପଦାର୍ଥର ଆଧାରଭୂତ ଅଟନ୍ତି ଏବଂ ଏ ଗୁଣ କୌଣସି ନିର୍ଗୁଣ ନିରାକାର ସତ୍ତା ଉପରେ ଆଧାରିତ ହୋଇପାରିବ ନାହିଁ। ବେଦ ପୁଣି କହୁଛନ୍ତି ଯେ, ସେ (ବ୍ରହ୍ମ) ଅନେକ ହୋଇଛନ୍ତି ଏବଂ ସେ ଯେତେବେଳେ ଏପରି ଇଚ୍ଛା କରନ୍ତି

ସେତେବେଳେ ସେ ଭୂତପ୍ରକୃତି ଉପରେ କଟାକ୍ଷପାତ କରନ୍ତି। ସେ ଭୂତପ୍ରକୃତି ଉପରେ କଟାକ୍ଷପାତ କରିବା ପୂର୍ବରୁ ଭୌତିକ ସୃଷ୍ଟି ନଥିଲା। ତେଣୁ ତାଙ୍କର ସେ କଟାକ୍ଷ ଭୌତିକ ନୁହେଁ। ପ୍ରାକୃତ ମନ ବା ଇନ୍ଦ୍ରିୟ ଭଗବାନଙ୍କର ଭୂତପ୍ରକୃତି ଉପରେ କଟାକ୍ଷପାତ ପୂର୍ବରୁ ଉତ୍ପନ୍ନ ହୋଇ ନଥିଲେ। ବେଦର ପ୍ରମାଣରୁ ଜଣାଯାଉଛି ଯେ, ଦୃଷ୍ଟି ନିକ୍ଷେପ ପୂର୍ବରୁ ଭଗବାନଙ୍କର ଦିବ୍ୟନେତ୍ର ଓ ଦିବ୍ୟମନ ଥିଲା ; ତାଙ୍କର ନେତ୍ର ଓ ମନ କେବେହେଲେ ପ୍ରାକୃତ ନୁହେଁ। ଏଇଥିଯୋଗୁଁ ତାଙ୍କର ବ୍ୟକ୍ତିତ୍ୱ ଓ ସ୍ୱରୂପ ଟିକିଏ ସୁଦ୍ଧା ଭୌତିକ ନୁହେଁ। ତାହା ବିଶୁଦ୍ଧ ଚିନ୍ମୟ ଅଟେ।

ବ୍ରହ୍ମ ଅନ୍ତତଃ ପରମପୁରୁଷ ଭଗବାନଙ୍କୁ ବୁଝାଏ। ନିରାକାର ବ୍ରହ୍ମାନୁଭୂତି, ଭୌତିକ ଅନୁଭୂତିର ଠିକ୍ ବିପରୀତ ଅଟେ। ପରମାତ୍ମା ସମସ୍ତ ପ୍ରକାର ଜଡ଼

ଶରୀର ମଧ୍ୟରେ ଥିବା ଏକ କୈନ୍ଦ୍ରିତ ସତ୍ତା ଅଟନ୍ତି ଏବଂ ଶେଷରେ ପରଂବ୍ରହ୍ମ ଅନୁଭୂତି ଭଗବାନଙ୍କର ସର୍ବଶ୍ରେଷ୍ଠ ସ୍ୱରୂପର ଉପଲବ୍ଧି ଅଟେ। ସମସ୍ତ ଶାସ୍ତ୍ରରେ ଏହାହିଁ ପ୍ରତିପାଦିତ ହୋଇଛି ଯେ, ସେ ପରଂବ୍ରହ୍ମ ହିଁ ବିଷ୍ଣୁତତ୍ତ୍ୱର ମୂଳକେନ୍ଦ୍ର ଅଟନ୍ତି।

ପୁରାଣଗୁଡ଼ିକ ବେଦର ପରିଶିଷ୍ଟ ଗ୍ରନ୍ଥ ଅଟନ୍ତି। ବୈଦିକମନ୍ତ୍ର ସାଧାରଣ ବ୍ୟକ୍ତି ପକ୍ଷରେ ଅତ୍ୟନ୍ତ କଠିନ ଅଟେ। ସ୍ତ୍ରୀ, ଶୂଦ୍ର ଏବଂ ଦ୍ୱିଜବନ୍ଧୁମାନେ ବେଦର ତାତ୍ପର୍ଯ୍ୟକୁ ବୁଝିପାରନ୍ତି ନାହିଁ ଏବଂ ଏଇଥିପାଇଁ ବୈଦିକ ସତ୍ୟକୁ ସରଳଭାବରେ ବୁଝାଇବା ନିମିତ୍ତ ଇତିହାସ ବା *ମହାଭାରତ* ଓ *ପୁରାଣ* ମାନ ନିର୍ମିତ ହୋଇଅଛି। ଶ୍ରୀ ବ୍ରହ୍ମାଜୀ ବାଳକ ଶ୍ରୀକୃଷ୍ଣଙ୍କୁ ପ୍ରାର୍ଥନା କରି କହୁଛନ୍ତି ଯେ, ଶ୍ରୀ ନନ୍ଦମହାରାଜ ଓ ଯଶୋଦା ମାତାଙ୍କ ସହିତ ବ୍ରଜଭୂମିର ସମସ୍ତ ଅଧିବାସୀଙ୍କ ଭାଗ୍ୟ ଅପରିସୀମ ଅଟେ, କାରଣ ଅନନ୍ତ ଅଦ୍ୱୟ ସତ୍ୟ ସେମାନଙ୍କର ଅତି ପ୍ରିୟବନ୍ଧୁ ହୋଇଯାଇଛନ୍ତି।

ବୈଦିକ ମନ୍ତ୍ରରେ କୁହାଯାଇଛି ଯେ, ଅଦ୍ୱୟ-ସତ୍ୟ ପାଦହୀନ ଓ ହସ୍ତହୀନ ଅଟନ୍ତି ଏବଂ ତାଙ୍କୁ ଯାହା ଭକ୍ତିରେ ଅର୍ପଣ କରାଯାଏ, ତାହା ସେ ଗ୍ରହଣ କରନ୍ତି। ଏ କଥାର ଶେଷାଂଶରୁ ଜଣାଯାଉଛି, ଯଦ୍ୟପି ତାଙ୍କର ହସ୍ତ ପାଦ ଆଦି ପ୍ରାକୃତ ନୁହେଁ, ତଥାପି ଅପ୍ରାକୃତ ଅଟେ।

ଅଦ୍ୱୟ ସତ୍ୟ କେବେହେଲେ ନିରାକାର ନୁହେଁ

ତେଣୁ ବ୍ରହ୍ମ କେବେହେଲେ ନିରାକାର ନୁହଁନ୍ତି, କିନ୍ତୁ ଯେତେବେଳେ ପରୋକ୍ଷ ଭାବରେ ଏ ମନ୍ତ୍ରର ବ୍ୟାଖ୍ୟା କରାଯାଉଛି, ସେତେବେଳେ ଏ ଭ୍ରାନ୍ତଧାରଣା ଜାତ ହେଉଛି ଯେ, ଭଗବାନ୍ ନିରାକାର ଅଟନ୍ତି। ପରମ ସତ୍ୟ ଭଗବାନ୍ ସମସ୍ତ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଅଟନ୍ତି, ଅତଏବ ତାଙ୍କର ଦିବ୍ୟ ରୂପ ସତ୍ (ସତ୍ୟ), ଚିତ୍ (ଜ୍ଞାନ) ତଥା ଆନନ୍ଦମୟ ଅଟେ। ଏପରି ସ୍ଥଳେ ଭଗବାନଙ୍କୁ କିପରି ନିରାକାର ବୋଲି କୁହାଯିବ ?

ବ୍ରହ୍ମ ସମସ୍ତ ଐଶ୍ୱର୍ଯ୍ୟରେ ପୂର୍ଣ୍ଣ ଅଟନ୍ତି, ଅତଏବ ବିବିଧଶକ୍ତି ତାଙ୍କ ନିର୍ଦ୍ଦେଶରେ କାର୍ଯ୍ୟ କରୁଛନ୍ତି। ଏସବୁ ଶକ୍ତି ବିଷ୍ଣୁ ପୁରାଣର ପ୍ରମାଣ ଅନୁଯାୟୀ

ପ୍ରଧାନ ତିନିଭାଗରେ ବିଭକ୍ତ (ବିଷ୍ଣୁ ପୁରାଣ : ୬/୭-୬୦)। ସେ ଶ୍ଳୋକରେ କୁହାଯାଇଛି ଯେ, ଭଗବାନ୍ ବିଷ୍ଣୁଙ୍କର ଦିବ୍ୟଶକ୍ତି ପ୍ରଧାନତଃ ତିନିପ୍ରକାର ଅଟେ। ତାହା ତାଙ୍କର ଚିତ୍ ଶକ୍ତି-ଉଚ୍ଚତର, ତଟସ୍ଥାଶକ୍ତି ବା ଜୀବଶକ୍ତି ଏବଂ ଅଜ୍ଞାନରୁ ଉତ୍ପନ୍ନ ଭୌତିକ ଶକ୍ତି ବା ଅଚିତ୍ଶକ୍ତି ଯାହା ଭଗବାନଙ୍କର ନୀଚତର ଶକ୍ତି ଅଟେ।

ଜୀବଶକ୍ତିକୁ ପାରିଭାଷିକ ଭାଷାରେ "କ୍ଷେତ୍ରଜ୍ଞ" ଶକ୍ତି କୁହାଯାଏ। ଏହି କ୍ଷେତ୍ରଜ୍ଞ ଶକ୍ତି ଯଦିଓ ଗୁଣରେ ଭଗବାନଙ୍କ ତୁଲ୍ୟ ଅଟେ, ତଥାପି ଅଜ୍ଞାନ ବା ଭ୍ରମ ଯୋଗୁଁ ଭୌତିକ ଶକ୍ତିର ବଶବର୍ତ୍ତୀ ହୋଇଯାଉଛି ଏବଂ ଏହିପରିଭାବରେ ସେ ସବୁପ୍ରକାର ଭୌତିକ ଯନ୍ତ୍ରଣା ଭୋଗ କରୁଛି। ଅନ୍ୟ କଥାରେ ଏହାହିଁ କୁହାଯାଇପାରେ ଯେ, ଜୀବଗଣ ସର୍ବୋଚ୍ଚ ଆଧ୍ୟାତ୍ମିକ ତଥା ନିମ୍ନ ଭୌତିକ — ଏହି ଦୁଇଶକ୍ତିର ମଧ୍ୟବର୍ତ୍ତୀ ତଟସ୍ଥାଶକ୍ତି ରୂପେ ଅବସ୍ଥିତ। ଭୌତିକ ଅଥବା ଆଧ୍ୟାତ୍ମିକ ଶକ୍ତି (ବା ଚିତ୍ ଶକ୍ତି) ସହିତ ଜୀବ ଯେଉଁ ଅନୁପାତରେ ସଂପୃକ୍ତ ହୁଏ, ସେହି ଅନୁପାତରେ ସେ ଉଚ୍ଚ ଅଥବା ନିମ୍ନସ୍ତରୀୟ ସତ୍ତାରେ ଅବସ୍ଥିତ ବୋଲି ବୁଝାଯାଏ।

ଉପରି ବର୍ଣ୍ଣିତ ନିମ୍ନ ତଥା ଉଚ୍ଚ ତଟସ୍ଥାଶକ୍ତି ଏହି ଦୁଇଶକ୍ତିର ଉପରେ ଭଗବାନ୍ ଅଛନ୍ତି ଏବଂ ତାଙ୍କର ଚିତ୍ ଶକ୍ତି ତିନୋଟି ପର୍ଯ୍ୟାୟରେ ପ୍ରକାଶିତ ହୁଏ, ଯଥା- ଶାଶ୍ୱତ ଅସ୍ତିତ୍ୱ (ଶାଶ୍ୱତ ସତ୍ତା), ଶାଶ୍ୱତ ଆନନ୍ଦ ତଥା ଶାଶ୍ୱତ ଜ୍ଞାନ। ଶାଶ୍ୱତ ସତ୍ତା *ସନ୍ଧିନୀ* ଶକ୍ତିଦ୍ୱାରା ସଂଚାଳିତ ହେଉଅଛି। ଠିକ୍ ସେହିପରି ଆନନ୍ଦ ଏବଂ ଜ୍ଞାନ ଯଥାକ୍ରମେ *ହ୍ଲାଦିନୀ* ଏବଂ *ସମ୍ବିତ୍* ଶକ୍ତିଦ୍ୱାରା ସଂଚାଳିତ ହେଉଅଛି। ସର୍ବଶକ୍ତିମାନ୍ ଭଗବାନ୍ ରୂପେ ସେ ଆଧ୍ୟାତ୍ମିକ, ତଟସ୍ଥା ଓ ଭୌତିକ ଶକ୍ତିର ନିୟନ୍ତ୍ରଣକାରୀ ଅଟନ୍ତି। ଏ ତିନିପ୍ରକାର ଶକ୍ତି ଭଗବାନଙ୍କର ଶାଶ୍ୱତ ପ୍ରେମପୂର୍ଣ୍ଣ ସେବାରେ ସଂଯୁକ୍ତ ହୋଇ ରହିଛନ୍ତି।

ଭଗବାନ୍ ଏହିପରିଭାବରେ ନିଜର ଦିବ୍ୟ ଶାଶ୍ୱତ ସ୍ୱରୂପରେ ନିରନ୍ତର ଆନନ୍ଦ ମଗ୍ନ ହୋଇ ରହୁଛନ୍ତି। ପରମପୁରୁଷ ଭଗବାନଙ୍କୁ ନିଃଶକ୍ତିକ କହିବା ଆଶ୍ଚର୍ଯ୍ୟଜନକ କଥା ନୁହେଁ କି ? ଭଗବାନ୍ ସମସ୍ତ ଶକ୍ତିର ନିୟନ୍ତ୍ରଣକାରୀ ଏବଂ ଜୀବଗଣ ସେ ଶକ୍ତିମାନଙ୍କ ମଧ୍ୟରୁ ଏକ ଅଂଶ ବିଶେଷ ଅଟନ୍ତି। ଏଇଥିପାଇଁ ଭଗବାନ୍ ଓ ଜୀବ ମଧ୍ୟରେ ବିରାଟ ପାର୍ଥକ୍ୟ ଅଛି। ଏପରିସ୍ଥଳେ ଜୀବ ଓ

ଭଗବାନ୍ ଏକ ବୋଲି ତୁମେ କିପରି କହିପାରିବ ? ଜୀବଗଣ ଭଗବାନଙ୍କର ଉଚ୍ଚତର ଶକ୍ତିର ଅନ୍ତର୍ଭୁକ୍ତ ଅଟନ୍ତି। ଏହା *ଭଗବଦ୍‌ଗୀତା*ରେ କୁହାଯାଇଅଛି। ଶକ୍ତି ଏବଂ ଶକ୍ତିମାନ୍ ତତ୍ତ୍ୱର ପରସ୍ପର ଅଭିନ୍ନ ସମ୍ବନ୍ଧାନୁଗତ ସିଦ୍ଧାନ୍ତ ଅନୁଯାୟୀ ଏମାନେ (ଜୀବ ଓ ଭଗବାନ୍) ମଧ୍ୟ ଅଭିନ୍ନ ଅଟନ୍ତି। ସେଇଥିଯୋଗୁଁ ଭଗବାନ୍ ଓ ଜୀବ ଶକ୍ତିମାନ୍ ଓ ଶକ୍ତିରୂପେ ଅଭିନ୍ନ ଅଟନ୍ତି।

ପୃଥ୍ୱୀ, ଜଳ, ଅଗ୍ନି, ବାୟୁ, ଆକାଶ, ମନ, ବୁଦ୍ଧି ଓ ଅହଙ୍କାର – ଏସବୁ ଭଗବାନଙ୍କର ନିମ୍ନ ଭୌତିକ ଶକ୍ତିର ପ୍ରସାର ଅଟନ୍ତି ; କିନ୍ତୁ ଜୀବ ଏ ସବୁଥିରୁ ପୃଥକ୍ ପରାଶକ୍ତି ଅଟେ। ଏହା *ଭଗବଦ୍‌ଗୀତା*ର ଦୃଷ୍ଟିକୋଣ ଅଟେ।

ଭଗବାନଙ୍କର ଦିବ୍ୟ ରୂପ ନିତ୍ୟ ଅଟେ ଏବଂ ଦିବ୍ୟ ଆନନ୍ଦରେ ପରିପୂର୍ଣ୍ଣ ଅଟେ। ଏପରିସ୍ଥଳେ ସେ ରୂପକୁ କିପରି ଭୌତିକ ଗୁଣରୁ ଉତ୍ପନ୍ନ ବୋଲି ଆମେ କହିବା ? ଏଇଥିପାଇଁ ଯେ ଭଗବାନଙ୍କ ସ୍ୱରୂପରେ ବିଶ୍ୱାସ ନ କରେ, ସେ ନିଶ୍ଚିତ ରୂପେ ଅବିଶ୍ୱାସୀ ଦାନବ ଅଟେ ଏବଂ ସେହିଁ ଅସ୍ପୃଶ୍ୟ ଅଟେ। ଏପରି ବ୍ୟକ୍ତିର ମୁଖ ଦର୍ଶନ କରିବା ଉଚିତ ନୁହେଁ। ସେ ଯମରାଜଙ୍କଦ୍ୱାରା ନିଶ୍ଚିତ ଦଣ୍ଡିତ ହେବ।

ବୌଦ୍ଧମାନଙ୍କୁ ନାସ୍ତିକ କୁହାଯାଏ, କାରଣ ସେମାନେ ବେଦ ମାନନ୍ତି ନାହିଁ, କିନ୍ତୁ ଯେଉଁମାନେ ନିଜକୁ ବେଦଜ୍ଞ ବୋଲି କହନ୍ତି ଏବଂ ତତ୍ ସଙ୍ଗେ ସଙ୍ଗେ ବୈଦିକ ସିଦ୍ଧାନ୍ତକୁ ଅବମାନନା କରନ୍ତି, ସେମାନେ ବାସ୍ତବରେ ବୌଦ୍ଧମାନଙ୍କ ଅପେକ୍ଷା ଅଧିକ ଭୟଙ୍କର ଅଟନ୍ତି।

ଶ୍ରୀଳ ବ୍ୟାସଦେବ ଦୟାକରି ତାଙ୍କ କୃତ *ବେଦାନ୍ତ ସୂତ୍ର*ରେ ବୈଦିକଜ୍ଞାନର ସଂକଳନ କରିଛନ୍ତି ; କିନ୍ତୁ ଯେ ମାୟାବାଦୀ ସିଦ୍ଧାନ୍ତ (ଶଙ୍କର ସଂପ୍ରଦାୟ ଦ୍ୱାରା ପ୍ରବର୍ତ୍ତିତ) ଶ୍ରବଣ କରେ ସେ ନିଶ୍ଚୟ ଆତ୍ମଜ୍ଞାନ ଲାଭ ମାର୍ଗରୁ ଭ୍ରଷ୍ଟ ହୋଇଯିବ।

ସୃଷ୍ଟିର ଉତ୍ପତ୍ତି ସମ୍ବନ୍ଧୀୟ ସିଦ୍ଧାନ୍ତ *ବେଦାନ୍ତ ସୂତ୍ର*ର ପ୍ରାରମ୍ଭିକ ବିଷୟ ଅଟେ। ଏ ସମଗ୍ର ଦୃଶ୍ୟ ଜଗତର ଉତ୍ପତ୍ତି ଭଗବାନଙ୍କର ବିବିଧ ଅଚିନ୍ତ୍ୟ ଶକ୍ତିଦ୍ୱାରା ହୋଇଅଛି। ପାରଶ ମଣିର ଉଦାହରଣ ଏ ଉତ୍ପତ୍ତି ସିଦ୍ଧାନ୍ତ ସମ୍ବନ୍ଧରେ ସଂପୂର୍ଣ୍ଣରୂପେ ଯୁକ୍ତିଯୁକ୍ତ। ପାରଶମଣି ଅସଂଖ୍ୟ ଲୌହଖଣ୍ଡକୁ ସ୍ୱର୍ଣ୍ଣରେ ପରିଣତ କରିପାରେ, କିନ୍ତୁ ସେ ସେହି ପାରଶମଣି ହୋଇ ରହିଥାଏ। ଠିକ୍ ସେହିପରି ଭଗବାନ୍ ନିଜର ଅଚିନ୍ତ୍ୟ ଶକ୍ତିଦ୍ୱାରା ଅନେକ ବିଶ୍ୱ ଉତ୍ପନ୍ନ

କରନ୍ତି, ତଥାପି ସେ ସ୍ୱୟଂ ସଂପୂର୍ଣ୍ଣ ଓ ଅବିକୃତ ରହନ୍ତି। ସେ ପୂର୍ଣ୍ଣ ଅଟନ୍ତି ଏବଂ ଅସଂଖ୍ୟ ପୂର୍ଣ୍ଣ ବିଶ୍ୱ ତାଙ୍କଠାରୁ ଉତ୍ପନ୍ନ ହେଲେ ସୁଦ୍ଧା ସେ ସେହି ପୂର୍ଣ୍ଣହିଁ ରହନ୍ତି।

ମାୟାବାଦୀମାନେ କହନ୍ତି, "ଜଗତ୍ ମିଥ୍ୟା" ବା ଏହା ମୃଗତୃଷ୍ଣା ତୁଲ୍ୟ ମିଥ୍ୟା — ଏହି ଯେଉଁ ସିଦ୍ଧାନ୍ତ ସେମାନେ ଦିଅନ୍ତି ତାହାର ତାତ୍ପର୍ଯ୍ୟ ହେଲା, ସେମାନେ ଭାବନ୍ତି ଯେ, ସୃଷ୍ଟି ଉତ୍ପତ୍ତିର ସିଦ୍ଧାନ୍ତ ଅଦ୍ୱୟ ସତ୍ୟ (ଅର୍ଥାତ୍ ଭଗବାନ୍) ଙ୍କଠାରେ ମଧ୍ୟ ପରିବର୍ତ୍ତନର କାରଣ ହେବ। ଯଦି ତାହା ହୁଏ, ତାହାହେଲେ ବ୍ୟାସଦେବଙ୍କ ସିଦ୍ଧାନ୍ତ ଭୁଲ୍ ହୋଇଯିବ କିନ୍ତୁ ବ୍ୟାସଦେବଙ୍କୁ ଭୁଲ ନକହି ବ୍ୟାସଦେବଙ୍କ ଭାବନାକୁ ସେମାନେ ବୁଝି ନପାରି ସେମାନେ ବଡ଼ ଚତୁରତା ସହକାରେ 'ଜଗତ୍ ମିଥ୍ୟା'ର ସିଦ୍ଧନ୍ତ ବାହାର କଲେ, କିନ୍ତୁ ମାୟାବାଦୀମାନଙ୍କ କହିବା ଅନୁଯାୟୀ ଏ ଜଗତ ମିଥ୍ୟା ନୁହେଁ। କେବଳ ଏହା ଶାଶ୍ୱତ ବା ସ୍ଥାୟୀ ନୁହେଁ। ଏକ ଅସ୍ଥାୟୀ ବସ୍ତୁକୁ ସଂପୂର୍ଣ୍ଣରୂପେ ମିଥ୍ୟା କୁହାଯାଇ ନପାରେ, କିନ୍ତୁ ଏ ଭୌତିକ ଶରୀରକୁ ଆତ୍ମା ବୋଲି ମାନିବା ବାସ୍ତବିକ୍ ଭ୍ରମ ବା ମିଥ୍ୟା ଅଟେ।

ବେଦରେ ଥିବା ପ୍ରଣବ ଓଁ ବା ଓଁକାର ଆଦିମନ୍ତ୍ର ଅଟେ। ଏହି ଦିବ୍ୟ ଶବ୍ଦ (ବା ଧ୍ୱନି) ଭଗବାନଙ୍କର ଧ୍ୱନି ଅବତାର ଅଟନ୍ତି। ସମସ୍ତ ବୈଦିକ ମନ୍ତ୍ର ଏହି ପ୍ରଣବ (ଓଁକାର) ଉପରେ ହିଁ ଆଧାରିତ ଅଟେ। *'ତତ୍ତ୍ୱ ମସି'* ବୈଦିକ ସାହିତ୍ୟରେ ଏକ ତଟସ୍ଥ ଶବ୍ଦ ଅଟେ ଏବଂ ଏଇଥିପାଇଁ ଏହାକୁ ବୈଦିକ ମହାମନ୍ତ୍ର (ବା ଆଦି ମନ୍ତ୍ର) କୁହାଯାଇ ନପାରେ। ଶ୍ରୀପାଦ ଶଙ୍କରାଚାର୍ଯ୍ୟ ଆଦିମନ୍ତ୍ର ଓଁକାର ଅପେକ୍ଷା ଏହି ତଟସ୍ଥ ଶବ୍ଦ *'ତତ୍ତ୍ୱ ମସି'* ଉପରେ ଅଧିକ ଜୋର୍ ଦେଇଛନ୍ତି।

ଏହିପରିଭାବରେ ମହାପ୍ରଭୁ ବେଦାନ୍ତ ସୂତ୍ର ଉପରେ ଥିବା ମାୟାବାଦୀ ବିଚାରଧାରାକୁ ଖଣ୍ଡନ କଲେ ଏବଂ ସେମାନେ ଯେଉଁ ଭ୍ରମାତ୍ମକ ପ୍ରଚାର କରୁଛନ୍ତି, ତାହା ମଧ୍ୟ ଖଣ୍ଡନ କଲେ। ଏଥିରେ ଭଟ୍ଟାଚାର୍ଯ୍ୟ ନିଜମତ ତଥା ମାୟାବାଦୀ ସିଦ୍ଧାନ୍ତକୁ ବଜାୟ ରଖିବା ନିମିତ୍ତ ନିଜର ବ୍ୟାକରଣ ଜ୍ଞାନ, ତର୍କ ତଥା ବହୁତ ପ୍ରକାରର ବାଗ୍ ଜାଲ ପ୍ରକାଶ କଲେ କିନ୍ତୁ ମହାପ୍ରଭୁ ନିଜର ଶକ୍ତିଶାଳୀ ତର୍କଦ୍ୱାରା ତାଙ୍କୁ ହରାଇ ଦେଲେ। ସେ ନିଶ୍ଚିତଭାବରେ କହିଲେ ଯେ, ଆମ୍ଭେମାନେ ସମସ୍ତେ ଅନନ୍ତ କାଳରୁ ଭଗବାନଙ୍କ ସହ ସମ୍ବନ୍ଧିତ ଏବଂ ଭକ୍ତିପୂର୍ଣ୍ଣ ସେବା ହିଁ, ତାଙ୍କ ଓ ଆମ ମଧ୍ୟରେ ଥିବା ବିସ୍ମୃତ ସମ୍ବନ୍ଧକୁ ପୁନଃ

ଉପଲବ୍ଧ କରିବା ନିମିତ୍ତ ଏକମାତ୍ର ପରମ କର୍ତ୍ତବ୍ୟ ଅଟେ। ଏହି ସମ୍ବନ୍ଧରେ ପୁନଃ ଉପଲବ୍ଧିର ତାତ୍ପର୍ଯ୍ୟ ହେଉଛି ଭଗବତ୍ ପ୍ରେମ ପ୍ରାପ୍ତି। ଯେତେବେଳେ ଭଗବତ୍ ପ୍ରେମ ପ୍ରାପ୍ତି ହୁଏ, ସେତେବେଳେ ସମସ୍ତ ଜୀବଙ୍କ ପ୍ରତି ମଧ୍ୟ ପ୍ରେମଭାବ ଜାତ ହୋଇଯାଏ ; କାରଣ ଭଗବାନ୍ ହିଁ ସମସ୍ତ ଜୀବଙ୍କର ସର୍ବସ୍ୱ ଅଟନ୍ତି।

ମହାପ୍ରଭୁ କହିଲେ ଯେ, ଜୀବ ଏବଂ ଭଗବାନଙ୍କ ମଧ୍ୟରେ ଥିବା ଶାଶ୍ୱତ ସମ୍ବନ୍ଧ (ସମ୍ବନ୍ଧ), ସମ୍ବନ୍ଧ ପ୍ରାପ୍ତି (ବା ପରସ୍ପର ଭାବର ଆଦାନ ପ୍ରଦାନ ଅର୍ଥାତ୍ ଅଭିଧେୟ) ଏବଂ ଭଗବତ୍ ପ୍ରେମ ପ୍ରାପ୍ତି (ପ୍ରୟୋଜନ) – ଏହି ତିନୋଟି ତତ୍ତ୍ୱ ବ୍ୟତୀତ ଅନ୍ୟ ଯାହା ସବୁ ବେଦରେ କୁହାଯାଇଛି ସେସବୁ ବାହ୍ୟ ଏବଂ ମନଗଢ଼ା ଅଟେ।

ମହାପ୍ରଭୁ ପୁଣି କହିଲେ ଯେ ଶ୍ରୀପାଦ ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ନିର୍ମିତ ମାୟାବାଦ ଦର୍ଶନ ବେଦର କାଳ୍ପନିକ ବ୍ୟାଖ୍ୟା ଅଟେ ; କିନ୍ତୁ ତାଙ୍କୁ ତାହା କରିବାର ଥିଲା, କାରଣ ପରମପୁରୁଷ ଭଗବାନ୍ ତାଙ୍କୁ ଆଦେଶ ଦେଇଥିଲେ ମାୟାବାଦ ପ୍ରଚାର କରିବା ନିମିତ୍ତ। *ପଦ୍ମପୁରାଣରେ* କୁହାଯାଇଛି ଯେ, ପରମପୁରୁଷ ଭଗବାନ୍ ଲୋକମାନଙ୍କୁ ଭଗବଦ୍ ବିମୁଖ କରିବା ନିମିତ୍ତ ଶ୍ରୀ ଶିବଜୀଙ୍କୁ ଆଦେଶ କଲେ। ଭଗବାନଙ୍କୁ ଏପରି ପ୍ରଚ୍ଛନ୍ନ କରିବାକୁ ହେବ, ଯେପରି ଲୋକମାନେ ଅଧିକରୁ ଅଧିକ ଲୋକସଂଖ୍ୟା ବୃଦ୍ଧି କରିବାରେ ଲାଗିବେ। ଶ୍ରୀ ଶିବଜୀ ଦେବୀ ପାର୍ବତୀଙ୍କୁ କହିଲେ, "ମୁଁ ବ୍ରାହ୍ମଣ ରୂପରେ କଳିଯୁଗରେ ମାୟାବାଦ ଦର୍ଶନ ପ୍ରଚାର କରିବି। ଏହା ଆଉ କିଛି ନୁହେଁ, ଏହା କେବଳ ବ୍ରହ୍ମବାଦର ଆବରଣ ମଧ୍ୟରେ ପ୍ରଚ୍ଛନ୍ନ ବୌଦ୍ଧଧର୍ମ ହିଁ ଅଟେ।"

ଭକ୍ତିପୂର୍ଣ୍ଣ ସେବାହିଁ ଉଚ୍ଚତମ ଲକ୍ଷ୍ୟ

ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଏସବୁ କଥା ଶୁଣି ଭଟ୍ଟାଚାର୍ଯ୍ୟ ଅତି ଆଶ୍ଚର୍ଯ୍ୟ ହୋଇଗଲେ ଏବଂ ସ୍ତମ୍ଭୀଭୂତ ହୋଇଯାଇ ମୌନ ହୋଇଗଲେ। ତତ୍ପରେ ମହାପ୍ରଭୁ କହିଲେ ଯେ, ଏଥିରେ ଆଶ୍ଚର୍ଯ୍ୟ ହେବାର କିଛି ନାହିଁ। ସେ କହିଲେ "ଭଗବଦ୍ ଭକ୍ତିହିଁ ମାନବ ଜୀବନର ଅନ୍ତିମ ଲକ୍ଷ୍ୟ ଅଟେ।" ତତ୍‌ପରେ ସେ *ଶ୍ରୀମଦ୍* ଭଗବତମ୍‌ରୁ ଏକ ଶ୍ଲୋକ ଉଦ୍ଧାର କଲେ ଏବଂ ନିଶ୍ଚିତ ଭାବେ

କହିଲେ ଯେ ମୁକ୍ତ ଜୀବମାନେ ଆତ୍ମାରାମ ଓ ପରମ ନିଷ୍କାମ ଅଟନ୍ତି । ତଥାପି ସେ ଭଗବାନ୍ ଶ୍ରୀକୃଷ୍ଣଙ୍କର ପ୍ରେମମୟୀ ସେବାରେ ଲାଗି ରହିଛନ୍ତି, କାରଣ ଭଗବାନଙ୍କର ଗୁଣ ଏପରି ଆକର୍ଷକ ଅଟେ ଯେ, ତାହା ମୁକ୍ତ ଜୀବମାନଙ୍କର ହୃଦୟକୁ ମଧ୍ୟ ଆକର୍ଷଣ କରେ ।

ତତ୍ପରେ ଶ୍ରୀ ଭଟ୍ଟାଚାର୍ଯ୍ୟ *ଶ୍ରୀମଦ୍ ଭାଗବତମ୍* (୧।୭।୧୦)ର "ଆତ୍ମାରାମ ଶ୍ଳୋକର" ବ୍ୟାଖ୍ୟା ଶୁଣିବାକୁ ଇଚ୍ଛାପ୍ରକାଶ କଲେ ।

ଆତ୍ମାରାମାଶ୍ଚ ମୁନୟୋ ନିର୍ଗ୍ରନ୍ଥା ଅପ୍ୟୁରୁ କ୍ରମେ ।
କୁର୍ବନ୍ତ୍ୟହୈତୁକୀଂ ଭକ୍ତିମିତ୍ଥମ୍ ଭୂତ ଗୁଣୋ ହରିଃ ॥

ମହାପ୍ରଭୁ ପ୍ରଥମେ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ଏହାର ବ୍ୟାଖା କରିବାକୁ କହିଲେ ଏବଂ ତା'ପରେ ସେ ବ୍ୟାଖ୍ୟା କରିବେ ବୋଲି କହିଲେ । ଶ୍ରୀ ଭଟ୍ଟାଚାର୍ଯ୍ୟ ବିଶିଷ୍ଟ ତର୍କଯୁକ୍ତି ପଦ୍ଧତିରେ ଏବଂ ଅତ୍ୟନ୍ତ ବିଦ୍ୱତ୍ତାପୂର୍ଣ୍ଣ ଢଙ୍ଗରେ ସେ ଶ୍ଳୋକର ନ'ପ୍ରକାର ବ୍ୟାଖ୍ୟା କଲେ । ତାଙ୍କର ବ୍ୟାଖ୍ୟା ମୁଖ୍ୟତଃ ତର୍କ ଉପରେ ଆଧାରିତ ଥିଲା, କାରଣ ସେ ଥିଲେ ସେ ସମୟର ବିଖ୍ୟାତ ତର୍କଶାସ୍ତ୍ରୀ ।

ମହାପ୍ରଭୁ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କର ଅତ୍ୟନ୍ତ ବିଦ୍ୱତ୍ତାପୂର୍ଣ୍ଣ ବ୍ୟାଖ୍ୟା ଶ୍ରବଣକରି ତାଙ୍କୁ ଅଶେଷ ଧନ୍ୟବାଦ ଦେଲେ, ତତ୍ପରେ ଭଟ୍ଟାଚାର୍ଯ୍ୟଙ୍କର ଅନୁରୋଧ କ୍ରମେ ମହାପ୍ରଭୁ ସେ ଶ୍ଳୋକର ୬୪ ପ୍ରକାର ବ୍ୟାଖ୍ୟା କଲେ । ଶ୍ରୀ ଭଟ୍ଟାଚାର୍ଯ୍ୟ ଯେଉଁ ନ'ପ୍ରକାର ବ୍ୟାଖ୍ୟା କରିଥିଲେ ତାକୁ ସେ ଆଦୌ ସ୍ପର୍ଶ କଲେ ନାହିଁ ।

ସାର୍ବଭୌମ ଭଟ୍ଟାଚାର୍ଯ୍ୟ ମହପ୍ରଭୁଙ୍କ ଠାରେ ଶରଣାପନ୍ନ ହେଲେ

ମହାପ୍ରଭୁଙ୍କଠାରୁ "ଆତ୍ମାରାମ" ଶ୍ଳୋକର ଅଭୂତପୂର୍ବ ବ୍ୟାଖ୍ୟା ଶ୍ରବଣକରି ଶ୍ରୀ ଭଟ୍ଟାଚାର୍ଯ୍ୟ ପୁର୍ଣ୍ଣରୂପେ ବିଶ୍ୱାସ କଲେ ଯେ, ଏ ପ୍ରକାର ବିଦ୍ୱତ୍ତା କୌଣସି ଭୌତିକ ପ୍ରାଣୀଠାରୁ ସମ୍ଭବପର ନୁହେଁ । ଏହା ପୂର୍ବରୁ ଶ୍ରୀଗୋପୀନାଥ ଆଚାର୍ଯ୍ୟ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ସମ୍ବନ୍ଧରେ ତାଙ୍କୁ ପ୍ରଭାବିତ କରିବା ନିମିତ୍ତ ବହୁତ ଚେଷ୍ଟା କରିଥିଲେ, କିନ୍ତୁ ସେତେବେଳେ ଶ୍ରୀ ଭଟ୍ଟାଚାର୍ଯ୍ୟ ତାହା

ଗ୍ରହଣ କରିପାରିନଥିଲେ। ଯେତେବେଳେ ଶ୍ରୀ ଭଟ୍ଟାଚାର୍ଯ୍ୟ ମହାପ୍ରଭୁଙ୍କର ବେଦାନ୍ତ ସୂତ୍ରର ଓ ଆତ୍ମାରାମ ଶ୍ଳୋକର ବ୍ୟାଖ୍ୟା ଶୁଣିଲେ, ସେତେବେଳେ ସେ ଅତ୍ୟନ୍ତ ବିସ୍ମୟାଭିଭୂତ ହୋଇଗଲେ। ସେତେବେଳେ ସେ ଭାବିଲେ ଯେ, ସେ ମହାପ୍ରଭୁଙ୍କୁ ସାକ୍ଷାତ୍ ଭଗବାନ୍ ଶ୍ରୀକୃଷ୍ଣ ବୋଲି ଗ୍ରହଣ ନକରି ତାଙ୍କ ପାଦପଦ୍ମରେ ବଡ଼ ଅପରାଧ କରିଛନ୍ତି। ତତ୍ପରେ ସେ ମହାପ୍ରଭୁଙ୍କର ପାଦପଦ୍ମରେ ଆତ୍ମସମର୍ପଣ କଲେ ଏବଂ ନିଜର ପୂର୍ବକୃତ ବ୍ୟବହାର ପାଇଁ କ୍ଷମା ଭିକ୍ଷା କଲେ। ଶ୍ରୀମନ୍ ମହାପ୍ରଭୁ ଅତ୍ୟନ୍ତ ଦୟାମୟ ; ସେ କୃପାପୂର୍ବକ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ଗ୍ରହଣ କଲେ ଏବଂ ଅହୈତୁକୀ କୃପା ପ୍ରକାଶକରି ସେ ପ୍ରଥମେ ତାଙ୍କର ଚତୁର୍ଭୁଜ ନାରାୟଣ ରୂପ ଏବଂ ତତ୍ପରେ ଦ୍ୱିଭୂଜ ବଂଶୀଧାରୀ ଶ୍ରୀକୃଷ୍ଣ ରୂପ ପ୍ରଦର୍ଶନ କଲେ।

ସାର୍ବଭୌମ ଭଟ୍ଟାଚାର୍ଯ୍ୟ ମହାପ୍ରଭୁଙ୍କର ସ୍ତୁତି କଲେ

ତତ୍କ୍ଷଣାତ୍ ଭଟ୍ଟାଚାର୍ଯ୍ୟ ଶ୍ରୀମନ୍ ମହାପ୍ରଭୁଙ୍କର ଚରଣ କମଳରେ ପଡ଼ିଗଲେ ଏବଂ ତାଙ୍କ କୃପାଯୋଗୁଁ କେତେକ ଅର୍ଥପୂର୍ଣ୍ଣ ଶ୍ଳୋକ ରଚନା କରି ମହାପ୍ରଭୁଙ୍କର ସ୍ତୁତି କରିବାକୁ ଲାଗିଲେ। ସେ ଭଗବାନଙ୍କର ସ୍ତୁତି ଉଦ୍ଦେଶ୍ୟରେ ପ୍ରାୟ ଏକଶହ ଶ୍ଳୋକ ରଚନା କରିପକାଇଲେ। ତତ୍ପରେ ମହାପ୍ରଭୁ ତାଙ୍କୁ ଆଲିଙ୍ଗନ କରିପକାଇଲେ ଏବଂ ଦିବ୍ୟ ଆନନ୍ଦାତିଶଯ୍ୟରେ ଭଟ୍ଟାଚାର୍ଯ୍ୟ ସଂଜ୍ଞାହୀନ ହୋଇଗଲେ। ଅଶ୍ରୁ, କମ୍ପ, ହୃତ୍ସ୍ପନ୍ଦନ, ସ୍ୱେଦ, ରୋମାଞ୍ଚ, ନୃତ୍ୟ, କ୍ରନ୍ଦନ ଆଦି ଅଷ୍ଟ ସାତ୍ତ୍ୱିକ ବିକାରର ଲକ୍ଷଣମାନ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କ ଶରୀରରେ ପ୍ରକଟିତ ହେଲା। ଶ୍ରୀଗୋପୀନାଥ ଆଚାର୍ଯ୍ୟ ଭଗବତ୍ କୃପାରୁ ତାଙ୍କର ଶାଳକଙ୍କର ଭବ୍ୟ ପରିବର୍ତ୍ତନ ହେବାର ଦେଖି ଅତ୍ୟନ୍ତ ବିସ୍ମିତ ତଥା ଆନନ୍ଦିତ ହୋଇଉଠିଲେ।

ଶ୍ରୀମନ୍ ମହାପ୍ରଭୁଙ୍କର ସ୍ତୁତିଗାନ କରି ଶ୍ରୀ ଭଟ୍ଟାଚାର୍ଯ୍ୟ ଯେଉଁ ଏକଶହ ଶ୍ଳୋକ ରଚନା କରିଥିଲେ, ତନ୍ମଧ୍ୟରେ ଦୁଇଟି ଶ୍ଳୋକ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଥିଲା। ସେ ଦୁଇଟିର ଭାବାର୍ଥ ନିମ୍ନ ପ୍ରକାରର ଅଟେ।

(୧) ପରମପୁରୁଷ ଭଗବାନଙ୍କ ଚରଣରେ ସଂପୂର୍ଣ୍ଣରୂପେ ମୁଁ ସମର୍ପିତ ହୋଇଯାଏ, ଯେ'କି ବର୍ତ୍ତମାନ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ରୂପରେ ଅବତୀର୍ଣ୍ଣ ହୋଇଛନ୍ତି। ସେ ଦୟାର ସାଗର ଅଟନ୍ତି। ସେ ଆମ୍ଭମାନଙ୍କ ସାଂସାରିକ

ବୈରାଗ୍ୟ ଏବଂ ନିଜପ୍ରତି (ଅର୍ଥାତ୍ ଭଗବାନଙ୍କ ପ୍ରତି) କିପରି ପ୍ରେମମୟୀ ସେବା ଅର୍ପଣ କରିହେବ, ତାହା ଶିକ୍ଷା ଦେବା ନିମିତ୍ତ ସେ ଅବତୀର୍ଣ୍ଣ ହୋଇଛନ୍ତି ।

(୨) ଭଗବାନଙ୍କର ପ୍ରେମମୟୀ ସେବା ଭାବ କାଳର ବିସ୍ମୃତି ଗର୍ଭରେ ଲୀନ ହୋଇଯାଇଥିଲା ; ଭଗବାନ୍ ସେ ସେବା ଭାବର ପୁନରୁଦ୍ଧାର କରିବା ନିମିତ୍ତ ଅବତୀର୍ଣ୍ଣ ହୋଇଛନ୍ତି । ମୁଁ ତାଙ୍କର ଚରଣକମଳରେ ଦଣ୍ଡବତ୍ ପ୍ରଣାମ କରୁଅଛି ।

ମହାପ୍ରଭୁ କହିଲେ ଯେ ମୁକ୍ତ ଶବ୍ଦ ଭଗବାନଙ୍କ ତୁଲ୍ୟ ଅଟେ । ଭୌତିକ ବନ୍ଧନରୁ ମୁକ୍ତ ହେବାର ଅର୍ଥ ଭଗବାନଙ୍କ ସେବାରେ ନିଯୁକ୍ତ ହେବା ।

ଶ୍ରୀମନ୍ ମହାପ୍ରଭୁଙ୍କ ଦକ୍ଷିଣ ଭାରତ ଯାତ୍ରା

ଏହାପରେ ମହାପ୍ରଭୁ ଦକ୍ଷିଣ ଭାରତ ଅଭିମୁଖେ ଯାତ୍ରା କଲେ ଏବଂ ବାଟରେ ଯେଉଁମାନଙ୍କୁ ଭେଟିଲେ ସେ ସମସ୍ତଙ୍କୁ ଭଗବାନ୍ ଶ୍ରୀକୃଷ୍ଣଙ୍କର ଭକ୍ତ କରାଇଲେ । ଏହାପରେ ଏ ଭକ୍ତଗଣ ଆହୁରି ଅନେକ ଲୋକଙ୍କୁ ଭକ୍ତିଯୋଗ ମାର୍ଗରେ ପଥିକ କରାଇଲେ ବା ଭାଗବତ ଧର୍ମରେ ଦୀକ୍ଷିତ କରାଇଲେ । ଏହିପରିଭାବରେ ଯାତ୍ରାକରି ସେ କ୍ରମେ ଗୋଦାବରୀ ନଦୀ ତୀରରେ ପହଞ୍ଚିଲେ ଓ ସେଠାରେ ସେ ଶ୍ରୀ ରାମାନନ୍ଦ ରାୟଙ୍କୁ ଭେଟିଲେ । ଶ୍ରୀରାୟ ଓଡ଼ିଶାର ଶାସନ କର୍ତ୍ତା ମହାରାଜ ପ୍ରତାପରୁଦ୍ରଙ୍କର ପ୍ରତିନିଧିସ୍ୱରୂପ ମାନ୍ଦ୍ରାଜର ରାଜ୍ୟପାଳ ଥିଲେ । ଶ୍ରୀମନ୍ ମହାପ୍ରଭୁଙ୍କର ଶ୍ରୀ ରାମାନନ୍ଦରାୟଙ୍କ ସହ ଯେଉଁ ବାକ୍ୟାଳାପ ହୋଇଥିଲା ତାହା ଦିବ୍ୟ ଜ୍ଞାନ ପ୍ରାପ୍ତି ଦିଗରେ ଅତ୍ୟନ୍ତ ମହତ୍ତ୍ୱପୂର୍ଣ୍ଣ ଅଟେ । ଏ ବାର୍ତ୍ତାଳାପକୁ ସଂକଳନ କଲେ ଏକ କ୍ଷୁଦ୍ର ଗ୍ରନ୍ଥ ହେବ । ଏଠାରେ ଆମେ ସେ ବାର୍ତ୍ତାଳାପର ସାରାଂଶ ପ୍ରଦାନ କରୁଅଛୁ ।

ଶ୍ରୀ ରାମାନନ୍ଦ ରାୟ ଓ ଶ୍ରୀମନ୍ ମହାପ୍ରଭୁଙ୍କ ମଧ୍ୟରେ ବାର୍ତ୍ତାଳାପ

ଶ୍ରୀ ରାମାନନ୍ଦ ରାୟ ଏକ ଆତ୍ମାନୁଭୂତି ସଂପନ୍ନ ବ୍ୟକ୍ତି ଥିଲେ ; କିନ୍ତୁ ସେ ବାହାରକୁ ସାମାଜିକ ମାନଦଣ୍ଡରେ ବ୍ରାହ୍ମଣଠାରୁ ନୀଚତର ଥିବା ଭଳି ଜଣାପଡୁଥିଲେ । ସେ ସନ୍ନ୍ୟାସୀ ନଥିଲେ ଏବଂ ଏତଦ୍ ବ୍ୟତୀତ ସେ ରାଜ୍ୟ ଶାସନରେ ଏକ ଉଚ୍ଚ ପଦରେ ଅଧିଷ୍ଠିତ ହୋଇଥିଲେ । ଏସବୁ ସତ୍ତ୍ୱେ ଶ୍ରୀଚୈତନ୍ୟ ମହାପ୍ରଭୁ ତାଙ୍କୁ ଏକ ମୁକ୍ତ ଜୀବରୂପେ ସ୍ୱୀକାର କରିଥିଲେ ; କାରଣ ସେ ଦିବ୍ୟଜ୍ଞାନ ଉପଲବ୍ଧି କରିପାରିଥିଲେ । ଏହିପରିଭାବରେ ମହାପ୍ରଭୁ ଶ୍ରୀ ହରିଦାସ ଠାକୁରଙ୍କୁ ନିଜର ଭକ୍ତ ବୋଲି ସ୍ୱୀକର କରିନେଲେ, ଯଦିଓ ସେ ମୁସଲମାନ ପରିବାରରେ ଜନ୍ମ ଗ୍ରହଣ କରିଥିଲେ, ତଥାପି ସେ ଜଣେ ଜ୍ଞାନବୃଦ୍ଧ ଭକ୍ତ ଥିଲେ ଏବଂ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ଅତି ପ୍ରିୟ ଭକ୍ତ ଥିଲେ । ମହାପ୍ରଭୁଙ୍କର ଏହିପରି ବହୁତ ବଡ଼ ବଡ଼ ଭକ୍ତ ଥିଲେ' ଯେଉଁମାନେ କି ବିଭିନ୍ନ

ଗୋଷ୍ଠୀ ସମ୍ପ୍ରଦାୟ ବା ଜାତିରୁ ଆସିଥିଲେ। ମହାପ୍ରଭୁଙ୍କର ଗୋଟିଏ ମାତ୍ର କଥା ଥିଲା ବ୍ୟକ୍ତି ଭଗବାନଙ୍କର ପ୍ରେମମୟୀ ସେବାରେ ନିଯୁକ୍ତ ହୋଇଯାଉ। ସେ ବ୍ୟକ୍ତିର ବାହ୍ୟ ପୋଷାକ ବା ରୂପରଙ୍ଗର ବିଚାର କରୁନଥିଲେ। ସେ କେବଳ ଅନ୍ତସ୍ଥ ଆତ୍ମା ଓ ତାଙ୍କର କ୍ରିୟା ସହିତ ସଂପୃକ୍ତ ଥିଲେ। ତେଣୁ ମହାପ୍ରଭୁଙ୍କର, ଧର୍ମପ୍ରଚାର ସମ୍ବନ୍ଧୀୟ ସମସ୍ତ କ୍ରିୟାକଳାପ ଦିବ୍ୟ ସ୍ତରର ଥିଲା ବୋଲି ବୁଝିବାକୁ ପଡ଼ିବ। ତେଣୁ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କର ସଙ୍ଘ ବା ଭାଗବତ ଧର୍ମ ସଙ୍ଘ କୌଣସିପ୍ରକାର ସାମାଜିକ, ରାଜନୈତିକ, ଆର୍ଥିକ ଅଥବା ଜୀବନର ସେହି ସମ୍ବନ୍ଧୀୟ କୌଣସି ପ୍ରକାର ସତ୍ତା ସହିତ ସମ୍ବନ୍ଧ ରଖୁନଥିଲେ। *ଶ୍ରୀମଦ୍ ଭାଗବତମ୍* ଜୀବର ଭଗବାନଙ୍କ ପ୍ରତି ଥିବା ଦିବ୍ୟ ଆକର୍ଷଣ ହିଁ ଅଟେ।

ଯେତେବେଳେ ସେ ଗୋଦାବରୀ ନଦୀତୀରରେ ଶ୍ରୀ ରାମାନନ୍ଦ ରାୟଙ୍କୁ ଭେଟିଲେ ସେତେବେଳେ ସେ ତାଙ୍କ ସାଥିରେ *ବର୍ଣ୍ଣାଶ୍ରମ ଧର୍ମ* କଥା ଆଲୋଚନା କରିଥିଲେ। ଶ୍ରୀଳ ରାମାନନ୍ଦ ରାୟ କହିଲେ ; ବ୍ୟକ୍ତି *ବର୍ଣ୍ଣାଶ୍ରମ ଧର୍ମ* ନୀତି ପାଳନ କଲେ ଦିବ୍ୟାବସ୍ଥା ଉପଲବ୍ଧି କରିପାରିବ। ମହାପ୍ରଭୁ ମତ ଦେଲେ ଯେ, *ବର୍ଣ୍ଣାଶ୍ରମ ଧର୍ମ* ବାହ୍ୟ ଅଟେ ଏବଂ ଏତଦ୍ୱାରା ବ୍ୟକ୍ତି ଉଚ୍ଚ ଭଗବତ୍ ଅନୁଭୂତି ଲାଭ କରିପାରିବ ନାହିଁ। ଭୌତିକ ସୁଖ ଭୋଗ ପ୍ରତି ବୈରାଗ୍ୟ ଏବଂ ସେହି ଅନୁପାତରେ ଭଗବାନଙ୍କର ଦିବ୍ୟ ପ୍ରେମମୟୀ ସେବାର ଉପଲବ୍ଧି ହିଁ ଜୀବନର ପରିପୂର୍ଣ୍ଣତା ଅଟେ। ଯେଉଁ ବ୍ୟକ୍ତି ଏହି ପଥରେ ଖୁବ୍ ଅଗ୍ରସର ହେଉଛି ଭଗବାନ୍ ତାଙ୍କୁ ଚିହ୍ନୁଛନ୍ତି। ତେଣୁ ଜ୍ଞାନର ଅନ୍ତିମ ସ୍ତର ହେଉଛି ଭକ୍ତି (ଅର୍ଥାତ୍ ଭଗବାନଙ୍କର ଦିବ୍ୟ ପ୍ରେମମୟ ସେବା) ଯେତେବେଳେ ପରମପୁରୁଷ ଭଗବାନ୍ ଶ୍ରୀକୃଷ୍ଣ ପତିତ ଜୀବମାନଙ୍କର ଉଦ୍ଧାର ପାଇଁ ଏ ଜଗତରେ ଆବିର୍ଭୂତ ହୋଇଥିଲେ, ସେତେବେଳେ ସେ ଜୀବର ମୁକ୍ତି ସଂପର୍କରେ ନିମ୍ନମତେ କହିଥିଲେ। ସମସ୍ତ ଜୀବଙ୍କର ଉତ୍ପତ୍ତି ସ୍ଥଳ ଯେଉଁ ପରମେଶ୍ୱର, ସେ ଜୀବମାନଙ୍କର ନିଜ ନିଜର କର୍ତ୍ତବ୍ୟ କର୍ମଦ୍ୱାରା ଅର୍ଚ୍ଚନୀୟ ଅଟନ୍ତି। କାରଣ ଯାହାକିଛି ଆମେ ଦେଖୁଛୁ ସେସବୁ ତାଙ୍କ ଶକ୍ତିର ପ୍ରକାଶ ଅଟେ। ଏହାହିଁ ପୂର୍ଣ୍ଣତା ପ୍ରାପ୍ତିର ବାସ୍ତବ ମାର୍ଗ ଅଟେ ଏବଂ ଏହାକୁ ଅତୀତ ତଥା ବର୍ତ୍ତମାନର ସମସ୍ତ ଆଚାର୍ଯ୍ୟ ସ୍ୱୀକାର କରିଛନ୍ତି। ବର୍ଣ୍ଣାଶ୍ରମ ବ୍ୟବସ୍ଥା ନ୍ୟୁନାଧିକ ଭାବରେ ନୈତିକ ଏବଂ ସଦାଚାର ସମ୍ବନ୍ଧୀୟ ସିଦ୍ଧାନ୍ତ

ଉପରେ ଆଧାରିତ ଅଟେ। ଦିବ୍ୟ ଅନୁଭୂତି ଲାଭ ଦିଗରେ ଏହା ପ୍ରକୃଷ୍ଟ ନୁହେଁ। ଶ୍ରୀଚୈତନ୍ୟ ମହାପ୍ରଭୁ ଏହାକୁ ଅସ୍ୱୀକାର କଲେ ଏବଂ ଆଗକୁ ଆଉକିଛି ଗମ୍ଭୀର ବା ଗୁରୁତ୍ୱପୂର୍ଣ୍ଣ ବିଷୟ କହିବା ପାଇଁ ଶ୍ରୀ ରାମାନନ୍ଦ ରାୟଙ୍କୁ କହିଲେ।

ସର୍ବୋଚ୍ଚ ସ୍ଥିତି ପ୍ରାପ୍ତି ପାଇଁ ସାଧନ

ତତ୍ପରେ ଶ୍ରୀ ରାମାନନ୍ଦ ରାୟ ସକାମ କର୍ମର ଫଳ ଭଗବାନଙ୍କୁ ଅର୍ପଣ କରିବାର କଥା କହିଲେ। ଏ ସମ୍ବନ୍ଧରେ *ଭଗବଦ୍‌ଗୀତା*ରେ କୁହାଯାଇଛି, "ଯାହା ତୁମେ କରୁଛ, ଯାହା ଖାଉଛ, ଯାହା ଦାନ କରୁଛ ଏବଂ ଯାହା ତପସ୍ୟା କରୁଛ ; ସେସବୁ ମୋତେ ଅର୍ପଣ କର।" କର୍ମ ଯୋଗୀର ଭଗବାନଙ୍କୁ କର୍ମଫଳ ସମର୍ପଣ, ବର୍ଣ୍ଣାଶ୍ରମ ପ୍ରକ୍ରିୟାର ଅବ୍ୟକ୍ତ ଧାରଣାରୁ ଉଚ୍ଚତର ଅଟେ ; କିନ୍ତୁ ଏଥିରେ ଜୀବ ଏବଂ ଭଗବାନଙ୍କ ମଧ୍ୟରେ ଥିବା ସମ୍ବନ୍ଧ ସୁସ୍ପଷ୍ଟ ହେଲାନାହିଁ, ତେଣୁ ମହାପ୍ରଭୁ ଏ କଥାକୁ ଅସ୍ୱୀକାର କଲେ ଏବଂ ଶ୍ରୀ ରାମାନନ୍ଦ ରାୟଙ୍କୁ କହିଲେ, "ଆହୁରି ଆଗକୁ କୁହ।"

ଏହାପରେ ଶ୍ରୀ ରାୟ କହିଲେ ବର୍ଣ୍ଣାଶ୍ରମ ଧର୍ମ ପରିତ୍ୟାଗ କରି ଭଗବାନଙ୍କର ପ୍ରେମପୂର୍ଣ୍ଣ ସେବା ଗ୍ରହଣ କରିନେବା ଉଚିତ। ଏ କଥାକୁ ମଧ୍ୟ ମହାପ୍ରଭୁ ସ୍ୱୀକାର କଲେ ନାହିଁ। କାରଣ ହଠାତ୍ କୌଣସି ବ୍ୟକ୍ତି ତାର ବର୍ତ୍ତମାନ ସ୍ଥିତିକୁ ତ୍ୟାଗକରି ନପାରେ। ଏଥିରେ ପତନର ଆଶଙ୍କା ଅଛି। ଏଣୁ ଏ ପ୍ରକ୍ରିୟା ଅଭୀଷ୍ଟ ଲାଭ ଦିଗରେ ସହାୟକ ହୋଇନପାରେ।

ଶ୍ରୀ ରାୟ ମହାଶୟ ଆଉ ଟିକିଏ ଆଗକୁ ବଢ଼ି କହିଲେ ଭୌତିକ ଧାରଣାର ଉର୍ଦ୍ଧ୍ୱରେ ଥିବା ଅପ୍ରାକୃତ ସ୍ଥିତିପ୍ରାପ୍ତିହିଁ ଜୀବର ସର୍ବୋଚ୍ଚ ପ୍ରାପ୍ତି ଅଟେ। ମହାପ୍ରଭୁ ମଧ୍ୟ ଏକଥାକୁ ଅସ୍ୱୀକାର କରିଦେଲେ ; କାରଣ ଏ ପ୍ରକାର ଉନ୍ମୁକ୍ତ ଆତ୍ମସ୍ଥିତିର ବାହାନା କରି କେତେକ ଅନୈତିକ ବ୍ୟକ୍ତି ବହୁତ ଉପଦ୍ରବ ସୃଷ୍ଟି କରିଛନ୍ତି ; ତେଣୁ ହଠାତ୍ ଏହା ସମ୍ଭବପର ହୋଇ ନପାରେ । ତପ୍ରେ ଶ୍ରୀ ରାୟ କହିଲେ ସ୍ୱରୂପ ସ୍ଥିତିକୁ ଉପଲବ୍ଧି କରିପାରି ଥିବା କୌଣସି ମହାପୁରୁଷ ବା ମହାତ୍ମାଙ୍କ ସଙ୍ଗ ଲାଭ କରି ତାଙ୍କ ମୁଖରୁ ଶ୍ରଦ୍ଧା ସହକାରେ ଭଗବାନଙ୍କର ଦିବ୍ୟବାଣୀ ବା ଲୀଳା ଶ୍ରବଣ କରିବା ସର୍ବୋତ୍କୃଷ୍ଟ ଅଟେ। ମହାପ୍ରଭୁ ଶ୍ରୀ ରାମାନନ୍ଦ ରାୟଙ୍କର ଏ କଥାକୁ ସ୍ୱାଗତ କଲେ। ଶ୍ରୀ ବ୍ରହ୍ମାଜୀଙ୍କର ବକ୍ତବ୍ୟ ଉପରେ ଏ କଥାଟି ଆଧାରିତ। ବ୍ରହ୍ମାଜୀ କହିଲେ–"ଭଗବାନ୍ ଅଜିତ୍ ଅଟନ୍ତି", କାରଣ କେହି ତାଙ୍କୁ ଜିଣି ପାରିବେ ନାହିଁ କିମ୍ୱା କେହି ତାଙ୍କ ପାଖରେ ପହଞ୍ଚି ପାରିବେ ନାହିଁ। କିନ୍ତୁ ସେହି ଅଜିତଙ୍କୁ ଜିଣାଯାଇପାରେ। ଏଥିପାଇଁ ଗୋଟିଏ ଉପାୟ ଅଛି ; ଯାହା ଅତି ସହଜ ଓ ସରଳ ଉପାୟ ଅଟେ। ସେ ସରଳ ପନ୍ଥାଟି ହେଉଛି, ବ୍ୟକ୍ତି ନିଜକୁ ଭଗବାନ୍ ବୋଲି ଅନଧିକାରୀ ଭାବରେ ଘୋଷଣା କରିବା ଉଚିତ ନୁହେଁ। ଏହି ଅନଧିକାରପୂର୍ଣ୍ଣ ଘୋଷଣାକୁ ପରିତ୍ୟାଗ କରିବା ଉଚିତ। ବ୍ୟକ୍ତି ବିନୟୀ ହେବା ଉଚିତ ଏବଂ ଦିବ୍ୟ ଆତ୍ମାନୁଭୂତି ଲାଭ କରିଥିବା ମହାତ୍ମା ବା ମହାପୁରୁଷଙ୍କର ବାଣୀକୁ କର୍ଣ୍ଣପୁଟରେ ଶ୍ରବଣ କରି ଶାନ୍ତି ପାଇବାକୁ ଚେଷ୍ଟା କରିବା ଉଚିତ। ଦିବ୍ୟ ଆତ୍ମାନୁଭୂତି ଲାଭ କରିଥିବା ମହାତ୍ମା ବା ମହାପୁରୁଷ ସର୍ବଦା ଭାଗବତ ଧର୍ମ କଥା କହୁଥାନ୍ତି ବା ଭଗବାନ୍ ଓ ତାଙ୍କର ପ୍ରିୟଭକ୍ତ ମାନଙ୍କର ମହିମା ଓ ଗୁଣଗାନ କରୁଥାନ୍ତି। କୌଣସି ବିଶିଷ୍ଟ ବ୍ୟକ୍ତିଙ୍କର ଗୁଣଗାନ କରିବା ଜୀବମାନଙ୍କର ସ୍ୱାଭାବିକ ପ୍ରବୃତ୍ତି ଅଟେ,

କିନ୍ତୁ ଭଗବାନଙ୍କର ଗୁଣ ଗାନ କରିବାକୁ ସେମାନେ ଶିଖି ନାହାନ୍ତି । ଯଦି ଜୀବ ଆତ୍ମାନୁଭୂତି ଲାଭ କରିଥିବା ଏକ ଭଗବଦ୍ ଭକ୍ତଙ୍କର ସଙ୍ଗ ଲାଭ କରି ଭଗବାନଙ୍କର ମହିମା ବା ଗୁଣଗାନ କିପରି କରିବାକୁ ହୁଏ, ତାହା ଶିଖି ନିଏ, ତାହାହେଲେ ସେ ତା'ର ଜୀବନର ପୂର୍ଣ୍ଣତା ଲାଭ କରିପାରିବ । ଯେ ସଂପୂର୍ଣ୍ଣ ରୂପେ ଭଗବାନଙ୍କର ଚରଣାରବିନ୍ଦରେ ନିଜକୁ ସମର୍ପଣ କରିପାରିଛନ୍ତି ଏବଂ ଯାହାଙ୍କର ଭୌତିକ ସୁଖ ସମୃଦ୍ଧି ପ୍ରତି କୌଣସି ପ୍ରକାର ଆସକ୍ତି ନାହିଁ ; ସେ ଆତ୍ମାନୁଭୂତି ଲାଭ କରିଥିବା ଏକ ଭକ୍ତ ଅଟନ୍ତି ବୋଲି ଜାଣିବ । ଭୌତିକ ସୁଖ ସମୃଦ୍ଧି ଏବଂ ଇନ୍ଦ୍ରିୟ ତୃପ୍ତି ଅଜ୍ଞାନତା ଯୋଗୁଁ ହିଁ ମାନବସମାଜରେ ପରିବ୍ୟାପ୍ତ ହୋଇଛି । ଯେଉଁ ସମାଜରେ ଭଗବାନ୍ ଏବଂ ଭକ୍ତଙ୍କର ସମ୍ବନ୍ଧନାହିଁ, ସେଠାରେ ଶାନ୍ତି ଓ ମୈତ୍ରି ଭାବନା ଅସମ୍ଭବ ଅଟେ । ଅତଏବ ବ୍ୟକ୍ତି ଆଗ୍ରହ ଓ ନିଷ୍ଠା ସହକାରେ ଶୁଦ୍ଧ ଭକ୍ତମାନଙ୍କର ଅନ୍ୱେଷଣ କରିବା ଉଚିତ ଏବଂ ସେମାନଙ୍କର ସଙ୍ଗ ଲାଭ କରି ଜୀବନର ଯେ କୌଣସି ପରିସ୍ଥିତିରେ ଧୈର୍ଯ୍ୟ ଏବଂ ଶ୍ରଦ୍ଧା ପୂର୍ବକ ସେମାନଙ୍କର କଥା ଶ୍ରବଣ କରିବା ଉଚିତ । ଏହା ଏକାନ୍ତ ଆବଶ୍ୟକ ଅଟେ । ମନୁଷ୍ୟ ଜୀବନର ଉଚ୍ଚତର ବା ନୀଚତର ସ୍ଥିତି ଆତ୍ମାନୁଭୂତି ମାର୍ଗରେ ପ୍ରତି ବନ୍ଧକ ନୁହେଁ । ବ୍ୟକ୍ତି ନିୟମିତ ରୂପେ ଆତ୍ମାନୁଭୂତି ଲାଭ କରିଥିବା ମହାତ୍ମା ବା ମହାପୁରୁଷଙ୍କ ମୁଖରୁ ଭଗବାନଙ୍କ କଥା ଶ୍ରବଣ କରିବା ଉଚିତ । ଯେ ଅଦ୍ୱୟଜ୍ଞାନକୁ ଉପଲବ୍ଧ କରିଥାନ୍ତି ଏବଂ ପୂର୍ବାଚାର୍ଯ୍ୟଙ୍କର ପଦାଙ୍କ ଅନୁସରଣ କରି ବୈଦିକସାହିତ୍ୟ ଉପରେ ପ୍ରବଚନ କରୁଥା'ନ୍ତି, ସେ ଗୁରୁ ଅଟନ୍ତି । ଶ୍ରୀଚୈତନ୍ୟ ମହାପ୍ରଭୁ ଭଗବତ୍ ପ୍ରାପ୍ତିର ଏ ସୁଗମ ମାର୍ଗ ପ୍ରଦର୍ଶନ କରିଛନ୍ତି । ଏହାକୁ ସାଧାରଣତଃ *ଭାଗବତ ଧର୍ମ* ବୋଲି କୁହାଯାଏ । ଏ ସମ୍ବନ୍ଧରେ *ଶ୍ରୀମଦ୍ ଭାଗବତମ୍* ଏକ ପୂର୍ଣ୍ଣ ମାର୍ଗ ଦର୍ଶକ ଅଟେ ।

ଶ୍ରୀମନ୍ ମହାପ୍ରଭୁ ଏବଂ ଶ୍ରୀଳ ରାମାନନ୍ଦ ରାୟଙ୍କ ମଧ୍ୟରେ ଆହୁରି ଅନେକ ଅତ୍ୟନ୍ତ ଉଚ୍ଚକୋଟିର ଆଧ୍ୟାତ୍ମିକ ବାର୍ତ୍ତାଳାପ ହେଲା ; କିନ୍ତୁ କେତେକ କାରଣବଶତଃ ଆମେ ବର୍ତ୍ତମାନ ସେଗୁଡ଼ିକର ବର୍ଣ୍ଣନା ଏଠାରେ କରୁନାହୁଁ, କାରଣ ରାୟ ରାମାନନ୍ଦଙ୍କର ସେ ଉଚ୍ଚକୋଟିର ବକ୍ତବ୍ୟକୁ ଶ୍ରବଣ କରିବା ଓ ବୁଝିବା ନିମିତ୍ତ ପ୍ରଥମେ ଆପଣଙ୍କୁ ଦିବ୍ୟ ଅପ୍ରାକୃତ ସ୍ଥିତି ପ୍ରାପ୍ତହେବା ଉଚିତ ।

ଆମେ ଏ ବାର୍ତ୍ତାଳାପକୁ ବିସ୍ତାର ପୂର୍ବକ '*ଶ୍ରୀଚୈତନ୍ୟ ଶିକ୍ଷାମୃତ*' ନାମକ ଗ୍ରନ୍ଥରେ ବର୍ଣ୍ଣନା କରିଅଛୁ।

ଏ ଦିବ୍ୟ ସମ୍ମିଳନୀର ଶେଷରେ ଶ୍ରୀମନ୍ ମହାପ୍ରଭୁ ଶ୍ରୀଳ ରାମାନନ୍ଦ ରାୟଙ୍କୁ ଶାସନ କାର୍ଯ୍ୟରୁ ଅବସର ନେଇ ପୁରୀ ଯିବାକୁ କହିଲେ, କାରଣ ସେଠାରେ ସେ ଦୁହେଁ ଏକ ସାଥିରେ ରହି ଦିବ୍ୟ ସମ୍ବନ୍ଧର ଆନନ୍ଦ ଅନୁଭବ କରିବେ। କିଛିଦିନ ପରେ ଶ୍ରୀ ରାମାନନ୍ଦ ରାୟ ସରକାରୀ କାର୍ଯ୍ୟରୁ ଅବସର ନେଲେ ଏବଂ ମହାରାଜାଙ୍କଠାରୁ ପେନସନ୍ ଗ୍ରହଣ କଲେ, ତତ୍ପରେ ସେ ପୁରୀକୁ ନିଜର ନିବାସ ସ୍ଥାନକୁ ଲେଉଟି ଆସିଲେ, ଯେଉଁଠାରେ ସେ ମହାପ୍ରଭୁଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଭକ୍ତ ହୋଇ ଜୀବନ ବିତାଇଲେ। ପୁରୀରେ ଶିଖୀମାଇତୀ ନାମକ ଆଉ ଜଣେ ଭଦ୍ରଲୋକ ଥିଲେ। ସେ ମଧ୍ୟ ଶ୍ରୀ ରାମାନନ୍ଦ ରାୟ ଓ ମହାପ୍ରଭୁଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଥିଲେ। ପୁରୀରେ ଶ୍ରୀମନ୍ ମହାପ୍ରଭୁ ଏ ତିନି ଚାରିଜଣ ଅତ୍ୟନ୍ତ ବିଶ୍ୱସ୍ତ ଭକ୍ତଙ୍କ ସାଥିରେ ଅତି ଗୁପ୍ତ ଓ ଉତ୍କୃଷ୍ଟ ଆଧ୍ୟାତ୍ମିକ ବାର୍ତ୍ତାଳାପ କରୁଥିଲେ। ସେ ଦିବ୍ୟ ମହାଭାବରେ ପୁରୀରେ ଦୀର୍ଘ ୧୮ବର୍ଷ କାଳ କଟାଇଲେ। ତାଙ୍କର ବ୍ୟକ୍ତିଗତ ସଚୀବ ଶ୍ରୀ ସ୍ୱରୂପ ଦାମୋଦର ଗୋସ୍ୱାମୀ ଏସବୁ ବାର୍ତ୍ତାଳାପକୁ ଲିପିବଦ୍ଧ କରି ରଖିଥିଲେ। ମହାପ୍ରଭୁଙ୍କର ଅତ୍ୟନ୍ତ ବିଶ୍ୱସ୍ତ ଚାରି ଭକ୍ତଙ୍କ ମଧ୍ୟରେ ଶ୍ରୀ ସ୍ୱରୂପ ଦାମୋଦର ଗୋସ୍ୱାମୀ ମହାପ୍ରଭୁଙ୍କର ଅନ୍ତରଙ୍ଗ ଭକ୍ତ ଥିଲେ।

ମହାପ୍ରଭୁ ସମସ୍ତ ଦକ୍ଷିଣ ଭାରତ ଭ୍ରମଣ କଲେ। ମହାରାଷ୍ଟ୍ରର ସୁପ୍ରସିଦ୍ଧ ସନ୍ଥ ତୁକାରାମ ମଧ୍ୟ ମହାପ୍ରଭୁଙ୍କ ଦ୍ୱାରା ଦୀକ୍ଷିତ ହୋଇଥିଲେ। ଦୀକ୍ଷାପରେ ତୁକାରାମ ସମଗ୍ର ମହାରାଷ୍ଟ୍ରକୁ ସଂକୀର୍ତ୍ତନ ଆନ୍ଦୋଳନରେ ପ୍ଲାବିତ କରାଇ ଦେଇଥିଲେ ଏବଂ ବର୍ତ୍ତମାନ ସୁଦ୍ଧା ସଂକୀର୍ତ୍ତନର ସେ ଦିବ୍ୟ ପ୍ରବାହ ଭାରତର ଦକ୍ଷିଣ ପଶ୍ଚିମ ଅଂଶରେ ପ୍ରବାହିତ ହେଉଅଛି।

'*ବ୍ରହ୍ମସଂହିତା* 'ଓ '*କୃଷ୍ଣ କର୍ଣ୍ଣାମୃତ*' ନାମକ ଦୁଇଟି ଅତି ମହତ୍ତ୍ୱପୂର୍ଣ୍ଣ ପ୍ରାଚୀନ ସାହିତ୍ୟ, ମହାପ୍ରଭୁ ତାଙ୍କର ଦକ୍ଷିଣ ଭାରତ ଭ୍ରମଣକାଳ ମଧ୍ୟରେ ଉଦ୍ଧାର କରିଥିଲେ। ଯେଉଁମାନେ ଭକ୍ତିମାର୍ଗରେ ପଥିକ ସେମାନେ ଏ ଦୁଇଟି ପୁସ୍ତକ ଅବଶ୍ୟ ପାଠ କରିବା ଉଚିତ। ମହାପ୍ରଭୁ ଦକ୍ଷିଣ ଭାରତ ଭ୍ରମଣ ସମାପ୍ତ କରି ପୁରୀ ଚାଲି ଆସିଲେ।

ପୁରୀକୁ ଶ୍ରୀମନ୍ ମହାପ୍ରଭୁଙ୍କର ପ୍ରତ୍ୟାବର୍ତ୍ତନ

ମହାପ୍ରଭୁ ପୁରୀ ପ୍ରତ୍ୟାବର୍ତ୍ତନ କରିବାରୁ ତାଙ୍କ ବିରହରେ ଦୁଃଖିତ ହୋଇଥିବା ଭକ୍ତଗଣ ନବ-ଜୀବନ ଲାଭ କଲେ ଏବଂ ମହାପ୍ରଭୁ ତାଙ୍କର ମହାଭାବପୂର୍ଣ୍ଣ ଦିବ୍ୟ ଲୀଳା ପ୍ରଦର୍ଶନ କରି ସେଠାରେ ରହିବାକୁ ଲାଗିଲେ। ସେ ସମୟର ବିଶିଷ୍ଟ ଘଟଣା ହେଉଛି ରାଜା ପ୍ରତାପରୁଦ୍ରଙ୍କୁ ଦର୍ଶନ ଦେବା। ରାଜା ପ୍ରତାପରୁଦ୍ର ଭଗବାନଙ୍କର ଏକ ମହାନ୍ ଭକ୍ତ ଥିଲେ। ସେ ମଧ୍ୟ ନିଜକୁ ଭଗବାନଙ୍କର ଏକ ସେବକ ବୋଲି ମାନୁଥିଲେ ଏବଂ ସେ ଭାବୁଥିଲେ ଯେ, ଭଗବାନ୍ କୃପାପୂର୍ବକ ତାଙ୍କୁ ମନ୍ଦିର ମାର୍ଜନ କାର୍ଯ୍ୟରେ ନିଯୁକ୍ତ କରିଛନ୍ତି। ରାଜାଙ୍କର ଏ ବିନୟଭାବ ଦେଖି



ମହାପ୍ରଭୁ ଖୁବ୍ ଖୁସି ହୋଇଥିଲେ। କିପରି ମହାପ୍ରଭୁଙ୍କ ସହିତ ତାଙ୍କର ଭେଟ ହେବ ଏଥିପାଇଁ ବ୍ୟବସ୍ଥା କରିବା ନିମିତ୍ତ ସେ (ରାଜା) ଶ୍ରୀ ଭଟ୍ଟାଚାର୍ଯ୍ୟ ଓ ଶ୍ରୀରାୟଙ୍କୁ ଅନୁରୋଧ କରିଥିଲେ। ଏ ଦୁଇଜଣ ଭକ୍ତ ରାଜା ପ୍ରତାପରୁଦ୍ରଙ୍କୁ ଦର୍ଶନ ଦେବା ନିମିତ୍ତ ଶ୍ରୀମନ୍ ମହାପ୍ରଭୁଙ୍କୁ ନିବେଦନ କଲେ; କିନ୍ତୁ ସେ ସିଧା ସେମାନଙ୍କ ପ୍ରାର୍ଥନା ଅସ୍ୱୀକାର କରିଦେଲେ। ଯଦିଓ ମହାପ୍ରଭୁଙ୍କର ଅତିପ୍ରିୟ ପାଖଲୋକ ଶ୍ରୀ ରାମାନନ୍ଦ ରାୟ ଓ ଶ୍ରୀସାର୍ବଭୌମ ଭଟ୍ଟାଚାର୍ଯ୍ୟ ଏ ପ୍ରକାର ପ୍ରାର୍ଥନା କରିଥିଲେ, ତଥାପି ମହାପ୍ରଭୁ ସିଧାସଳଖ ତାହା ଅସ୍ୱୀକାର କରିଦେଲେ। ମହାପ୍ରଭୁ କହିଲେ, ଏକ ସନ୍ନ୍ୟାସୀ ପକ୍ଷରେ ବିଷୟୀ-ପୁରୁଷ ଓ ନାରୀର ସଂସର୍ଗ ଭୟାନକ ଅଟେ। ମହାପ୍ରଭୁ ଏକ ଆଦର୍ଶ ସନ୍ନ୍ୟାସୀ ଥିଲେ। ଏପରିକି କୌଣସି ନାରୀ ତାଙ୍କୁ ପ୍ରଣାମ ଜଣାଇବା ପାଇଁ ତାଙ୍କ ପାଖରେ ପହଞ୍ଚି ପାରୁନଥିଲା। ନାରୀମାନଙ୍କର ଆସନ ମହାପ୍ରଭୁଙ୍କଠାରୁ ବହୁତ ଦୂରରେ ରଖାଯାଉଥିଲା। ଏକ ଆଦର୍ଶ ଗୁରୁ ଏବଂ ଆଚାର୍ଯ୍ୟଙ୍କ ସଦୃଶ ସେ ଏକ ସନ୍ନ୍ୟାସୀର ଦୈନନ୍ଦିନ

ନିୟମ ପାଳନରେ ବଡ଼ କଠୋର ଥିଲେ। ଭଗବାନଙ୍କର ଅବତାର ହେଲେ ସୁଦ୍ଧା ମହାପ୍ରଭୁ ଏକ ମହାମାନବ ସଦୃଶ ଆଦର୍ଶ ଚରିତ୍ର ସଂପନ୍ନ ଥିଲେ। ସେ ଅନ୍ୟମାନଙ୍କ ପ୍ରତି ଯେଉଁଭଳି ବ୍ୟବହାର କରୁଥିଲେ ତାହା ସନ୍ଦେହ ମୁକ୍ତ ଥିଲା। ଏକ ଆଚାର୍ଯ୍ୟଙ୍କ ସଦୃଶ ତାଙ୍କର ବ୍ୟବହାର ବ୍ରଜ ଭଳି କଠିନ ତଥା କୁସୁମ ଭଳି କୋମଳ ଥିଲା। ଥରେ ଛୋଟ ହରିଦାସ ନାମକ ତାଙ୍କର ଜଣେ ସହାୟକ ଏକ ଯୁବତୀ ଉପରେ କାମ-ବାସନା ଯୁକ୍ତ ଦୃଷ୍ଟି ନିକ୍ଷେପକରି ଏକ ବଡ଼ ଅପରାଧ କରି ପକାଇଲେ ଏବଂ ମହାପ୍ରଭୁ ଅନ୍ତର୍ଯ୍ୟାମୀ ହୋଇଥିବାରୁ ଦିବ୍ୟ ଦୃଷ୍ଟିରେ ଏହା ଜାଣିପାରିଲେ। ସେ ସାଙ୍ଗେ ସାଙ୍ଗେ ଛୋଟ ହରିଦାସଙ୍କୁ ବୟକଟ୍ କଲେ ଏବଂ ପୁଣି କେବେ ହେଲେ ତାଙ୍କୁ ସ୍ୱୀକାର କଲେ ନାହିଁ। ଯଦିଓ ମହାପ୍ରଭୁଙ୍କର କେତେକ ଅତି ପାଖ ଲୋକ ଛୋଟ ହରିଦାସଙ୍କୁ କ୍ଷମା କରିବାକୁ ଅନୁରୋଧ କରିଥିଲେ, ତଥାପି ମହାପ୍ରଭୁ ତାହା ଗ୍ରହଣ କଲେ ନାହିଁ। ତତ୍ପରେ ଏହି କାରଣ ଯୋଗୁଁ ଛୋଟ ହରିଦାସ ଆତ୍ମହତ୍ୟା କଲେ। ତାଙ୍କର ଏ ଆତ୍ମହତ୍ୟା କାହାଣୀ ମଧ୍ୟ ମହାପ୍ରଭୁଙ୍କୁ ଜଣାଇ ଦିଆଗଲା। ସେ ସମୟରେ ମଧ୍ୟ ମହାପ୍ରଭୁ ତାଙ୍କର ଅପରାଧକୁ ଭୁଲି ପାରିନଥିଲେ। ସେ କହିଲେ ଯେ, ଛୋଟ ହରିଦାସ ନିଜର ଅପରାଧ ନିମିତ୍ତ ଉଚିତ ଦଣ୍ଡ ଭୋଗ କରିଛି।

ସନ୍ନ୍ୟାସୀ ଜୀବନର ସିଦ୍ଧାନ୍ତ ଏବଂ ଅନୁଶାସନ ଉପରେ ମହାପ୍ରଭୁ କୌଣସି ପ୍ରକାର ସନ୍ଧି କରିବାକୁ ଚାହୁଁନଥିଲେ। ଏଇଥିପାଇଁ, ରାଜା ପ୍ରତାପରୁଦ୍ର ବଡ଼ ଭକ୍ତ ହୋଇଥିଲେ ସୁଦ୍ଧା ତାଙ୍କୁ ଦର୍ଶନ ଦେବାକୁ ଅସ୍ୱୀକାର କରିଦେଲେ ; କାରଣ ରାଜା ଅନ୍ତତଃ କାମିନୀ କାଞ୍ଚନ ସହିତ ସମନ୍ଧିତ ଅଟନ୍ତି। ଏହି ଉଦାହରଣ ଦ୍ୱାରା ମହାପ୍ରଭୁ ଏକ ଆଧ୍ୟାତ୍ମବାଦୀ ପକ୍ଷରେ କିପରି ବ୍ୟବହାର କରିବାକୁ ହେବ, ତାହା ନିଶ୍ଚୟ କରିଦେଲେ। ଆଧ୍ୟାତ୍ମବାଦୀର କାମିନୀ, କାଞ୍ଚନ ସହିତ କୌଣସି ସଂପର୍କ ନାହିଁ। ସେ ଏମାନଙ୍କ ସଂପର୍କରୁ ବଞ୍ଚିତ ହେବା ଉଚିତ। କୌଣସି ପ୍ରକାରେ କୁଶଳ ଭକ୍ତମାନଙ୍କର ଅନୁଗ୍ରହ ରାଜାଙ୍କୁ ମିଳିଲା। ଏହାର ଅର୍ଥ ହେଉଛି ମହାପ୍ରଭୁଙ୍କର ଭକ୍ତଗଣ ନବାଗତ ଶିଷ୍ୟପ୍ରତି ମହାପ୍ରଭୁଙ୍କ ଅପେକ୍ଷା ଅଧିକ ଅନୁଗ୍ରହ ପ୍ରକାଶ କରନ୍ତି। ଏହି କାରଣରୁ ଏକ ଶୁଦ୍ଧ ଭକ୍ତ ଅନ୍ୟ ଶୁଦ୍ଧ ଭକ୍ତର ପାଦପଦ୍ମରେ କୌଣସି ଅପରାଧ କରେନାହିଁ। ଭଗବାନଙ୍କ ପାଦପଦ୍ମରେ



ଅପରାଧ କଲେ କେବେ କେବେ ଦୟାମୟ ଭଗବାନ୍ କ୍ଷମା କରିଦିଅନ୍ତି, କିନ୍ତୁ ଭକ୍ତ ପାଦରେ ଅପରାଧ ଅକ୍ଷମଣୀୟ ଅଟେ। ଯେ ଭକ୍ତିଯୋଗ ମାର୍ଗରେ ଉନ୍ନତି କରିବାକୁ ଚାହେଁ, ସେ ଭକ୍ତ ପାଦରେ ଅପରାଧ ଅର୍ଜନ କରିବା ଆଦୌ ଉଚିତ ନୁହେଁ। ଭକ୍ତିଯୋଗ ମାର୍ଗରେ ଏହା ଅତ୍ୟନ୍ତ ଭୟଙ୍କର ଅଟେ।

ମହାପ୍ରଭୁ ଯେତେବେଳେ ପୁରୀରେ ରହୁଥିଲେ, ସେତେବେଳେ ତାଙ୍କର ହଜାର ହଜାର ଭକ୍ତ ରଥଯାତ୍ରା ସମୟରେ ତାଙ୍କର ଦର୍ଶନାର୍ଥେ ପୁରୀକୁ ଆସୁଥିଲେ। ସେହି ଅବସରରେ ମହାପ୍ରଭୁଙ୍କର ନିର୍ଦ୍ଦେଶ କ୍ରମେ ଗୁଣ୍ଡିଚା-ମାର୍ଜନ କାର୍ଯ୍ୟକ୍ରମ ଏକ ଅତି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଥିଲା। ପୁରୀରେ ମହାପ୍ରଭୁ ଯେଉଁ ସାମୂହିକ ସଂକୀର୍ତ୍ତନ କରୁଥିଲେ, ତାହା ଜନ ସାଧାରଣଙ୍କ ପକ୍ଷରେ ଏକ ଦର୍ଶନୀୟ ବସ୍ତୁ ଥିଲା। ଏହି ପନ୍ଥାରେ ମହାପ୍ରଭୁ ସାଧାରଣ ଲୋକଙ୍କର ମନକୁ ଭଗବାନଙ୍କ ଆଡ଼କୁ ଆକୃଷ୍ଟ କରାଉଥିଲେ। ଶ୍ରୀମନ୍ ମହାପ୍ରଭୁ ଏହିପରିଭାବରେ ସାମୂହିକ ସଂକୀର୍ତ୍ତନ ପଦ୍ଧତି ଉଦ୍‌ଘାଟନ କରିଥିଲେ। ସମସ୍ତ ଦେଶର ନେତୃବୃନ୍ଦ ମହାପ୍ରଭୁଙ୍କର ଏହି ସଂକୀର୍ତ୍ତନ ଆନ୍ଦୋଳନର ସୁଯୋଗ ନେବା ଉଚିତ। ଏତଦ୍ୱାରା ସେମାନେ ମାନବ ସମାଜରେ ପରସ୍ପର ପବିତ୍ର ଶାନ୍ତି ଓ ମୈତ୍ରୀଭାବ ସ୍ଥାପନ କରିପାରିବେ। ଏହା ସମଗ୍ର ବିଶ୍ୱରେ ଆଜି ମାନବ ସମାଜର ଏକମାତ୍ର ମାର୍ଗ ଅଟେ।

ଶ୍ରୀମନ୍ ମହାପ୍ରଭୁଙ୍କର ବୃନ୍ଦାବନ ପରିଦର୍ଶନ

କିଛି କାଳ ପରେ ମହାପ୍ରଭୁ ପୁଣି ଉତ୍ତର ଭାରତ ଯାତ୍ରା କଲେ। ସେ ବୃନ୍ଦାବନ ତଥା ତାହା ପାଖରେ ଥିବା ତୀର୍ଥସ୍ଥାନମାନ ଦର୍ଶନ କରିବାକୁ ସ୍ଥିର କଲେ। ସେ ଝାରୀଖଣ୍ଡ (ମଧ୍ୟଭାରତ) ର ଜଙ୍ଗଲ ମଧ୍ୟ ଦେଇ ଯାତ୍ରା କରୁଥିଲେ। ସେତେବେଳେ ସେ ଜଙ୍ଗଲର ସମସ୍ତ ପ୍ରାଣୀ ତାଙ୍କର ସଂକୀର୍ତ୍ତନରେ ଯୋଗ ଦେଇଥିଲେ। ସେ ଜଙ୍ଗଲର ବାଘ, ହାତୀ, ଭାଲୁ ଏବଂ ମୃଗ ଆଦି ପ୍ରାଣୀଗଣ ମହାପ୍ରଭୁଙ୍କ ସଂକୀର୍ତ୍ତନରେ ଯୋଗ ଦେଲେ। ମହାପ୍ରଭୁ ସେମାନଙ୍କୁ ନାମ ସଂକୀର୍ତ୍ତନରେ ଲଗାଇ ଦେଲେ। ଏତଦ୍ଦ୍ୱାରା ସେ ପ୍ରମାଣ କରାଇ ଦେଲେ ଯେ ସଂକୀର୍ତ୍ତନ ଆନ୍ଦୋଳନର ପ୍ରଚାର ଦ୍ୱାରା ଜଙ୍ଗଲର ପଶୁମାନେ ମଧ୍ୟ ଆନନ୍ଦ ଓ ଶାନ୍ତିରେ ବାସ କରିପାରନ୍ତି। ଏଥିରେ ମନୁଷ୍ୟମାନଙ୍କ କଥା କ'ଣ ବା କହିବା, ସେମାନେ ତ ସଭ୍ୟ ସଂସ୍କୃତ ଅଟନ୍ତି। ତେଣୁ ପୃଥିବୀର କୌଣସି ବ୍ୟକ୍ତି ଏ ସଂକୀର୍ତ୍ତନ ଆନ୍ଦୋଳନରେ ଯୋଗ ଦେବାପାଇଁ କୁଣ୍ଠାବୋଧ କରିବ ନାହିଁ। ମହାପ୍ରଭୁଙ୍କର ଏହି ସଂକୀର୍ତ୍ତନ ଆନ୍ଦୋଳନ କୌଣସି ଜାତି, ଧର୍ମ, ରଙ୍ଗ ବା ପ୍ରାଣୀ ବା ଗୋଷ୍ଠୀ ମଧ୍ୟରେ ସୀମିତ ନୁହେଁ। ଏଠାରେ ତାଙ୍କର ମହାନ୍ ଆନ୍ଦୋଳନର ମହା ସନ୍ଦେଶର ପ୍ରତ୍ୟକ୍ଷ ପ୍ରମାଣ ମିଳୁଛି। ସେ ବଣ୍ୟ ପଶୁମାନଙ୍କୁ ମଧ୍ୟ ତାଙ୍କର ମହାନ୍ ଆନ୍ଦୋଳନ (ଅର୍ଥାତ୍ ସଂକୀର୍ତ୍ତନ ଆନ୍ଦୋଳନ)ରେ ସମ୍ମିଳିତ କରାଇଲେ।

ବୃନ୍ଦାବନରୁ ଫେରିଲାବେଳେ ସେ ପ୍ରୟାଗ ଆସିଲେ। ସେଠାରେ ଶ୍ରୀରୂପ ଗୋସ୍ୱାମୀ ତାଙ୍କର ସାନ ଭାଇ ଅନୁପମଙ୍କ ସହ ମହାପ୍ରଭୁଙ୍କୁ ଭେଟିଲେ। ତତ୍ପରେ ସେ ବନାରସ ଆସିଲେ। ଏଠାରେ ସେ ଦୁଇମାସ ଧରି ଶ୍ରୀ ସନାତନ ଗୋସ୍ୱାମୀଙ୍କୁ ଆତ୍ମବିଜ୍ଞାନ ଶିକ୍ଷା ଦେଲେ। ଏ ସନାତନ ଶିକ୍ଷା ଏକ ଦୀର୍ଘ ବିଷୟ ଅଟେ। ତାହାର ପୂର୍ଣ୍ଣ ବର୍ଣ୍ଣନା ଏଠାରେ ଦେବା ଅସମ୍ଭବ ଅଟେ। କେତେକ ପ୍ରଧାନ ପ୍ରଧାନ କଥା ନିମ୍ନରେ କୁହାଗଲା।

ଶ୍ରୀମନ୍ ମହାପ୍ରଭୁଙ୍କର ବନାରସ ପରିଦର୍ଶନ

ସନାତନ ଗୋସ୍ୱାମୀ (ପୂର୍ବନାମ ଦବୀର ଖାସ୍) ବଙ୍ଗ ଦେଶ ସରକାରଙ୍କ ଅଧୀନରେ ନବାବ୍ ହୁସେନ ଶାହାଙ୍କର ଅନ୍ତରଙ୍ଗ ସଭା ମନ୍ତ୍ରୀ ଥିଲେ। ସେ ମହାପ୍ରଭୁଙ୍କର ସତ୍ ସଙ୍ଗ ଲାଭ ନିମିତ୍ତ ଠିକ୍ କରି ମନ୍ତ୍ରୀପଦ ତ୍ୟାଗ କରିଦେଲେ। ମହାପ୍ରଭୁ ବୃନ୍ଦାବନରୁ ଫେରିବା ବାଟରେ ଯେତେବେଳେ ବାରାଣସୀରେ ପହଁଞ୍ଚିଲେ, ସେତେବେଳେ ସେ ତପନ ମିଶ୍ର ଏବଂ ଚନ୍ଦ୍ରଶେଖରଙ୍କର ଅତିଥି ହେଲେ। ସେତେବେଳେ ଏକ ମହାରାଷ୍ଟ୍ରୀୟ ବ୍ରାହ୍ମଣ ତାଙ୍କର ସେବକ ଥିଲେ। ସେ ସମୟରେ ସମଗ୍ର ବାରାଣସୀ ନଗରୀରେ ଶ୍ରୀପାଦ ପ୍ରକାଶାନନ୍ଦ ସରସ୍ୱତୀ ନାମକ ମାୟାବାଦୀ ସଂପ୍ରଦାୟର ଏକ ସନ୍ନ୍ୟାସୀଙ୍କର ପ୍ରଭାବ ଖୁବ୍ ବେଶି ଥିଲା। ମହାପ୍ରଭୁଙ୍କର ବାରାଣସୀ ରହଣୀକାଳ ମଧ୍ୟରେ ତାଙ୍କର ସାମୂହିକ ସଂକୀର୍ତ୍ତନ ଦେଖି ସାଧାରଣଲୋକ ବହୁତ ସଂଖ୍ୟାରେ ତାଙ୍କପ୍ରତି ଆକୃଷ୍ଟ ହୋଇଥିଲେ। ସେ ଯେତେବେଳେ ବିଶ୍ୱନାଥ ମନ୍ଦିରକୁ ଦର୍ଶନ କରିବାକୁ ଯାଉଥିଲେ, ସେତେବେଳେ ସହସ୍ର ସହସ୍ର ଯାତ୍ରୀ ତାଙ୍କର ଅନୁଗମନ କରୁଥିଲେ। କେତେକ ତାଙ୍କର ଶାରୀରିକ ସୌନ୍ଦର୍ଯ୍ୟ ପ୍ରତି ଆକୃଷ୍ଟହୋଇ ଓ ଆଉ କେତେକ ତାଙ୍କର ସୁନ୍ଦର ସୁମଧୁର ସଂକୀର୍ତ୍ତନ ପ୍ରତି ଆକୃଷ୍ଟ ହୋଇତାଙ୍କର ଅନୁଗମନ କରୁଥିଲେ।

ମାୟାବାଦୀ ସନ୍ନ୍ୟାସୀମାନେ ନିଜକୁ ନାରାୟଣ ବୋଲି କହୁଥିଲେ। ବର୍ତ୍ତମାନ ସୁଦ୍ଧା ବାରାଣସୀରେ ଅନେକ ମାୟାବାଦୀ ସନ୍ନ୍ୟାସୀ ଅଛନ୍ତି। ଯେଉଁମାନେ ମହାପ୍ରଭୁଙ୍କୁ ସଂକୀର୍ତ୍ତନ କରୁଥିବାବେଳେ ଦେଖୁଥିଲେ ସେମାନଙ୍କ

ମଧ୍ୟରୁ କେତେ ଭାବୁଥିଲେ ଯେ, ସେ ପ୍ରକୃତରେ ନାରାୟଣ ଅଟନ୍ତି ଏବଂ ଏହି ଘଟଣା ମହାନ୍ ସନ୍ନ୍ୟାସୀ ପ୍ରକାଶାନନ୍ଦଙ୍କ ପାଖରେ ପହଞ୍ଚିଲା ।

ଭାରତବର୍ଷରେ ସର୍ବଦା ମାୟାବାଦ ଏବଂ ଭାଗବତ ବିଚାରଧାରା ମଧ୍ୟରେ ଏକ ଆଧ୍ୟାତ୍ମିକ କଳହ ରହିଛି । ଯେତେବେଳେ ଏ ସମ୍ବାଦ ପ୍ରକାଶାନନ୍ଦଙ୍କ ପାଖରେ ପହଞ୍ଚିଲା, ସେତେବେଳେ ସେ ଜାଣିପାରିଲେ ଯେ ମହାପ୍ରଭୁ କୌଣସି ଏକ ବୈଷ୍ଣବ ସନ୍ନ୍ୟାସୀ ହୋଇଥିବେ । ଏଇଥିପାଇଁ ସମ୍ବାଦବାହକମାନଙ୍କ ସମକ୍ଷରେ ସେ ମହାପ୍ରଭୁଙ୍କୁ ସମାଲୋଚନା କରି

ତାଙ୍କର ମହତ୍ତ୍ୱକୁ କମାଇବାକୁ ବସିଲେ। ସେ ମହାପ୍ରଭୁଙ୍କର କାର୍ଯ୍ୟକଳାପର ସମାଲୋଚନା କଲେ ; କାରଣ ମହାପ୍ରଭୁ ଯେଉଁ ସଂକୀର୍ତ୍ତନ ଆନ୍ଦୋଳନର ପ୍ରଚାର କରୁଥିଲେ, ତାହା ତାଙ୍କ ଦୃଷ୍ଟିରେ (ପ୍ରକାଶାନନ୍ଦଙ୍କ ଦୃଷ୍ଟିରେ) କେବଳ ଏକ ଛଳନାମୟ ଆବେଶ ମାତ୍ର ଥିଲା, ପ୍ରକାଶାନନ୍ଦ ବେଦାନ୍ତର ଏକ ନିଷ୍ଠାବାନ୍ ପଣ୍ଡିତ ଥିଲେ ; ସେଇଥିପାଇଁ ସେ ତାଙ୍କର ଅନୁଗାମୀମାନଙ୍କୁ କହିଲେ, "ବେଦାନ୍ତ ପ୍ରତି ଧ୍ୟାନ ଦିଅ, ସଂକୀର୍ତ୍ତନରେ ମାତ ନାହିଁ।"

ଏକ ଭକ୍ତ ବ୍ରାହ୍ମଣ ମହାପ୍ରଭୁଙ୍କର ଶିଷ୍ୟ ହୋଇଥିଲେ, ତାଙ୍କୁ ପ୍ରକାଶାନନ୍ଦଙ୍କର ସମାଲୋଚନା ଭଲ ଲାଗିଲା ନାହିଁ। ସେ ମହାପ୍ରଭୁଙ୍କ ପାଖକୁ ଯାଇ ନିଜର ମନୋବେଦନା ଜଣାଇଲେ। ସେ ମହାପ୍ରଭୁଙ୍କୁ କହିଲେ ଯେ, ଯେତେବେଳେ ସେ ପ୍ରକାଶାନନ୍ଦ ସରସ୍ୱତୀଙ୍କ ସମକ୍ଷରେ ମହାପ୍ରଭୁଙ୍କର ନାମୋଚ୍ଚାରଣ କଲେ, ସେତେବେଳେ ସେ ତାଙ୍କର ଖୁବ୍ ସମାଲୋଚନା କଲେ। ଯଦିଓ ସେ ଅନେକବାର ଶ୍ରୀଚୈତନ୍ୟ ନାମ ଉଚ୍ଚାରଣ କରିଛନ୍ତି ତଥାପି କେବଳ ସେ ଖୁବ୍ ସମାଲୋଚନା କରିଛନ୍ତି। ବ୍ରାହ୍ମଣ ଏହାଦେଖି ଖୁବ୍ ଆଶ୍ଚର୍ଯ୍ୟ ହେଲେ ଯେ ପ୍ରକାଶାନନ୍ଦ ସରସ୍ୱତୀ ବହୁବାର ଶ୍ରୀଚୈତନ୍ୟ ନାମ ଉଚ୍ଚାରଣ କଲେ ସୁଦ୍ଧା ଏକବାର କୃଷ୍ଣନାମ ଉଚ୍ଚାରଣ କରିପାରିଲେ ନାହିଁ।

ମହାପ୍ରଭୁ ହସି ହସି ସେ ବ୍ରାହ୍ମଣ ଭକ୍ତଙ୍କୁ ବୁଝାଇଦେଲେ ମାୟାବାଦୀ କାହିଁକି କୃଷ୍ଣନାମ ଉଚ୍ଚାରଣ କରି ନପାରେ। ଯଦିଓ ମାୟାବାଦୀମାନେ ବ୍ରହ୍ମ, ଆତ୍ମା ଓ ଚୈତନ୍ୟ ଆଦି ନାମ ଉଚ୍ଚାରଣ କରନ୍ତି, ତଥାପି ସେମାନେ କୃଷ୍ଣନାମ ଉଚ୍ଚାରଣ କରିପାରନ୍ତି ନାହିଁ। କାରଣ ସେମାନେ କୃଷ୍ଣଙ୍କ ପାଦପଦ୍ମରେ ଅପରାଧୀ ଅଟନ୍ତି। ଏଇଥିପାଇଁ ସେମାନେ କୃଷ୍ଣନାମ ଉଚ୍ଚାରଣ କରିପାରନ୍ତି ନାହିଁ। ଶ୍ରୀକୃଷ୍ଣ ନାମ ଏବଂ ଭଗବାନ୍ ଶ୍ରୀକୃଷ୍ଣ ଏକ ଅଟନ୍ତି। ଅଦ୍ୱୟ ସତ୍ୟରେ ନାମ ଓ ରୂପ ଆଦିରେ କୌଣସି ଭେଦ ନାହିଁ ; କାରଣ ଅଦ୍ୱୟଲୋକରେ ସମସ୍ତ ପଦାର୍ଥ ସଚ୍ଚିଦାନନ୍ଦମୟ ଅଟନ୍ତି। ଭଗବାନ୍ ଶ୍ରୀକୃଷ୍ଣଙ୍କର ଶରୀର ଓ ଆତ୍ମା ମଧ୍ୟରେ କୌଣସି ଭେଦ ନାହିଁ। ଏହିପରିଭାବରେ ସେ ସେ ସାଧାରଣ ଜୀବଙ୍କଠାରୁ ଭିନ୍ନ ଅଟନ୍ତି ; କାରଣ ସାଧାରଣ ଜୀବର ଦେହ ଓ ଆତ୍ମା ମଧ୍ୟରେ ଭେଦ ଅଛି। ଭଗବାନ୍ ଶ୍ରୀକୃଷ୍ଣ ଦିବ୍ୟସ୍ତରର ହୋଇଥିବା ଯୋଗୁଁ,

ସାଧାରଣଲୋକ ତାଙ୍କର ରୁପ, ନାମ, ଯଶ ଓ ଗୁଣ ଓ ଆଦିର ରହସ୍ୟ ବୁଝିବା କଠିନ। ତାଙ୍କର ନାମ, ରୂପ, ଯଶ ଓ ଗୁଣ ଓ ଲୀଳା ଆଦି ଏକ ଏବଂ ଅଭିନ୍ନ ଅଟନ୍ତି। ସେଗୁଡ଼ିକ ସବୁ ଏକ ଅଦ୍ୱୟ ସତ୍ୟ ଅଟନ୍ତି ଏବଂ ପ୍ରାକୃତ ଇନ୍ଦ୍ରିୟମାନଙ୍କ ସାହାର୍ଯ୍ୟରେ ସେଗୁଡ଼ିକ ବୁଝାଯାଇ ପାରନ୍ତି ନାହିଁ।

''ଭଗବାନଙ୍କ ଲୀଳାରେ ସମ୍ବନ୍ଧ ଯୋଡ଼ିଲେ ଯେଉଁ ଆନନ୍ଦ ମିଳେ, ତାହା ବ୍ରହ୍ମାନୁଭୂତିରୁ ମିଳୁଥିବା ଆନନ୍ଦ ଅପେକ୍ଷା କିମ୍ବା ଭଗବାନଙ୍କ ସହିତ ଏକ ହୋଇଯିବାରୁ ଯେଉଁ ଆନନ୍ଦ, ତଦାପେକ୍ଷା ଅଧିକ ଆନନ୍ଦପ୍ରଦ ଅଟେ। ତାହା ନ ହୋଇଥିଲେ ଯେଉଁମାନେ ବ୍ରହ୍ମସ୍ତର ଲାଭ କରିସାରିଛନ୍ତି, ସେମାନେ କେବେହେଲେ ଭଗବାନଙ୍କର ଦିବ୍ୟ ଲୀଳାର ଆନନ୍ଦ ପ୍ରତି ଆକୃଷ୍ଟ ହୁଅନ୍ତେ ନାହିଁ।''

ପ୍ରକାଶାନନ୍ଦ ସରସ୍ୱତୀଙ୍କ ସହିତ ସାକ୍ଷାତ୍

ଏହାପରେ ମହାପ୍ରଭୁଙ୍କର ଭକ୍ତମାନେ ଏକ ବଡ଼ ସଭାର ଆୟୋଜନ କଲେ। ସେ ସଭାକୁ ସମସ୍ତ ସନ୍ୟାସୀଙ୍କୁ ଡକାଗଲା। ମହାପ୍ରଭୁ ଏବଂ ଶ୍ରୀପ୍ରକାଶାନନ୍ଦ ସରସ୍ୱତୀ ମଧ୍ୟ ନିମନ୍ତ୍ରିତ ହେଲେ। ଏହି ସମୟରେ ଶ୍ରୀମନ୍ ମହାପ୍ରଭୁ ଓ ପ୍ରକାଶାନନ୍ଦ ସରସ୍ୱତୀ ଏହି ଦୁଇ ଆଚାର୍ଯ୍ୟଙ୍କ ମଧ୍ୟରେ ସଂକୀର୍ତ୍ତନ ଆନ୍ଦୋଳନର ଆଧ୍ୟାତ୍ମିକ ମୂଲ୍ୟ ଉପରେ ଖୁବ୍ ଦୀର୍ଘ ଆଲୋଚନା ହେଲା। ସେ ଆଲୋଚନାର ସାରାଂଶ ନିମ୍ନରେ ଦିଆଗଲା।

ସେ ମହାନ୍ ମାୟାବାଦୀ ସନ୍ୟାସୀ ପ୍ରକାଶାନନ୍ଦ ମହାପ୍ରଭୁଙ୍କୁ ପଚାରିଲେ, ସେ ବେଦାନ୍ତସୂତ୍ର ଅଧ୍ୟୟନ ନକରି କାହିଁକି ସଂକୀର୍ତ୍ତନ ଆନ୍ଦୋଳନରେ ମାତୁଛନ୍ତି। ସେ କହିଲେ ଯେ, ସନ୍ୟାସୀର କର୍ତ୍ତବ୍ୟ ହେଉଛି

ବେଦାନ୍ତ ପାଠ କରିବା। ସେ ପଚାରିଲେ, "କେଉଁ କାରଣ ଯୋଗୁଁ ଆପଣ ସଂକୀର୍ତ୍ତନରେ ମାତିଛନ୍ତି ?"

ଏହାପରେ ମହାପ୍ରଭୁ ବିନୟ ସହକାରେ ଉତ୍ତର ଦେଲେ, "ମୁଁ ବେଦାନ୍ତ ଅଧ୍ୟୟନ ନକରି ଏ ସଂକୀର୍ତ୍ତନ ଆନ୍ଦୋଳନକୁ ଏଇଥିପାଇଁ ଗ୍ରହଣ କଲି ଯେହେତୁ ମୁଁ ଏକ ବଡ଼ ମୂର୍ଖ ଅଟେ।" ଏହିପରିଭାବରେ ମହାପ୍ରଭୁ ନିଜକୁ ଏ ଯୁଗରେ ବେଦାନ୍ତଦର୍ଶନ ଅଧ୍ୟୟନ କରିବାକୁ ଅସମର୍ଥ ହୋଇଥିବା ଅନେକ ମୂର୍ଖଙ୍କ ମଧ୍ୟରେ ଜଣେ ବୋଲି ପ୍ରତିପାଦନ କଲେ। ମୂର୍ଖମାନେ ବେଦାନ୍ତ ଅଧ୍ୟୟନରେ ରତ ହୋଇଥିବା ଯୋଗୁଁ ଆଜି କାଲି ସମାଜରେ ଏକ ଉପଦ୍ରବ ସୃଷ୍ଟି ହୋଇଛି। ଏହିପରିଭାବରେ ମହାପ୍ରଭୁ କହି ଚାଲିଲେ, "ମୁଁ ବଡ଼ ମୂର୍ଖ ହୋଇଥିବା ଯୋଗୁଁ ମୋ ଗୁରୁ ମୋତେ ବେଦାନ୍ତ ଦର୍ଶନ ସାଥିରେ ଖେଳିବାକୁ ମନା କରିଦେଲେ। ସେ ମୋତେ କହିଲେ, "ତୁମେ ଭଗବାନଙ୍କର ପବିତ୍ର ନାମୋଚ୍ଚାରଣ କଲେ ଖୁବ୍ ଭଲ ହେବ ; କାରଣ ଏହା ତୁମକୁ ସାଂସାରିକ ବନ୍ଧନରୁ ମୁକ୍ତି ଦେବ।"

ହରିନାମ କୀର୍ତ୍ତନହିଁ ଆତ୍ମ କଲ୍ୟାଣର ଏକମାତ୍ର ପନ୍ଥା

"ଏ କଳି କାଳରେ ଭଗବାନଙ୍କର ଦିବ୍ୟ ନାମୋଚ୍ଚାରଣ ବ୍ୟତୀତ ଅନ୍ୟ ଧର୍ମ ନାହିଁ ଏବଂ ଏହା ହିଁ ସମସ୍ତ ବୈଦିକଶାସ୍ତ୍ରର ମତ। ମୋର ଗୁରୁଦେବ ମୋତେ ବୃହତ୍ ନାରଦୀୟ ପୁରାଣରୁ ଗୋଟିଏ ଶ୍ଳୋକ ଶିଖାଇଛନ୍ତି।" ତାହା ହେଉଅଛି–

"ହରେର୍ନାମ ହରେର୍ନାମ ହରେର୍ନାମୈବ କେବଳମ୍ ।
କଲୌ ନାସ୍ତ୍ୟେବ ନାସ୍ତ୍ୟେବ ନାସ୍ତ୍ୟେବ ଗତିରନ୍ୟଥା ॥"

ଏହିପରିଭାବରେ ମୁଁ ମୋର ଗୁରୁଙ୍କର ଆଦେଶ ଅନୁସାରେ ଭଗବାନ୍ ଶ୍ରୀହରିଙ୍କର ଦିବ୍ୟନାମ କୀର୍ତ୍ତନ କରୁଅଛି ଏବଂ ବର୍ତ୍ତମାନ ମୁଁ ଏହି ଦିବ୍ୟନାମ ଗାନରେ ପାଗଳ ଅଟେ। ଯେତେବେଳେ ମୁଁ ଏ ଦିବ୍ୟନାମ ଉଚ୍ଚାରଣ କରୁଅଛି ; ସେତେବେଳେ ମୁଁ ନିଜକୁ ଭୁଲିଯାଉଛି। ବେଳେବେଳେ ମୁଁ ହସେ,

କାନ୍ଦେ ଏବଂ ବେଳେବେଳେ ପାଗଳ ପରି ନାଚେ। ମୁଁ ଭାବୁଛି, ଏ କୀର୍ତ୍ତନ ଦ୍ୱାରା ବାସ୍ତବିକ୍ ମୁଁ ପାଗଳ ହୋଇଯାଇଛି। ଏ ବିଷୟରେ ମୁଁ ମଧ୍ୟ ମୋର ଗୁରୁଙ୍କୁ ପଚାରିଥିଲି। ସେ କହିଲେ ଯେ, ଏହା ହେଉଛି ଦିବ୍ୟ ନାମ କୀର୍ତ୍ତନର ଫଳ। ଏତଦ୍ଦ୍ୱାରା ତୁମର ଦିବ୍ୟଭାବ ପ୍ରକଟିତ ହୋଇଛି, ଯାହାକି କେତେକ ଅତି ବିରଳ ଭାଗ୍ୟବାନ୍ ବ୍ୟକ୍ତିହିଁ ପାଇଥା'ନ୍ତି। ଏହା ହେଉଛି ଭଗବତ୍ ପ୍ରେମର ଲକ୍ଷଣ, ଯାହାକି ଜୀବନର ପରମ ଲକ୍ଷ୍ୟ ଅଟେ। ଭଗବତ୍ ପ୍ରେମ ମୁକ୍ତିଠାରୁ ଉତ୍କୃଷ୍ଟତର ଅଟେ, ମୁକ୍ତିର ବହୁ ଉର୍ଦ୍ଧ୍ୱରେ ଏହାର ସ୍ଥାନ। ତେଣୁ ଏହାକୁ ପଞ୍ଚମ

ପୁରୁଷାର୍ଥ ବୋଲି କୁହାଯାଏ। ଭଗବାନ୍ ଶ୍ରୀକୃଷ୍ଣଙ୍କର ପବିତ୍ର ନାମକୁ ଉଚ୍ଚାରଣ କଲେ ବ୍ୟକ୍ତି ଭଗବତ୍ ପ୍ରେମ ଲାଭ କରେ ଏବଂ ଏହା ବଡ଼ ଆନନ୍ଦର କଥା ଯେ ସୌଭାଗ୍ୟବଶତଃ ମୁଁ ପ୍ରଭୁଙ୍କର କୃପା ଲାଭ କରିଛି।"

ମହାପ୍ରଭୁଙ୍କର ଏକଥା ଶୁଣି ମାୟାବାଦୀ ସନ୍ନ୍ୟାସୀ ପଚାରିଲେ, "ଭଗବାନ୍ଙ୍କର ନାମ କୀର୍ତ୍ତନ ସହିତ ବେଦାନ୍ତ ପାଠକଲେ କ୍ଷତି କଣ ?" ପ୍ରକାଶାନନ୍ଦ ସରସ୍ୱତୀ ଏହା ଭଲଭାବରେ ଜାଣିଥିଲେ ଯେ, ମହାପ୍ରଭୁ ପ୍ରଥମେ ନିମାଇଁ ପଣ୍ଡିତ ନାମରେ ବିଖ୍ୟାତ ହୋଇଥିଲେ। ସେ ନବଦ୍ୱୀପରେ ଏକ ବିଦ୍ୱାନ ପଣ୍ଡିତ ଥିଲେ। ବର୍ତ୍ତମାନ ସେ ନିଜକୁ ଏକ ମୂର୍ଖଙ୍କ ଭଳି ଯେ ପ୍ରକାଶ କରୁଛନ୍ତି, ଏଥିରେ ଗୋଟିଏ କିଛି ଉଦ୍ଦେଶ୍ୟ ଅଛି। ତାଙ୍କର ଏ ପ୍ରଶ୍ନ ଶୁଣି ମହାପ୍ରଭୁ ହସି ହସି କହିଲେ, "ପ୍ରିୟ ମହାଶୟ, ଆପଣ ଯଦି କିଛି ଖରାପ ନଭାବନ୍ତି, ତାହାହେଲେ ମୁଁ ଆପଣଙ୍କର ପ୍ରଶ୍ନର ଉତ୍ତର ଦେବି।"

ସେଠାରେ ଉପସ୍ଥିତ ଥିବା ସମସ୍ତ ସନ୍ନ୍ୟାସୀ ମହାପ୍ରଭୁଙ୍କର ସାଧୁ ବ୍ୟବହାର ଦେଖି ଭାରି ଖୁସି ହେଲେ ଏବଂ ସେମାନେ ସମସ୍ତେ ଏକ ସ୍ୱରରେ କହିଲେ ଯେ, ସେ ଯାହା କହିବେ ସେଥିରେ ସେମାନେ ଆଦୌ ଉତ୍ତେଜିତ ହେବେ ନାହିଁ। ଏହାପରେ ମହାପ୍ରଭୁ ନିମ୍ନ ପ୍ରକାରେ କହିଲେ–

"ବେଦାନ୍ତ ସୂତ୍ର ଭଗବାନଙ୍କର ଦିବ୍ୟ ବାଣୀର ସଙ୍କଳନ ଅଟେ, ଅତଏବ ବେଦାନ୍ତରେ ଭ୍ରମ, ପ୍ରମାଦ ଓ ଠକାମି ଆଦି ମାନବୀୟ ଦୋଷ ନାହିଁ। ଉପନିଷଦର ସନ୍ଦେଶ ଉପନିଷଦରେ ପ୍ରକଟ ହୋଇଛି ଏବଂ ସେଥିରେ ଯାହା ପ୍ରତ୍ୟକ୍ଷଭାବରେ କୁହାଯାଇଛି ତାହା ବାସ୍ତବିକ ଗୌରବମୟ ଅଟେ। ପରନ୍ତୁ ଶ୍ରୀପାଦ ଶଙ୍କରାଚାର୍ଯ୍ୟ ଯେଉଁ ବ୍ୟାଖ୍ୟା ପ୍ରସ୍ତୁତ କରିଛନ୍ତି ତାହାର ସୂତ୍ର ସହିତ କୌଣସି ସମ୍ବନ୍ଧ ନାହିଁ ଏବଂ ଏଇଥିପାଇଁ ସେ ଭାଷ୍ୟ ସମଗ୍ର ସୂତ୍ରକୁ ନଷ୍ଟ କରି ପକାଇଛି।

'ବ୍ରହ୍ମ' ଶବ୍ଦର ଅର୍ଥ, ମହାନ୍ ଅଟେ। ଏହା ଦିବ୍ୟ ଐଶ୍ୱର୍ଯ୍ୟରେ ପରିପୂର୍ଣ୍ଣ ଏବଂ ସର୍ବଶ୍ରେଷ୍ଠ ଅଟେ। 'ବ୍ରହ୍ମ' ପରିଣାମତଃ ଭଗବାନଙ୍କର ବାଚକ ଅଟେ। ତାହା ପରୋକ୍ଷ ବ୍ୟାଖ୍ୟା ଦ୍ୱାରା ଆବୃତ ହୋଇପଡ଼ିଛି ଏବଂ ନିର୍ଗୁଣ ନିରାକାର ଭାବରେ ପ୍ରତିଷ୍ଠିତ ହୋଇଯାଇଥିବା ଚିଦ୍‌ଜଗତରେ ଯାହା କିଛି ଅଛି – ଭଗବାନଙ୍କର

ରୂପ,ଶରୀର ; ସ୍ଥାନ ଏବଂ ତାଙ୍କ ସମ୍ବନ୍ଧୀୟ ସମସ୍ତ ପଦାର୍ଥ ଦିବ୍ୟ ଆନନ୍ଦମୟ ଅଟେ, ସେ ସମସ୍ତ ଶାଶ୍ୱତ ଭାବେ ଆନନ୍ଦମୟ ଓ ଅନନ୍ତ ଅଟନ୍ତି। ଆଚାର୍ଯ୍ୟ ଶଙ୍କର ଯେ ବେଦାନ୍ତର ଏ ପ୍ରକାର ବ୍ୟାଖ୍ୟା କଲେ, ତାହା ତାଙ୍କର ଭୁଲ୍ ନୁହେଁ, କିନ୍ତୁ ଯଦି କେହି ସେ ବ୍ୟାଖ୍ୟାକୁ ଗ୍ରହଣ କରନ୍ତି, ତାହାହେଲେ ସେ ନିଶ୍ଚିତଭାବେ ପତିତ ହୁଅନ୍ତି। ପୁନଶ୍ଚ ଯେ ଭଗବାନଙ୍କର ଦିବ୍ୟ ବିଗ୍ରହକୁ ଜଡ଼ ବିଗ୍ରହ ବା ଭୌତିକ ଶରୀର ବୋଲି ଭାବେ ସେ ମହାନ୍ ଅପରାଧ ଅର୍ଜନ କରେ।

ଜଗନ୍ନାଥ ପୁରୀ ଧାମରେ ଶ୍ରୀ ଭଟ୍ଟାଚାର୍ଯ୍ୟଙ୍କୁ ସେ ଯେପରି ଭାବରେ କହିଥିଲେ ଏଠାରେ ମହାପ୍ରଭୁ ଠିକ୍ ସେହିପରିଭାବରେ ଏ ମାୟାବାଦୀ ସନ୍ନ୍ୟାସୀମାନଙ୍କୁ କହିଲେ ଏବଂ ଖୁବ୍ ବଳିଷ୍ଠଯୁକ୍ତି ପ୍ରଦର୍ଶନ କରି ସେ ବେଦାନ୍ତ ସୂତ୍ରର ମାୟାବାଦୀ ଭାଷ୍ୟକୁ ଅସିଦ୍ଧ ବୋଲି ପ୍ରମାଣ କରିଦେଲେ। ସେଠାରେ ଥିବା ସମସ୍ତ ସନ୍ନ୍ୟାସୀ ଏକ ସ୍ୱରରେ କହିଲେ ଯେ ମହାପ୍ରଭୁ ବେଦର ଅବତାର ଅଟନ୍ତି ଏବଂ ସାକ୍ଷାତ୍ ଭଗବାନଙ୍କ ଅବତାର ଅଟନ୍ତି। ଏହିପରିଭାବରେ ସେଠାରେ ଉପସ୍ଥିତ ଥିବା ସମସ୍ତ ସନ୍ନ୍ୟାସୀ ଭକ୍ତି ମାର୍ଗରେ ଦୀକ୍ଷିତ ହୋଇଗଲେ ଏବଂ ସେମାନେ ସମସ୍ତେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟନାମକୁ ଗ୍ରହଣ କଲେ ଏବଂ ସେମାନେ ସମସ୍ତେ ସେଠାରେ ସର୍ବ ସମକ୍ଷରେ ମହାପ୍ରଭୁଙ୍କ ସାଥିରେ ଭୋଜନ କଲେ। ମାୟାବାଦୀ ସନ୍ନ୍ୟାସୀମାନଙ୍କର ଭକ୍ତି ମାର୍ଗରେ ଦୀକ୍ଷିତ ହେବାପରେ ବାରାଣସୀରେ ମହାପ୍ରଭୁଙ୍କର ଲୋକ ପ୍ରିୟତା ବୃଦ୍ଧି ପାଇବାକୁ ଲାଗିଲା ଏବଂ ହଜାର ହଜାର ଲୋକ ଆସି ମହାପ୍ରଭୁଙ୍କୁ ଦର୍ଶନ କରିବା ନିମିତ୍ତ ସେଠାରେ ରୁଣ୍ଡ ହେଲେ। ଏହିପରିଭାବରେ ମହାପ୍ରଭୁ ସେଠାରେ *ଶ୍ରୀମଦ୍ ଭାଗବତ ଧର୍ମ*ର ପ୍ରାରମ୍ଭିକ ମହତ୍ତ୍ୱ ସ୍ଥାପନ କଲେ ଏବଂ ଅନ୍ୟ ସଂପ୍ରଦାୟର ଆଚାର୍ଯ୍ୟମାନଙ୍କୁ ହରାଇ ଦେଲେ। ସେହିଦିନଠାରୁ ବାରାଣସୀର ପ୍ରତ୍ୟେକ ବ୍ୟକ୍ତି ଦିବ୍ୟ ସଂକୀର୍ତ୍ତନ ଆନ୍ଦୋଳନରେ ଉଦ୍‌ବୃଦ୍ଧ ହୋଇପଡ଼ିଲେ।

ମହାପ୍ରଭୁଙ୍କ ଦ୍ୱାରା ସନାତନ ଗୋସ୍ୱାମୀଙ୍କୁ ଶିକ୍ଷା

ଶ୍ରୀମନ୍ ମହାପ୍ରଭୁ ବାରାଣସୀରେ ଅବସ୍ଥାନ କରୁଥିବା ସମୟରେ ଶ୍ରୀ ସନାତନ ଗୋସ୍ୱାମୀ ତାଙ୍କର କାର୍ଯ୍ୟ କ୍ଷେତ୍ରରୁ ଅବସର ନେଇ ସେଠାରେ ଆସି



ପହଞ୍ଚିଲେ । ସେ ବଙ୍ଗଦେଶର ଶାସନ ନବାବ୍ ହୁସେନ ଶାହାଙ୍କର ମନ୍ତ୍ରୀମାନଙ୍କ ମଧ୍ୟରେ ଏକତମ ଥିଲେ । ନବାବ୍ ତାଙ୍କୁ ଛାଡ଼ିବାକୁ ଚାହୁଁ ନଥିଲେ । ତେଣୁ କାର୍ଯ୍ୟ କ୍ଷେତ୍ରରୁ ଅବସର ନେବାରେ ତାଙ୍କର କେତେକ ଅସୁବିଧା ସୃଷ୍ଟି ହୋଇଥିଲା । ଯାହାହେଉ ସେ କର୍ମକ୍ଷେତ୍ରରୁ ବିଦାୟ ନେଇ ବାରାଣସୀ ଆସିଗଲେ ଏବଂ ମହାପ୍ରଭୁ ତାଙ୍କୁ ଭକ୍ତିଯୋଗ ଶିକ୍ଷା ଦେଲେ । ଜୀବର ସ୍ୱରୂପସ୍ଥିତି ଭୌତିକ ସ୍ଥିତିରେ ଜୀବର ବନ୍ଧନର କ'ଣ କାରଣ, ଜୀବ କିପରି ଭଗବାନାଙ୍କ ସହ ନିତ୍ୟ ସମ୍ବନ୍ଧରେ ସମ୍ବନ୍ଧିତ, ଭଗବାନଙ୍କର ପରମ ଦିବ୍ୟ ଅବସ୍ଥା, ଭଗବାନଙ୍କର ବିଭିନ୍ନ ଅବତାର, ବ୍ରାହ୍ମାଣ୍ଡର ବିଭିନ୍ନ ଅଂଶରେ ସେ କିପରି ନିୟନ୍ତ୍ରଣକାରୀ ରୂପେ ରହିଛନ୍ତି । ତାଙ୍କର ଦିବ୍ୟ ଧାମର ସ୍ୱରୂପ, ଭକ୍ତିପୂର୍ଣ୍ଣ କାର୍ଯ୍ୟକଳାପ, ସେମାନଙ୍କର ବିକାଶ ଏବଂ ଭକ୍ତିର ବିକାଶ ଧାରା ଏବଂ କ୍ରମେ କ୍ରମେ

ଦିବ୍ୟତାର ପୂର୍ଣ୍ଣ ସ୍ତରରେ ପହଞ୍ଚିବାର ନିୟମ ଓ ଉପନିୟମମାନ ଏବଂ ଭିନ୍ନ ଭିନ୍ନ ଯୁଗରେ ଭଗବାନଙ୍କର ଭିନ୍ନ ଭିନ୍ନ ଅବତାରର ଲକ୍ଷଣ ଏବଂ ପ୍ରାମାଣିକ ଶାସ୍ତ୍ରମାନଙ୍କର ସିଦ୍ଧାନ୍ତ ଅନୁଯାୟୀ କିପରି ସେ ଅବତାରମାନଙ୍କୁ ଚିହ୍ନି ହେବ, ଏସବୁ ସମ୍ବନ୍ଧରେ ସେ ସନାତନ ଗୋସ୍ୱାମୀଙ୍କୁ ଭଲଭାବରେ ଶିକ୍ଷାଦେଲେ ।

ଶ୍ରୀମନ୍ ମହାପ୍ରଭୁ ଶ୍ରୀ ସନାତନ ଗୋସ୍ୱାମୀଙ୍କୁ ଯେଉଁ ଶିକ୍ଷାଦେଲେ, ତାହା *ଶ୍ରୀଚୈତନ୍ୟ ଚରିତାମୃତ*ରେ ବିସ୍ତୃତଭାବେ ବର୍ଣ୍ଣନା କରାଯାଇଛି ଏବଂ ସେ ଗ୍ରନ୍ଥରେ ଏହା ଏକ ଦୀର୍ଘ ଅଧ୍ୟାୟ ଅଟେ । ସେ ସବୁର ସାରାଂଶ ବର୍ଣ୍ଣନା କଲେ ତାହା ଏକ ସ୍ୱତନ୍ତ୍ର ଗ୍ରନ୍ଥ ହେବ । ତାହାର ବିସ୍ତୃତ ବର୍ଣ୍ଣନା "*ଶ୍ରୀଚୈତନ୍ୟ ଶିକ୍ଷାମୃତ*" ନାମକ ଗ୍ରନ୍ଥରେ ଦିଆଯାଇଅଛି ।

ମହାପ୍ରଭୁଙ୍କ ମଥୁରା ଏବଂ ବୃନ୍ଦାବନ ପରିଦର୍ଶନ

ମଥୁରାରେ ମହାପ୍ରଭୁ ସମସ୍ତ ମହତ୍ତ୍ୱପୂର୍ଣ୍ଣ ସ୍ଥାନର ଦର୍ଶନ କଲେ । ତତ୍ପରେ ସେ ବୃନ୍ଦାବନରେ ପହଞ୍ଚିଲେ । ମହାପ୍ରଭୁ ଏକ ଉଚ୍ଚ ବ୍ରାହ୍ମଣ କୁଳରେ ଜନ୍ମ ହୋଇଥିଲେ । ଏତଦ୍‌ବ୍ୟତୀତ ସେ ଏକ ସନ୍ନ୍ୟାସୀ ଥିଲେ, ଯେ'କି ସମସ୍ତ ବର୍ଣ୍ଣ ଓ ଆଶ୍ରମର ଗୁରୁ ଥିଲେ । କିନ୍ତୁ ସେ ସମସ୍ତ ପ୍ରକାର ବୈଷ୍ଣବଙ୍କଠାରୁ ଖାଦ୍ୟ ଗ୍ରହଣ କରିପାରୁ ଥିଲେ । ମଥୁରାରେ ସନୋଡ଼ିୟା ବ୍ରାହ୍ମଣଙ୍କୁ ବ୍ରାହ୍ମଣ ସମାଜର ନିମ୍ନ ସ୍ତରର ବୋଲି ଭାବନ୍ତି, କିନ୍ତୁ ମହାପ୍ରଭୁ ସେ ପରିବାରରୁ ଖାଦ୍ୟ ଗ୍ରହଣ କରିଥିଲେ, କାରଣ ତାଙ୍କୁ ଯେ ନିମନ୍ତ୍ରଣ କରିଥିଲେ ସେ ଦୈବବଶତଃ ମାଧବେନ୍ଦ୍ର ପୁରୀଙ୍କର ଶିଷ୍ୟ ଥିଲେ ।

ବୃନ୍ଦାବନରେ ମହାପ୍ରଭୁ ୨୪ଟି (ଚବିଶିଟି) ପ୍ରସିଦ୍ଧ ସ୍ଥାନ ଓ ଘାଟରେ ସ୍ନାନ କରିଥିଲେ । ସେ ବୃନ୍ଦାବନର ଦ୍ୱାଦଶ କାନନ ଭ୍ରମଣ କରିଥିଲେ । ଏ ବନମାନଙ୍କରେ ସମସ୍ତ ଗାଭୀ ଓ ପଶୁପକ୍ଷିଗଣ ମହାପ୍ରଭୁଙ୍କୁ ସ୍ୱାଗତ ଜଣାଇଥିଲେ, ଯେପରିକି ସେ ସେମାନଙ୍କର ଅତି ପୁରୁଣା ବନ୍ଧୁ । ମହାପ୍ରଭୁ ମଧ୍ୟ ସେ ବଣମାନଙ୍କରେ ଥିବା ବୃକ୍ଷମାନଙ୍କୁ ଆଲିଙ୍ଗନ କରିଥିଲେ । ଆଲିଙ୍ଗନ ସମୟରେ ସେ ଦିବ୍ୟ ଆନନ୍ଦ ଓ ପ୍ରେମ ବିକାର ଅନୁଭବ କରୁଥିଲେ । ବେଳେବେଳେ ସେ ଅଚେତନ ହୋଇଯାଉଥିଲେ, କିନ୍ତୁ ଭଗବାନ୍ ଶ୍ରୀକୃଷ୍ଣଙ୍କର ଦିବ୍ୟ ନାମୋଚ୍ଚାରଣରେ ପୁଣି

ଚେତନା ଲାଭ କରୁଥିଲେ। ବନଯାତ୍ରା ସମୟରେ ମହାପ୍ରଭୁଙ୍କର ଶରୀରରେ ଯେଉଁ ଦିବ୍ୟ ଲକ୍ଷଣମାନ ଦେଖାଯାଉଥିଲା ତାହା ଅଦ୍ୱିତୀୟ ତଥା ଅବର୍ଣ୍ଣନୀୟ ଥିଲା। ଆମ୍ଭେମାନେ ଏଠାରେ ତାହାର ସଂକ୍ଷିପ୍ତ ବର୍ଣ୍ଣନା ଦେଉଛୁ।

ବୃନ୍ଦାବନରେ ମହାପ୍ରଭୁ ଯେଉଁସବୁ ସ୍ଥାନ ଦର୍ଶନ କରିଥିଲେ ତନ୍ମଧ୍ୟରେ କାମ୍ୟବାନ, ଆଦୀଶ୍ୱର, ପାବନ ସରୋବର, ଖଦିରବନ, ଶେଷଶାୟୀ, ଖେଳାତୀର୍ଥ, ଭଣ୍ଡୀରବନ, ଭଦ୍ରବନ, ଶ୍ରୀବନ, ଲୌହ ବନ, ମହାବନ, ଗୋକୁଳ, କାଳୀୟ ହ୍ରଦ, ଦ୍ୱାଦଶା ଦିତ୍ୟ, କେଶୀତୀର୍ଥ ଇତ୍ୟାଦି ପ୍ରଧାନ। ଯେତେବେଳେ ସେ ରାସସ୍ଥଳୀ ଦର୍ଶନ କଲେ, ସେତେବେଳେ ସେ ସାଙ୍ଗେ ସାଙ୍ଗେ ମୂର୍ଚ୍ଛା ହୋଇଗଲେ। ତାଙ୍କର ବୃନ୍ଦାବନ ରହଣି କାଳରେ ସେ ଅକ୍ରୁର ଘାଟରେ ବାସ କରୁଥିଲେ।

ଶ୍ରୀମନ୍ ମହାପ୍ରଭୁଙ୍କର ପ୍ରୟାଗ ଯାତ୍ରା



ତାଙ୍କର ସେବକ କୃଷ୍ଣଦାସ ବିପ୍ର ବୃନ୍ଦାବନରୁ ପ୍ରୟାଗ ଯାଇ ସେଠାରେ ମାଘ ମେଳାରେ ସ୍ନାନ କରିବା ନିମିତ୍ତ ମହାପ୍ରଭୁଙ୍କୁ ଅନୁରୋଧ କଲେ। ମହାପ୍ରଭୁ ତା'ର ପ୍ରସ୍ତାବ ଗ୍ରହଣ କଲେ ଏବଂ ସେମାନେ ପ୍ରୟାଗ ଯାତ୍ରା କଲେ। ପଥ ମଧ୍ୟରେ ସେମାନେ କେତେକ ପଠାଣଙ୍କୁ ଭେଟିଲେ। ସେମାନଙ୍କ ମଧ୍ୟରେ ଏକ ବିଦ୍ୱାନ ମୌଲାନା ଥିଲେ। ମହାପ୍ରଭୁ ସେ ମୌଲାନା ଏବଂ ତାଙ୍କର ସାଥିମାନଙ୍କ ସାଥିରେ କିଛି କଥାବାର୍ତ୍ତା ହେଲେ। କୋରାନ୍‌ରେ ଭାଗବତ ଧର୍ମ ଓ କୃଷ୍ଣଙ୍କ ସମ୍ବନ୍ଧରେ ବର୍ଣ୍ଣନା ଥିବାର ମହାପ୍ରଭୁ ସେ ମୌଲାନାଙ୍କୁ କହିଲେ। ସେହି ସମସ୍ତ ପଠାଣ ବୈଷ୍ଣବ ହୋଇ ଭଗବାନଙ୍କର ପ୍ରେମମୟୀ ସେବାରେ ନିଯୁକ୍ତ ହୋଇଗଲେ।



ଯେତେବେଳେ ସେ ପ୍ରୟାଗକୁ ଫେରିଲେ, ସେତେବେଳେ ଶ୍ରୀରୂପ ଗୋସ୍ୱାମୀ ଓ ତାଙ୍କ ସାନଭାଇ ତାଙ୍କୁ ବିନ୍ଦୁମାଧବ ମନ୍ଦିର ନିକଟରେ ଭେଟିଲେ। ଏଥର ପ୍ରୟାଗରେ ଲୋକମାନେ ମହାପ୍ରଭୁଙ୍କୁ ଅଧିକ ସମ୍ମାନ ସହକାରେ ସ୍ୱାଗତ ଜଣାଇଲେ। ବଲ୍ଲଭ ଭଟ୍ଟ ପ୍ରୟାଗର ଅପର ପାର୍ଶ୍ୱରେ ଅରୈଲ ଗ୍ରାମରେ ବାସ କରୁଥିଲେ। ସେ ମହାପ୍ରଭୁଙ୍କୁ ନିଜ ବାସଭବନକୁ ନେବା ନିମିତ୍ତ ବନ୍ଦୋବସ୍ତ କରିଥିଲେ। ତେଣୁ ମହାପ୍ରଭୁଙ୍କୁ ଯେତେବେଳେ

ସେଠାକୁ ଯାଉଥିଲେ ସେତେବେଳେ ଯମୁନା ନଦୀକୁ ଡେଇଁ ପଡ଼ିଲେ। ବଡ଼ କଷ୍ଟରେ ତାଙ୍କୁ ଅଚେତ ଅବସ୍ଥାରେ ନଦୀରୁ ଉଦ୍ଧାର କରାଗଲା। ଶେଷରେ ସେ ବଲ୍ଲଭ ଭଟ୍ଟଙ୍କର ବାସଭବନରେ ପହଞ୍ଚିଲେ। ଏହି ବଲ୍ଲଭ ଭଟ୍ଟ ତାଙ୍କର ପ୍ରଧାନ ସମର୍ଥକ ଥିଲେ, କିନ୍ତୁ ସେ ଏକ ପୃଥକ୍ ବଲ୍ଲଭ ସଂପ୍ରଦାୟ ସ୍ଥାପନ କଲେ।

ଶ୍ରୀଳ ରୂପ ଗୋସ୍ୱାମୀଙ୍କୁ ଉପଦେଶ

ପ୍ରୟାଗର ଦଶାଶ୍ୱମେଧ ଘାଟଠାରେ ମହାପ୍ରଭୁ ଦୀର୍ଘ ଦଶ ଦିନ ଧରି ଶ୍ରୀଳ ରୂପ ଗୋସ୍ୱାମୀଙ୍କୁ ଭକ୍ତିଯୋଗ ବିଜ୍ଞାନ ଶିକ୍ଷା ଦେଇଥିଲେ। ସେ ଶ୍ରୀଳ ରୂପ ଗୋସ୍ୱାମୀଙ୍କୁ କହିଲେ ଯେ, ସମଗ୍ର ବିଶ୍ୱରେ ୮୪,୦୦,୦୦୦ ଲକ୍ଷ ଜୀବ ଯୋନି ଅଛି। ତତ୍ପରେ ସେ ମାନବ ଯୋନି ସମ୍ବନ୍ଧରେ କହିଲେ। ସେ କହିଲେ ମାନବମାନଙ୍କ ମଧ୍ୟରେ ଯେଉଁମାନେ ବେଦ-ବିଧି-ବିଧାନ ମାନନ୍ତି ସେମାନେ ଶ୍ରେଷ୍ଠ ; ସେମାନଙ୍କ ଠାରୁ କର୍ମଯୋଗୀ ଶ୍ରେଷ୍ଠ, ସେମାନଙ୍କ ଠାରୁ ମୁକ୍ତ ଜୀବ ଶ୍ରେଷ୍ଠ ; କିନ୍ତୁ ମହାପ୍ରଭୁ କହିଲେ ଯେ ମୁକ୍ତମାନଙ୍କ ମଧ୍ୟରେ ଭଗବାନ୍ ଶ୍ରୀକୃଷ୍ଣଙ୍କର ଶୁଦ୍ଧ ଭକ୍ତ ଖୁବ୍ ବିରଳ।

ଶ୍ରୀଳ ରୂପ ଗୋସ୍ୱାମୀ ଶ୍ରୀଳ ସନାତନ ଗୋସ୍ୱାମୀଙ୍କର ସାନଭାଇ ଥିଲେ ଏବଂ ସେ ଯେତେବେଳେ କର୍ମକ୍ଷେତ୍ରରୁ ଅବସର ନେଲେ, ସେତେବେଳେ ତାଙ୍କ ପାଖରେ ଦୁଇ ଡଙ୍ଗା ସ୍ୱର୍ଣ୍ଣ ମୁଦ୍ରା ଥିଲା। ଏହାର ଅର୍ଥ ସେ ତାଙ୍କର ଚାକିରୀ କ୍ଷେତ୍ରରୁ ଯେଉଁ ଧନ ରୋଜଗାର କରିଥିଲେ ତାହାର ମୂଲ୍ୟ କୋଟି କୋଟି ଟଙ୍କା। ଗୃହତ୍ୟାଗ କରି ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ନିକଟକୁ ଯିବା ପୂର୍ବରୁ ତାଙ୍କର ସମସ୍ତ ଧନକୁ ନିମ୍ନମତେ ଭାଗ କରିଥିଲେ। ସେ ତାଙ୍କ ଧନର ଶତକଡ଼ା ୫୦ଭାଗ ଭଗବାନ୍ ଏବଂ ତାଙ୍କର ଭକ୍ତ ମାନଙ୍କର ସେବା ନିମିତ୍ତ ଦାନ କଲେ। ତାଙ୍କର ପରିବାର ନିମିତ୍ତ ଶତକଡ଼ା ପଚିଶି ଭାଗ ଦେଲେ ଏବଂ ବିପଦ ଆପଦ ନିମିତ୍ତ ନିଜପାଇଁ ଶତକଡ଼ା ପଚିଶି ଭାଗ ରଖିଲେ। ଏହିପରିଭାବରେ ସେ ସମସ୍ତ ଗୃହସ୍ଥ ଭକ୍ତଙ୍କ ନିମିତ୍ତ ଏକ ଆଦର୍ଶ ରଖିଦେଇଗଲେ।

ମହାପ୍ରଭୁ ଭକ୍ତିକୁ ଏକ ସୁକୋମଳ ଲତା ସହିତ ତୁଳନା କରି ଶ୍ରୀଳ ସନାତନ ଗୋସ୍ୱାମୀଙ୍କୁ ଶିକ୍ଷା ଦେଲେ। ଏକ ମାତାଲ ହାତୀ ଯେପରି

ଲତାକୁ ମାଡ଼ି ଚକଟି ପକାଇ ନଷ୍ଟ କରିଦିଏ, ଠିକ୍ ସେହିପରି ବୈଷ୍ଣବ ଅପରାଧ(ଶୁଦ୍ଧଭକ୍ତଙ୍କ ପ୍ରତି ଅବମାନନା)ଭକ୍ତି ଲତାକୁ ମାତାଲ ହାତୀ ସଦୃଶ ମାଡ଼ି ଚକଟି ପକାଇ ନଷ୍ଟ କରିଦିଏ। ଇନ୍ଦ୍ରିୟଭୋଗ ଲାଳସାରୁ ମଧ୍ୟ ଭକ୍ତିଲତାକୁ ରକ୍ଷାକରିବାକୁ ହେବ। ଏପରିକି ନିର୍ବିଶେଷ ବ୍ରହ୍ମରେ ମିଶି ଏକାକାର ହେବା ଏବଂ ହଠଯୋଗ ସାଧନାରେ ସିଦ୍ଧିଲାଭ କରିବା କାମନାରୁ ମଧ୍ୟ ମୁକ୍ତ ହେବା ଉଚିତ। ଏସବୁ ଭକ୍ତି ଯୋଗମାର୍ଗରେ ପ୍ରତିବନ୍ଧକ ଅଟନ୍ତି। ଠିକ୍ ସେହିପରି ଜୀବହିଂସା, ସାଂସାରିକ ଲାଭ, ସାଂସାରିକ ମାନ ସମ୍ମାନ, ଯଶ, ପ୍ରତିଷ୍ଠା ଆଦି ମଧ୍ୟ ଭକ୍ତିଯୋଗ ବା ଭାଗବତ ଧର୍ମମାର୍ଗରେ ପ୍ରତିବନ୍ଧକ ଅଟନ୍ତି।

ଶୁଦ୍ଧ ଭକ୍ତ ଇନ୍ଦ୍ରିୟ ତୃପ୍ତି କାମନା, ସକାମ କର୍ମ ଏବଂ ମାୟାବାଦୀ ଜ୍ଞାନ, ଏ ତିନୋଟିରୁ ମୁକ୍ତ ହେବା ଉଚିତ। ବ୍ୟକ୍ତି ସମସ୍ତ ପ୍ରକାର ଉପାଧିରୁ ମୁକ୍ତ ହେବା ଉଚିତ ଏବଂ ଏହିପରିଭାବରେ ଯେତେବେଳେ ସେ ଦିବ୍ୟ ବା ପବିତ୍ର ହୋଇଯାଏ, ସେତେବେଳେ ସେ ବିଶୁଦ୍ଧ ବା ପବିତ୍ର ଇନ୍ଦ୍ରିୟମାନଙ୍କ ସାହାଯ୍ୟରେ ଭଗବାନଙ୍କ ସେବା କରିପାରେ।

ଯେପର୍ଯ୍ୟନ୍ତ ଇନ୍ଦ୍ରିୟ ସୁଖଭୋଗ କାମନା ରହିଛି କିମ୍ବା ଭଗବାନଙ୍କ ସହ ଏକ ହେବାର କାମନା ରହିଛି କିମ୍ବା ଯୋଗ ସିଦ୍ଧିଲାଭ କରିବାର କାମନା ରହିଛି, ସେ ପର୍ଯ୍ୟନ୍ତ ଶୁଦ୍ଧ ଭକ୍ତି ଲାଭର ପ୍ରଶ୍ନ ନାହିଁ।

ଭକ୍ତିର ଦୁଇଟି ସ୍ତର ଅଛି। ଯଥା:- ବୈଧୀ ଏବଂ ରାଗାନୁଗା। ଯଦି କୌଣସି ବ୍ୟକ୍ତି ରାଗାନୁଗା ଭକ୍ତିସ୍ତର ଲାଭକରେ, ତେବେ ସେ ପ୍ରେମ, ସ୍ନେହ, ମାନ, ପ୍ରଣୟ ଆଦି ଭକ୍ତିପୂର୍ଣ୍ଣ ଜୀବନର ବିଭିନ୍ନ ସ୍ତର ଅତିକ୍ରମ କରେ। ଭକ୍ତିଯୋଗ ବିଜ୍ଞାନ ବିଷୟରେ ଆମେ *"ନେକ୍‌ଟାର ଅଫ୍ ଡିଭୋସନ୍"* ନାମକ (ଇଂରାଜୀ) ପୁସ୍ତକରେ ବର୍ଣ୍ଣନା କରିବାକୁ ଚେଷ୍ଟା କରିଛୁ। ଏହା ଶ୍ରୀଳ ରୂପ ଗୋସ୍ୱାମୀଙ୍କ କୃତ *"ଭକ୍ତିରସାମୃତ ସିନ୍ଧୁ"* ଉପରେ ଆଧାରିତ। ଦିବ୍ୟ ଭକ୍ତିଯୋଗ ମାର୍ଗରେ ପାଞ୍ଚଟି ଭାବ ବା ସ୍ତର ଅଛି।

୧ –ଭୌତିକ ବନ୍ଧନରୁ ମୁକ୍ତ ହେବାପରେ ସ୍ୱରୂପ ପ୍ରାପ୍ତି। ଏହାକୁ ଶାନ୍ତ ଭାବ ବା ରସ କୁହାଯାଏ।

୨-ଏହାପରେ ଯେତେବେଳେ ଭକ୍ତର ଜ୍ଞାନ ବିକାଶ ହୁଏ ଅର୍ଥାତ୍ ଭଗବାନଙ୍କର ଆନ୍ତରିକ ଐଶ୍ୱର୍ଯ୍ୟ ସମ୍ବନ୍ଧରେ ସେ ଜାଣିପାରେ, ସେତେବେଳେ ସେ ଦାସ ଭାବରେ ଭଗବାନଙ୍କ ସେବାରେ ନିଯୁକ୍ତ ହୋଇଯାଏ। ଏହାକୁ ଦାସ୍ୟ ଭାବ ରସ କୁହାଯାଏ।

୩-ଦାସ୍ୟ ଭାବର ଅଧିକା ବିକାଶ ଘଟିଲେ ଭଗବାନଙ୍କ ସହିତ ସମ୍ମାନପୂର୍ଣ୍ଣ ଭ୍ରାତୃଭାବ ଅଧିକ ଗାଢ଼ ହେବାକୁ ଲାଗେ। ଏହାପରେ ଏହା ମିତ୍ରଭାବ ରୂପରେ ପ୍ରକାଶ ପାଏ। ଏ ଦୁଇ ପ୍ରକାର ଭାବ ବା ସ୍ଥିତିକୁ ସଖ୍ୟଭାବ ବା ମାତ୍ର ଭାବରେ ସେବା କରିବା କୁହାଯାଏ।

୪-ଏହାର ଉପରେ ଭଗବାନଙ୍କ ପ୍ରତି ବାତ୍ସଲ୍ୟ ପ୍ରେମର ବିକାଶ ଅଟେ। ଏହାକୁ ବାତ୍ସଲ୍ୟଭାବ କୁହାଯାଏ।

୫- ଏହାର ଉପରେ କାନ୍ତା ଭାବ-ସ୍ତର ଅଟେ। ଏହା ଭଗବତ୍ ପ୍ରେମର ସର୍ବୋତ୍କୃଷ୍ଟ ସ୍ତର ଅଟେ। ଯଦିଓ ଉପରେ କୁହାଯାଇଥିବା ସମସ୍ତ ଭାବ ମଧ୍ୟରେ କୌଣସି ସାନବଡ଼ ଭେଦ ନାହିଁ, ତଥାପି ଏ ଶେଷ ସ୍ତରଟି ସର୍ବୋତ୍ତମ ସ୍ତର ଅଟେ। ଏହାକୁ ମାଧୁର୍ଯ୍ୟ ରସ ବା ଭାବ କୁହାଯାଏ।

ତପ୍ରେ ସେ ଶ୍ରୀ ରୂପ ଗୋସ୍ୱାମୀଙ୍କୁ ଭକ୍ତିଯୋଗ ବିଜ୍ଞାନ ଶିକ୍ଷା ଦେଲେ ଏବଂ ବୃନ୍ଦାବନରେ ଲୁପ୍ତ ପ୍ରାୟ ଭଗବାନଙ୍କ ଦିବ୍ୟ ଲୀଳାସ୍ଥଳ ଉଦ୍ଧାର କରିବା ନିମିତ୍ତ ତାଙ୍କୁ ବୃନ୍ଦାବନ ପଠାଇଲେ। ଏହାପରେ ମହାପ୍ରଭୁ ବାରାଣସୀକୁ ଫେରିଲେ ଏବଂ ସେଠାରେ ସନ୍ନ୍ୟାସୀମାନଙ୍କୁ ଉଦ୍ଧାର କଲେ। ରୂପ ଗୋସ୍ୱାମୀଙ୍କର ବଡ଼ ଭାଇଙ୍କୁ ମଧ୍ୟ ଶିକ୍ଷାଦେଲେ। ପୂର୍ବରୁ ଆମେ ଏହା ବର୍ଣ୍ଣନା କରିଅଛୁ।

ଶ୍ରୀମନ୍ ମହାପ୍ରଭୁଙ୍କ ଶ୍ରୀ ଶିକ୍ଷାଷ୍ଟକ

ମହାପ୍ରଭୁ ନିଜର ବାର୍ତ୍ତା ରୂପରେ ଆଠଟି ଶ୍ଳୋକ ଲିଖିତ ଆକାରରେ ରଖିଦେଇ ଯାଇଅଛନ୍ତି। ତାହା ଶିକ୍ଷାଷ୍ଟକ ନାମରେ ପରିଚିତ। ତାଙ୍କର ଅନ୍ୟ ଦିବ୍ୟ ସାହିତ୍ୟମାନ ତାଙ୍କର ଅନୁଗାମୀ ବୃନ୍ଦାବନର ପ୍ରସିଦ୍ଧ ଷଡ଼ ଗୋସ୍ୱାମୀ ତଥା ସେମାନଙ୍କର ଶିଷ୍ୟ-ପ୍ରଶିଷ୍ୟମାନଙ୍କ ଦ୍ୱାରା ବିସ୍ତୃତଭାବେ ଲେଖାଯାଇଛି। ଶ୍ରୀଚୈତନ୍ୟ ଦର୍ଶନ ଅନ୍ୟ ସମସ୍ତ ଦର୍ଶନ ଅପେକ୍ଷା ଅତ୍ୟନ୍ତ ବୈଭବପୂର୍ଣ୍ଣ ଓ

ଶ୍ରେଷ୍ଠ ଅଟେ ଏବଂ ଏହାକୁ ବିଶ୍ୱଧର୍ମ ବା ଏକ ଜୀବନ୍ତ ଧର୍ମବୋଲି ସ୍ୱୀକାର କରାଯାଇଅଛି। ଆମେ ବଡ଼ ଖୁସି ହୋଉଛୁ ଯେ, ଏ ଚୈତନ୍ୟ ସନ୍ଦେଶ ବର୍ତ୍ତମାନ ଶ୍ରୀଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀ ମହାରାଜ ଏବଂ ତାଙ୍କର ଶିଷ୍ୟମାନଙ୍କ ସଦୃଶ କେତେକ ଉତ୍ସାହୀ ସାଧୁ ସନ୍ଥଙ୍କ ଦ୍ୱାରା ପ୍ରସାରିତ ହେଉଅଛି। ଆମ୍ଭେମାନେ ଅତି ଆଗ୍ରହର ସହିତ ସେ ସୁଖମୟ ଦିନଗୁଡ଼ିକର ଅପେକ୍ଷା କରି ରହିଅଛୁ। କେବେ ଶ୍ରୀଚୈତନ୍ୟ ମହାପ୍ରଭୁଙ୍କ ଦ୍ୱାରା ପ୍ରବର୍ତ୍ତିତ ଭାଗବତ ଧର୍ମ ବା ପ୍ରେମ ଧର୍ମ ସମଗ୍ର ବିଶ୍ୱରେ ବ୍ୟାପିଯିବ।

ଶ୍ରୀମନ୍ ମହାପ୍ରଭୁଙ୍କ ଦ୍ୱାରା ରଚିତ ଆଠ ଶ୍ଳୋକର ଅର୍ଥ ନିମ୍ନ ଧରଣର :-

–୧–

ଚେତୋଦର୍ପଣମାର୍ଜନ ଭବମହାଦାବାଗ୍ନି–ନିର୍ବାପଣଂ
ଶ୍ରେୟଃ କୈରବଚନ୍ଦ୍ରିକା ବିତରଣଂ ବିଦ୍ୟାବଧୂଜୀବନମ୍ ।
ଆନନ୍ଦାମ୍ବୁଧିବର୍ଧନଂ ପ୍ରତିପଦଂ ପୂର୍ଣାମୃତାସ୍ୱାଦନଂ
ସର୍ବାତ୍ମସ୍ନପନଂ ପରଂ ବିଜୟତେ ଶ୍ରୀକୃଷ୍ଣସଂକୀର୍ତନମ୍ ।।୧।।

ଶ୍ରୀକୃଷ୍ଣ ସଂକୀର୍ତ୍ତନର ଜୟ ହେଉ। ବର୍ଷ ବର୍ଷ ଧରି ହୃଦୟରେ ଏକତ୍ରିତ ହୋଇଥିବା ଅଜ୍ଞାନ ରୂପକ ଧୂଳିକୁ ଏହା ସ୍ୱଚ୍ଛ କରେ ଏବଂ ବାରମ୍ବାର ଜନ୍ମ

ମୃତ୍ୟୁ ଚକ୍ରରେ ଘୂରିବା ଯୋଗୁଁ ଉତ୍ପନ୍ନ ହୋଇଥିବା ତ୍ରିତାପକୁ ଏହା ଶାନ୍ତ କରେ। ଏ ସଂକୀର୍ତ୍ତନ ଆନ୍ଦୋଳନ ବ୍ୟାପକ ଦୁଃଖୀ ମନୁଷ୍ୟ ସମାଜ ନିମିତ୍ତ ଏକ ଆଶୀର୍ବାଦ ଅଟେ ; କାରଣ ଏହା କଲ୍ୟାଣରୂପୀ ଚନ୍ଦ୍ରକିରଣକୁ ବିସ୍ତାର କରେ। ଏହା ସଂପୂର୍ଣ୍ଣ ଦିବ୍ୟ ଜ୍ଞାନର ଜୀବନ ଅଟେ। ଏହା ଦିବ୍ୟ ଆନନ୍ଦ ସମୁଦ୍ରର ବୃଦ୍ଧି କରେ ଏବଂ ଯେଉଁ ଅମୃତ ଲାଭ ନିମିତ୍ତ ଆମେ ସମସ୍ତେ ବ୍ୟାକୁଳ, ତାହା ପୂର୍ଣ୍ଣ ଆସ୍ୱାଦନର ଯୋଗ୍ୟତା ଏ ଶ୍ରୀକୃଷ୍ଣ ସଂକୀର୍ତ୍ତନ ଆମ୍ଭମାନଙ୍କୁ ପ୍ରଦାନ କରୁଅଛି।

–୨–

ନାମ୍ନାମକାରି ବହୁଧା ନିଜସର୍ବଶକ୍ତି–
ସ୍ତତ୍ରାର୍ପିତା ନିୟମିତଃ ସ୍ମରଣେ ନ କାଲଃ ।
ଏତାଦୃଶୀ ତବ କୃପା ଭଗବନ୍ ସମାପି
ଦୁର୍ଦ୍ଦୈବମୀଦୃଶମିହାଜନି ନାନୁରାଗଃ ।।୨।।

ହେ ଭଗବାନ୍! ଏକମାତ୍ର ଆପଣଙ୍କର ପବିତ୍ର ନାମ ଜୀବମାନଙ୍କୁ ସମସ୍ତପ୍ରକାର ଅଭୀଷ୍ଟ ପ୍ରଦାନ କରିପାରେ। ଆପଣଙ୍କର ଶ୍ରୀକୃଷ୍ଣ ଓ 'ଗୋବିନ୍ଦ' ନାମ ଭଳି ଶହ ଶହ ହଜାର ହଜାର ନାମ ଅଛି। ଏ ସମସ୍ତ ଦିବ୍ୟ ନାମରେ ଆପଣ ଆପଣଙ୍କର ସମସ୍ତ ଦିବ୍ୟ ଶକ୍ତିକୁ ସନ୍ନିହିତ କରିଛନ୍ତି। ଏ ଦିବ୍ୟ ନାମୋଚ୍ଚାରଣ ନିମିତ୍ତ କୌଣସି କଠିନ ନିୟମ ମଧ୍ୟ ଆପଣ ରଖିନାହାନ୍ତି। ହେ ଭଗବାନ୍! ଆପଣଙ୍କର ଅପାର କରୁଣା ହେତୁ ଆପଣ ଆମ୍ଭମାନଙ୍କୁ ଯୋଗ୍ୟ କରୁଛନ୍ତି କିପରି ଆମ୍ଭେମାନେ ଆପଣଙ୍କର ଦିବ୍ୟ ନାମୋଚ୍ଚାରଣ କରି ଆପଣଙ୍କ ନିକଟରେ ପହଞ୍ଚିପାରିବୁ; କିନ୍ତୁ ମୁଁ ଏଡ଼େ ହତଭାଗା ଯେ ଏଥିପ୍ରତି ମୋର ଆକର୍ଷଣ ଜାତ ହେଉନାହିଁ।

—୩—

ତୃଣାଦପି ସୁନୀଚେନ ତରୋରପି ସହିଷ୍ଣୁନା ।
ଅମାନିନା ମାନଦେନ କୀର୍ତନୀୟଃ ସଦା ହରିଃ ।।୩।।

ବିନମ୍ର ମନୋଭାବ ନେଇ ନିଜକୁ ରାସ୍ତାରେ ପଡ଼ିଥିବା ତୃଣଠାରୁ ତୁଚ୍ଛ ବୋଲି ମନେକରି ବ୍ୟକ୍ତି ଭଗବାନଙ୍କର ଦିବ୍ୟ ନାମୋଚ୍ଚାରଣ କରିବା ଉଚିତ। ସେ ବୃକ୍ଷଠାରୁ ଅଧିକ ସହନଶୀଳ ହେବା ଉଚିତ। ସେ ସମସ୍ତ ମିଥ୍ୟା ସମ୍ମାନକୁ ତ୍ୟାଗକରି ଅନ୍ୟମାନଙ୍କୁ ସମ୍ମାନ ପ୍ରଦର୍ଶନ କରିବା ଉଚିତ ଏହିପ୍ରକାର ମନୋଭାବ ସେଇ ବ୍ୟକ୍ତି ସତତ ଭଗବାନଙ୍କର ଦିବ୍ୟ ନାମୋଚ୍ଚାରଣ କରିବା ଉଚିତ।

—୪—

ନ ଧନଂ ନ ଜନଂ ନ ସୁନ୍ଦରୀଂ କବତାଂ ବା ଜଗଦୀଶ କାମୟେ ।
ମମ ଜନ୍ମନି ଜନ୍ମନୀଶ୍ୱରେ ଭବତାଦ୍ ଭକ୍ତିରହୈତୁକୀ ତ୍ୱୟି।।୪।।

ହେ ସର୍ବଶକ୍ତିମାନ ଭଗବାନ୍! ମୁଁ ଧନ ଚାହେଁ ନାହିଁ, ସୁନ୍ଦରୀ ସ୍ତ୍ରୀ ଚାହେଁ ନାହିଁ କିମ୍ବା ବହୁତ ସଂଖ୍ୟକ ଅନୁଗାମୀ ଚାହେଁ ନାହିଁ। ମୁଁ କେବଳ ଜନ୍ମ ଜନ୍ମଧରି ଆପଣଙ୍କ ପ୍ରତି ଅହୈତୁକୀ ଭକ୍ତି ପ୍ରାର୍ଥନା କରେ।

—୫—

ଅୟି ନନ୍ଦତନୁଜ କିଂକରଂ ପତିତଂ ମାଂ ବିଷମେ ଭବାମ୍ବୁଧୌ ।
କୃପୟା ତବ ପାଦପଙ୍କଜ-ସ୍ଥିତ-ଧୂଳୀସଦୃଶଂ ବିଚିନ୍ତୟ ।।୫।।

ହେ ନନ୍ଦ ତନୁଜ! ମୁଁ ଆପଣଙ୍କର ନିତ୍ୟ ସେବକ ଅଟେ। କିନ୍ତୁ କୌଣସି କାରଣବଶତଃ ଜନ୍ମମୃତ୍ୟୁ ରୂପ ସଂସାର ସାଗରରେ ପଡ଼ିଯାଇଛି। କୃପାକରି ମୃତ୍ୟୁ ସାଗରରୁ ମୋତେ ଉଦ୍ଧାର କରନ୍ତୁ। ମୋତେ ଆପଣଙ୍କର ଚରଣସ୍ଥିତ ଧୂଳିସଦୃଶ ଗ୍ରହଣ କରନ୍ତୁ।

—୬—

ନୟନଂ ଗଲଦଶ୍ରୁଧାରୟା ବଦନଂ ଗଦ୍‌ଗଦରୁଦ୍ଧୟା ଗିରା ।
ପୁଲକୈର୍ନିଚିତଂ ବପୁঃ କଦା ତବ ନାମଗ୍ରହଣେ ଭବିଷ୍ୟତି ।।୬।।

ହେ ପ୍ରିୟ ଭଗବାନ୍! କେବେ ଆପଣଙ୍କର ଦିବ୍ୟନାମ ଗ୍ରହଣରେ ମୋର ଚକ୍ଷୁ ଆନନ୍ଦାଶ୍ରୁ ଧାରାରେ ଅବିରତ ପ୍ଲାବିତ ହେବ? ଆପଣଙ୍କର ନାମ ଗ୍ରହଣ ସମୟରେ କେବେ ମୋର ସ୍ୱର ଗଦ୍‌ଗଦ ହୋଇ ଉଠିବ ଏବଂ ଶରୀରରେ ରୋମାଞ୍ଚ, ଜାତହେବ?

—୭—

ଯୁଗାୟିତଃ ନିମେଷଣ ଚକ୍ଷୁଷା ପ୍ରାବୃଷାୟିତମ୍ ।
ଶୂନ୍ୟାୟିତଂ ଜଗତ୍ ସର୍ବଂ– ଗୋବିନ୍ଦବିରହେଣ ମେ ।।୭।।

ହେ ଗୋବିନ୍ଦ! ଆପଣଙ୍କ ବିଚ୍ଛେଦରେ ଏକ ମୁହୂର୍ତ୍ତ ଯୁଗ (ବାରବର୍ଷ ବା ତା'ଠାରୁ ଅଧିକ) ସମ ପ୍ରତୀୟମାନ ହେଉଅଛି ଏବଂ ବର୍ଷାଧାରା ଭଳି ଅଶ୍ରୁଧାରା ପ୍ରବାହିତ ହେଉଅଛି। ଆପଣଙ୍କର ବିରହରେ ସମଗ୍ର ଜଗତ ମୋତେ ଶୂନ୍ୟ ବୋଧ ହେଉଅଛି।

— ୮ —

ଆଶ୍ଲିଷ୍ୟ ବା ପାଦରତାଂ ପିନଷ୍ଟୁ ମାମ୍
ଅଦର୍ଶନାନ୍ମର୍ମହତାଂ କରୋତୁ ବା ।
ଯଥା ତଥା ବା ବିଦଧାତୁ ଲମ୍ପଟୋ
ମତ୍ ପ୍ରାଣନାଥସ୍ତୁ ସ ଏବ ନାପରଃ ॥୮॥

କୃଷ୍ଣଙ୍କ ବ୍ୟତୀତ ଆଉ କାହାରିକୁ ମୁଁ ମୋର ପ୍ରଭୁ ବୋଲି ଜାଣେ ନାହିଁ। ସେ ମୋତେ ଆଲିଙ୍ଗନ କରି ତାଙ୍କର ବାହୁବନ୍ଧନରେ କଷ୍ଟ ଦେଲେ ସୁଦ୍ଧା କିମ୍ବା ମୋତେ ଦର୍ଶନ ନଦେଇ ମୋର ହୃଦୟରେ ଦୁଃଖ ଦେଲେ ସୁଦ୍ଧା ମୋର ପ୍ରଭୁ (ସ୍ୱାମୀ) ହୋଇ ହିଁ ବରାବର ରହିବେ। ସେ ପୂର୍ଣ୍ଣ ସ୍ୱତନ୍ତ୍ର ଈଶ୍ୱର ଅଟନ୍ତି। ସେ ଯାହା ଇଚ୍ଛା ତାହା କରିପାରନ୍ତି କାରଣ ସେ ସର୍ବଦା ସର୍ତ୍ତହୀନ ଭାବରେ ମୋର ଅର୍ଚ୍ଚନୀୟ ପ୍ରଭୁ (ବା ସ୍ୱାମୀ) ଅଟନ୍ତି।

ଗ୍ରନ୍ଥକର୍ତ୍ତାଙ୍କର ସଂକ୍ଷିପ୍ତ ଜୀବନୀ

ଶ୍ରୀଳ ଅଭୟାଚରଣାରବିନ୍ଦ ଭକ୍ତିବେଦାନ୍ତ ସ୍ୱାମୀ ପ୍ରଭୁପାଦ ୧୮୯୬ ମସିହାରେ କଲିକତାରେ ଜନ୍ମଗ୍ରହଣ କରିଥିଲେ। ୧୯୨୨ ମସିହାରେ କଲିକତାରେ ତାଙ୍କର ଆଧ୍ୟାତ୍ମିକ ଗୁରୁ ଶ୍ରୀଳ ଭକ୍ତିସିଦ୍ଧାନ୍ତ ସରସ୍ୱତୀ ଗୋସ୍ୱାମୀଙ୍କର ପ୍ରଥମେ ଦର୍ଶନ ଲାଭ କରିଥିଲେ। ଭକ୍ତି-ସିଦ୍ଧାନ୍ତ ସରସ୍ୱତୀ ଭକ୍ତିମାର୍ଗର ଖ୍ୟାତନାମା ବିଦଗ୍ଧ ପଣ୍ଡିତ ଥିଲେ ଓ ଚଉଷଠି ଗୌଡ଼ୀୟ ମଠର ପ୍ରତିଷ୍ଠାତା ଥିଲେ। ସେ ଏହି ବୁଦ୍ଧିଦୀପ୍ତ, ତେଜସ୍ୱୀ ଓ ଶିକ୍ଷିତ ଯୁବକଟିକୁ ବୈଦିକ ଜ୍ଞାନ ପ୍ରଚାର କାର୍ଯ୍ୟରେ ଜୀବନ ଉତ୍ସର୍ଗ କରିବାକୁ ଉଦ୍‌ବୃଦ୍ଧ କରିଥିଲେ। ଶ୍ରୀଳ ପ୍ରଭୁପାଦ ଏଗାର ବର୍ଷକାଳ ତାଙ୍କ ଗୁରୁଙ୍କ ନିକଟରୁ ଶିକ୍ଷା ଗ୍ରହଣ କରିଥିଲେ ଏବଂ ପରେ ୧୯୩୩ ମସିହାରେ ଆଲ୍ଲାବାଦରେ ଦୀକ୍ଷା ଗ୍ରହଣ କଲେ।

୧୯୨୨ ମସିହାରେ ଶ୍ରୀଳ ଭକ୍ତିବେଦାନ୍ତ ସରସ୍ୱତୀ ଠାକୁର ଶ୍ରୀଳ ପ୍ରଭୁପାଦଙ୍କୁ ଇଂରାଜୀ ଭାଷ୍ୟ ମାଧ୍ୟମରେ ବେଦଜ୍ଞାନ ପ୍ରଚାର କରିବାକୁ ଅନୁରୋଧ କରିଥିଲେ। ପରବର୍ତ୍ତୀ କାଳରେ ଶ୍ରୀଳ ପ୍ରଭୁପାଦ *ଭଗବଦ୍‌ଗୀତାର* ଭାଷ୍ୟ ଲେଖି ଗୌଡ଼ିୟ ମଠକୁ ସାହାର୍ଯ୍ୟ କରିଥିଲେ। ୧୯୪୪ ମସିହାରେ ସେ ଏକାକୀ ଖଣ୍ଡିଏ ଇଂରାଜୀ ପାକ୍ଷିକ ପତ୍ରିକା ନିୟମିତଭାବେ ପ୍ରକାଶ କରିବା ଆରମ୍ଭ କରିଥିଲେ। ଏପରିକି ନିଜେ ଏହା ବିତରଣ କରୁଥିଲେ। ବର୍ତ୍ତମାନ ସୁଦ୍ଧା ସେହି ପତ୍ରିକା ବିଦେଶରେ ତାଙ୍କର ଶିଷ୍ୟବୃନ୍ଦ ପ୍ରକାଶ କରୁଛନ୍ତି।

୧୯୪୭ ମସିହାରେ ଶ୍ରୀଳ ପ୍ରଭୁପାଦଙ୍କ ଦାର୍ଶନିକ ଶିକ୍ଷା ଓ ଭକ୍ତିର ଉତ୍କର୍ଷତାର ସ୍ୱୀକୃତିସ୍ୱରୂପ ଗୌଡ଼ୀୟ ବୈଷ୍ଣବ ସମାଜ ତାଙ୍କୁ 'ଭକ୍ତିବେଦାନ୍ତ' ଉପାଧିରେ ଭୂଷିତ କରିଥିଲେ। ୧୯୫୦ ମସିହାରେ ୫୪ ବର୍ଷ ବୟସରେ ଶ୍ରୀଳ ପ୍ରଭୁପାଦ ବିବାହିତ ଜୀବନରୁ ଅବସର ଗ୍ରହଣ କରି ଚାରି ବର୍ଷକାଳ ବାନପ୍ରସ୍ଥ ଆଶ୍ରମ ଜୀବନ କଟାଇ ଅଧିକ ସମୟ ଅଧ୍ୟୟନ ଓ ରଚନାରେ ମନୋନିବେଶ କରିଥିଲେ। ସେ ବୃନ୍ଦାବନରେ ମଧ୍ୟ-ଯୁଗର ଇତିହାସ-

ପ୍ରସିଦ୍ଧ ରାଧା–ଦାମୋଦର ମନ୍ଦିରରେ ଅତି ସାଧାରଣଭାବେ ଜୀବନଯାପନ କରୁଥିଲେ। ସେଠାରେ ସେ କିଛି ବର୍ଷ କଠୋର ଅଧ୍ୟୟନ ଓ ରଚନାରେ ଲିପ୍ତ ଥିଲେ। ୧୯୫୯ ମସିହାରେ ସେ ସନ୍ନ୍ୟାସ ଗ୍ରହଣ କଲେ। ରାଧାଦାମୋଦର ମନ୍ଦିରରେ ହିଁ ଶ୍ରୀଲ ପ୍ରଭୁପାଦଙ୍କର ଶ୍ରେଷ୍ଠ ଅବଦାନର ସୂତ୍ରପାତ ହୋଇଥିଲା। ସେ ଶ୍ରୀମଦ୍ ଭାଗବତର ଭାଷ୍ୟ ଓ ଭାବାର୍ଥ ସହ ଅଠର ହଜାର ଶ୍ଳୋକର ଅନୁବାଦ କରିଥିଲେ ଓ 'ଅନ୍ୟ ଗ୍ରହକୁ ସୁଗମ ଯାତ୍ରା' ପୁସ୍ତକ ମଧ୍ୟ ରଚନା କରିଥିଲେ।

୧୯୬୫ ମସିହାରେ ସେ ସମ୍ବଳହୀନ ଭାବରେ ଆମେରିକା ଯାତ୍ରା କରି ନିଉୟର୍କ ସହରରେ ପହଞ୍ଚିଲେ। ପ୍ରାୟ ବର୍ଷେକାଳ କଠୋର ପରିଶ୍ରମ କରି ସେ ଅନ୍ତଃରାଷ୍ଟ୍ରୀୟ କୃଷ୍ଣଭାବନାସଂଘ ୧୯୬୬ ମସିହା ଜୁଲାଇ ମାସରେ ପ୍ରତିଷ୍ଠା କଲେ। ତାଙ୍କର ସଯତ୍ନ ନିର୍ଦ୍ଦେଶ ଫଳରେ ଦଶ ବର୍ଷ ମଧ୍ୟରେ ସମଗ୍ର ବିଶ୍ୱର ବିଭିନ୍ନ ଦେଶରେ ଗଢି ଉଠିଲା ଶତାଧିକ ଆଶ୍ରମ, ବିଦ୍ୟାଳୟ, ମନ୍ଦିର, ସଂଘ ଓ କୃଷିସମାଜ।

୧୯୬୪ମସିହାରେ ଶ୍ରୀଲ ପ୍ରଭୁପାଦ ଆମେରିକାସ୍ଥ ପଶ୍ଚିମ ଭର୍ଜିନିଆର ପାର୍ବତ୍ୟ ଅଞ୍ଚଳରେ ନିର୍ମାଣ କଲେ ନବ ବୃନ୍ଦାବନ, ଯାହାହେଲା ବୈଦିକ ସମାଜର ପ୍ରତୀକ। ଏହି ସଫଳତାରେ ଉଦ୍‌ବୃଦ୍ଧ ହୋଇ ତାଙ୍କର ଶିଷ୍ୟଗଣ ତଦନୁରୂପ ଆଉ ଅନେକ ଗୋଷ୍ଠୀ ପ୍ରତିଷ୍ଠା କରିବାରେ ଲଗିଲେ।

୧୯୭୨ ମସିହାରେ ଶ୍ରୀଲ ପ୍ରଭୁପାଦ ପାଶ୍ଚାତ୍ୟଦେଶରେ ବୈଦିକ ଧାରା ଅନୁସାରେ ପ୍ରାଥମିକ ଓ ମାଧ୍ୟମିକ ସ୍ତରର ଶିକ୍ଷା ପ୍ରଚଳନ କଲେ। ନାମ ଦିଆଗଲା– ଗୁରୁକୂଳ–ଡ଼ାଲାସ୍‌ରେ ଓ ଟେକସାସ୍‌ରେ। ୧୯୭୨ ମସିହାରେ ଛାତ୍ର ସଂଖ୍ୟା ଥିଲା ମାତ୍ର ତିନିଜଣ ଓ ୧୯୭୫ ମସିହାରେ ମୋଟ୍ ସଂଖ୍ୟା ହେଲା ୧୫୦।

ଶ୍ରୀଲ ପ୍ରଭୁପାଦ ପଶ୍ଚିମବଙ୍ଗର ଶ୍ରୀଧାମ ମାୟାପୁରଠାରେ ଅନ୍ତଃରାଷ୍ଟ୍ରୀୟ କେନ୍ଦ୍ର ସ୍ଥାପନ କଲେ, ଯେଉଁଠାରେ ବେଦ ଅଧ୍ୟୟନ ପ୍ରତିଷ୍ଠାନର ଯୋଜନା ମଧ୍ୟ ଅନ୍ତର୍ଗତ। ବୃନ୍ଦାବନରେ କୃଷ୍ଣ–ବଳରାମ ମନ୍ଦିର ଓ ସୁବୃହତ୍ ଆନ୍ତର୍ଜାତିକ ଅତିଥିଶାଳାର ଯୋଜନା ମଧ୍ୟ ସେ କରିଯାଇଛନ୍ତି। ସେ ବହୁ କେନ୍ଦ୍ର ସ୍ଥାପନ

କରିଛନ୍ତି, ଯେଉଁଠାରେ ପାଶ୍ଚାତ୍ୟବାସିଗଣ ପ୍ରତ୍ୟକ୍ଷଭାବରେ ବୈଦିକ ସଂସ୍କୃତିର ଅଭିଜ୍ଞତା ଲାଭ କରିପାରିବେ।

ଶ୍ରୀଳ ପ୍ରଭୁପାଦଙ୍କର ଅନବଦ୍ୟ ଅବଦାନ ହେଲା ପୁସ୍ତକାବଳୀ। ତାଙ୍କର ରଚନା ଶୈଳୀ ଗାମ୍ଭୀର୍ଯ୍ୟପୂର୍ଣ୍ଣ, ପ୍ରାଞ୍ଜଳ ଏବଂ ଶାସ୍ତ୍ରାନୁମୋଦିତ। ସେହି କାରଣରୁ ବିଦଗ୍ଧ ପଣ୍ଡିତ ସମାଜରେ ତାଙ୍କ ରଚନାବଳୀ ଅତୀବ ସମାଦୃତ ଏବଂ ବହୁ ମହାବିଦ୍ୟାଳୟରେ ପାଠ୍ୟରୂପେ ବ୍ୟବହୃତ ହେଉଛି। ୧୯୭୨ ମସିହାରେ ଭକ୍ତିବେଦାନ୍ତ ବୁକ୍ ଟ୍ରଷ୍ଟ ସ୍ଥାପିତ ହେଲା। ଏହି ପ୍ରତିଷ୍ଠାନଟି ଭାରତୀୟ ଧର୍ମ ଓ ଦର୍ଶନର ଶ୍ରେଷ୍ଠତମ ପ୍ରକାଶକ ଅଟେ। ଶ୍ରୀଳ ପ୍ରଭୁପାଦ ଶ୍ରୀଚୈତନ୍ୟ ଚରିତାମୃତରେ ସପ୍ତଦଶ-ଖଣ୍ଡ ବିଶିଷ୍ଟ ଭାବାର୍ଥସହ ଅନୁବାଦ ଅଠରମାସରେ ସମ୍ପୂର୍ଣ୍ଣ କରିଥିଲେ।

ଗତ ବାରବର୍ଷ ମଧ୍ୟରେ ବୃଦ୍ଧାବସ୍ଥାରେ ମଧ୍ୟ ସେ ସମଗ୍ର ବିଶ୍ୱ ଚଉଦଥର ପ୍ରଚାର ଉଦ୍ଦେଶ୍ୟରେ ପରିଭ୍ରମଣ କରିଛନ୍ତି। ଏହି କାର୍ଯ୍ୟସୂଚୀର ପୂର୍ଣ୍ଣତା ସାଧନ କରି ମଧ୍ୟ ସେ ଅସଂଖ୍ୟ ବୈଦିକ ଦର୍ଶନ, ଧର୍ମ, ସାହିତ୍ୟ ଓ ସଂସ୍କୃତିର ପୁସ୍ତକ ଲେଖିଯାଇଛନ୍ତି। ଓଡ଼ିଶାବାସୀଙ୍କ ସୁବିଧା ପାଇଁ ତାଙ୍କ ଲେଖାର ଓଡ଼ିଆ ଅନୁବାଦମାନ ଭକ୍ତିବେଦାନ୍ତ ବୁକ୍ ଟ୍ରଷ୍ଟ ପକ୍ଷରୁ ଭୁବନେଶ୍ୱର ନୂଆପଲ୍ଲୀ ଶାଖା ଆନୁକୂଲ୍ୟରେ ପ୍ରକାଶିତ ହେଉଅଛି।

ଏହି ଭୌତିକ ଜଗତରେ ଯୁଗେଯୁଗେ ଅନେକ ଅବତାରଙ୍କର ଆବିର୍ଭାବ ହୋଇଛି,କିନ୍ତୁ ଗୌର ଅବତାର ଶ୍ରୀମନ୍ ଚୈତନ୍ୟ ମହାପ୍ରଭୁଙ୍କପରି କୌଣସି ଅବତାର ଏତେ ଉଦାରତା ସହିତ ଭଗବଦ୍ ପ୍ରେମ ବିତରଣ କରିନାହାଁନ୍ତି। ଶ୍ରୀ ଚୈତନ୍ୟ ମହାପ୍ରଭୁ ପଶ୍ଚିମ ବଙ୍ଗରେ ୧୪୮୬ ଖ୍ରୀଷ୍ଟାବ୍ଦରେ ଆବିର୍ଭୂତ ହୋଇଥିଲେ। ସେ ଏ ଧରାଧାମରେ ୪୮ବର୍ଷ ଲୀଳା କରିଥିଲେ। ତଥାପି ମାନବ ସମାଜରେ ଆଧ୍ୟାତ୍ମିକ ଚେତନା ଜାଗ୍ରତ ଉଦ୍ଦେଶ୍ୟରେ ସେ ଏକ କ୍ରାନ୍ତିକାରୀ ଆନ୍ଦୋଳନ କରିଥିଲେ। ସେ ଏଥିରେ ଲକ୍ଷ ଲକ୍ଷ ଜୀବଙ୍କୁ ପ୍ରଭାବିତ କରିଥିଲେ। ଯୁବାବସ୍ଥାରେ ମଧ୍ୟ ସେ ଜଣେ ପ୍ରସିଦ୍ଧ ବିଦ୍ୱାନ୍ ଥିଲେ। ସେ ୨୪ ବର୍ଷ ବୟସରେ ନିଜର ପରିବାର ତ୍ୟାଗ କରି ସନ୍ନ୍ୟାସ ବ୍ରତ ଅବଲମ୍ବନ କରି ସାରା ଭାରତ ଭ୍ରମଣକରି ଆଧ୍ୟାତ୍ମିକ ଚେତନାର ଶିକ୍ଷା ପ୍ରଦାନ କରିଥିଲେ। ସେ କହିଥିଲେ ମାନବ ସମାଜରେ ରହି ସମସ୍ତ ସାଂସାରିକ କର୍ତ୍ତବ୍ୟ କରି ଆଧ୍ୟାତ୍ମିକ ଚେତନାକୁ ବିକଶିତ କରିପାରିବ। ଯଦିଓ ଏଇଶିକ୍ଷା ଦୀର୍ଘ ବର୍ଷ ପୂର୍ବେ ପ୍ରଚାରିତ ହୋଇଥିଲା ତଥାପି ଆଜି ପର୍ଯ୍ୟନ୍ତ ଏହାର ଉତ୍କର୍ଷତା ଜନସମାଜ ଉପଲବ୍ଧି କରୁଛି। ତାଙ୍କର ଶିକ୍ଷାଥିଲା ଯେ ସମସ୍ତେ ଭଗବାନ୍ଙ୍କର ପ୍ରେମମୟୀ ସେବାରେ ନିଯୁକ୍ତ ହୋଇ ନିଜ ଜୀବନକୁ ସାର୍ଥକ କରିପାରିବେ। ଏହି ପୁସ୍ତକଟି ସେହି ପ୍ରେମ ପୁରୁଷୋତ୍ତମଙ୍କର ଅସାଧାରଣ ଜୀବନ ଶୈଳୀ ଓ ଶିକ୍ଷାର ସଂକ୍ଷିପ୍ତ ସୂଚନାଦିଏ।

ଭକ୍ତିବେଦାନ୍ତ
ବୁକ୍ ଟ୍ରଷ୍ଟ